ଓଡ଼ିଶାର ଏଲିନା ଭାରତର ସର୍ବକନିଷ୍ଠ ରେଟେଡ ଖେଳାଳି

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-69 ◆WEDNESDAY ◆2 SEPTEMBER 2026 ◆PAGE-12 ◆₹ 7.00

SAMBALPUR

◆ବର୍ଷ-୪୪ ◆ସଂଖ୍ୟା-୬୯ ◆ବୁଧବାର ◆୨ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

କର୍ମଚାରୀଙ୍କ ଧର୍ମଘଟ ଡାକରା; ୧୧ରୁ ୪ ଦିନ ବ୍ୟାଙ୍କ ବନ୍ଦ

■ ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ଚଳିତମାସ ୧୧ରୁ ବ୍ୟାଙ୍କ କର୍ମଚାରୀ ଦେଶବ୍ୟାପୀ ଧର୍ମଘଟ କରିବାକୁ ଯାଉଛନ୍ତି। ଏଥିଯୋଗୁ କ୍ରମାଗତ ଭାବେ ୪ ଦିନ ସାରା ଦେଶରେ ବ୍ୟାଙ୍କ ବନ୍ଦ ରହିବ। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫ୍‌ବିୟୁ) ପକ୍ଷରୁ କେତେକ ଦାବିକୁ ନେଇ ଏହି ଧର୍ମଘଟ ଡାକରା ଦେଇଛି। ବ୍ୟାଙ୍କ ୟୁନିଅନ୍ ଅନୁଯାୟୀ, ପ୍ରଥମ ଧର୍ମଘଟ ସେପ୍ଟେମ୍ବର ୧୧ରେ ଗୋଟିଏ ଦିନ ପାଇଁ ହେବ। ଏହା ପରେ କର୍ମଚାରୀମାନେ ସେପ୍ଟେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ ତିନି ଦିନିଆ ଧର୍ମଘଟ କରିବେ। ସେପ୍ଟେମ୍ବର ୧୧ ଶୁକ୍ରବାର ପଡୁଛି। ଏହାପରେ ମାସର ଦ୍ୱିତୀୟ ଶନିବାର ପଡୁଥିବାରୁ ସେହିଦିନ ଏବଂ ରବିବାର ପାଇଁ ପରଦିନ ସାଧାରଣ ଭାବେ ବ୍ୟାଙ୍କ ଛୁଟି ରହିବ। ସୋମବାର ଅର୍ଥାତ୍ ସେପ୍ଟେମ୍ବର ୧୪ ଗଣେଷ ପୂଜା ପାଇଁ ବ୍ୟାଙ୍କ ଛୁଟି।

ଏସବୁ ମିଶାଇଲେ ସେପ୍ଟେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ କମାଗତ ୪ ଦିନ ବ୍ୟାଙ୍କ ବନ୍ଦ ରହିବ। ଅପରପକ୍ଷେ ବ୍ୟାଙ୍କ ୟୁନିଅନଗୁଡ଼ିକ ସେପ୍ଟେମ୍ବରରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଧର୍ମଘଟ ଘୋଷଣା କରିଛନ୍ତି। ବ୍ୟାଙ୍କ ୟୁନିଅନଗୁଡ଼ିକ ଦୀର୍ଘ ଦିନ ଧରି ପାଞ୍ଚ ଦିନିଆ କାର୍ଯ୍ୟଦିବସ ପାଇଁ ଦାବି କରିଆସୁଛନ୍ତି। ସରକାର ସେମାନଙ୍କର ଦାବି ଗ୍ରହଣ ନକଲେ ଅକ୍ଟୋବର ୨୬ ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରିବାକୁ କର୍ମଚାରୀମାନେ ଧମକ ଦେଇଛନ୍ତି। ପ୍ରଦର୍ଶନ ଲିଙ୍କ୍ଡ୍ ଇନସେଣ୍ଟିଭ୍ (ପିଏଲ୍‌ଆଇ) ଯୋଜନା କାର୍ଯ୍ୟକାରୀ କରିବାକୁ ମଧ୍ୟ କର୍ମଚାରୀମାନେ ଦାବି କରୁଛନ୍ତି।

ବଢ଼ିଲା ବାଣିଜ୍ୟିକ ସିଲିଣ୍ଡର, ସିଏନ୍‌ଜି, ଏଟିଏଫ୍ ମୂଲ୍ୟ

■ ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ନୂଆ ମାସ ସେପ୍ଟେମ୍ବର ପ୍ରଥମ ଦିନରୁ ଗ୍ରାହକଙ୍କୁ ମହଙ୍ଗା ମାଡ଼। ବଢ଼ିଛି ବାଣିଜ୍ୟିକ ସିଲିଣ୍ଡର ଦର। ୧୯ କିଲୋଗ୍ରାମ ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟରେ ୯ ଟଙ୍କା ୫୦ ପଇସା ବୃଦ୍ଧି ସହ ସିଲିଣ୍ଡର ପିଛା ମୂଲ୍ୟ ୨୭୪୭.୫୦ ଟଙ୍କାରେ ପହଞ୍ଚିଛି। ଓଡ଼ିଶାରେ ଏହି ମୂଲ୍ୟ ୧୧ ଟଙ୍କା ବୃଦ୍ଧି ପାଇ ୨,୯୧୯ ଟଙ୍କାରେ ପହଞ୍ଚିଛି। ସିଲିଣ୍ଡର ଦର ବଢ଼ିବା ଫଳରେ ହୋଟେଲ, ରେସ୍ତୋରାଁ ଓ ଅନ୍ୟ ବ୍ୟବସାୟିକ ସଂସ୍ଥାଗୁଡ଼ିକ ମୂଲ୍ୟ ବୃଦ୍ଧି କରିପାରନ୍ତି। ଯାହାଫଳରେ ପୁଣି ଥରେ ମଧ୍ୟବିତ୍ତ ଶ୍ରେଣୀ ଲୋକଙ୍କ ଉପରେ ଏହାର ପ୍ରଭାବ ପଡିପାରେ। ଗ୍ୟାସ୍ ସିଲିଣ୍ଡର ସହିତ କ୍ଷୀର, ସିଏନ୍‌ଜି ଓ ପିଏନ୍‌ଜି ଗ୍ୟାସ୍ କ୍ଷେତ୍ରରେ ମଧ୍ୟ ଅଧିକ ଅର୍ଥ ବ୍ୟୟ କରିବାକୁ ପଡିବ। ମହାନଗର ଗ୍ୟାସ ଲିମିଟେଡ୍ ସିଏନ୍‌ଜି ମୂଲ୍ୟ ପ୍ରତି କିଲୋଗ୍ରାମ ୨ ଟଙ୍କା ବୃଦ୍ଧି ଘଟାଇଛି। ସେହିଭଳି ପିଏନ୍‌ଜି ମୂଲ୍ୟ ମଧ୍ୟ ପ୍ରତି ମାନକ ଘନ ମିଟର ୧ ଟଙ୍କା ବୃଦ୍ଧି ହୋଇଛି। ଏହାଛଡା ଦୁଗ୍ଧ ଉତ୍ପାଦକ ସଂଘ ସେପ୍ଟେମ୍ବର ୧ରୁ ପ୍ରତି ଲିଟର ପାଇକାରୀ କ୍ଷୀର ମୂଲ୍ୟରେ ୯ ଟଙ୍କା ବୃଦ୍ଧି ଘୋଷଣା କରିବା ପରେ ମୁମ୍ବଇରେ କ୍ଷୀର ମହଙ୍ଗା ହୋଇଯାଇଛି। ସେହିପରି ବିମାନ ଇନ୍ଧନ ମୂଲ୍ୟ ଲଗାତାର ଦ୍ୱିତୀୟ ମାସ ପାଇଁ ବୃଦ୍ଧି ପାଇଛି। ଏଟିଏଫ୍ ମୂଲ୍ୟ ପ୍ରତି ଲିଟର ୬.୨୮ ଟଙ୍କା ବୃଦ୍ଧି ପାଇଛି। ଏହାଫଳରେ ଆଗାମୀ ଦିନରେ ବିମାନ ଭଡା ବୃଦ୍ଧି ଘଟିବାର ସମ୍ଭାବନା ରହିଛି।

ସିଜେପି ଆନ୍ଦୋଳନ

ସବୁ ମାମଲା ରଦ୍ଦ

କ୍ଷତିପୂରଣ ପାଇଁ ତିନି ମାସର ସମୟ ନେଲେ କେନ୍ଦ୍ର ସରକାର

■ ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଆନ୍ଦୋଳନ ବେଳେ ଛାତ୍ରଛାତ୍ରୀଙ୍କ ବିରୋଧରେ ଦାଖଲ ହୋଇଥିବା ସମସ୍ତ ଏଫଆଇଆରକୁ ଆଜି ରଦ୍ଦ କରିଦେଇଛନ୍ତି ସୁପ୍ରିମ କୋର୍ଟ। ସମ୍ବିଧାନର ଧାରା ୧୪୨ରେ ମିଳିଥିବା ସ୍ୱତନ୍ତ୍ର କ୍ଷମତା ବଳରେ ସର୍ବୋଚ୍ଚ ଅଦାଲତ ଏହି ପଦକ୍ଷେପ ନେଇଛନ୍ତି। ଦିଲ୍ଲୀ ସମେତ ଦେଶସାରା ହୋଇଥିବା ଆନ୍ଦୋଳନ ବେଳେ ଯେତେସବୁ ପୁଲିସ ଏଫଆଇଆର ରୁଜୁ କରିଥିଲା, ସେସମସ୍ତ ଏତଲାକୁ ରଦ୍ଦ କରିଦିଆଯାଇଛି। ସୁପ୍ରିମକୋର୍ଟଙ୍କ ଏହି ପଦକ୍ଷେପକୁ କକ୍ରୋଚ୍ ଜନତା ପାର୍ଟି (ସିଜେପି) ସ୍ୱାଗତ କରିବା ସହିତ ଆସନ୍ତା ୫ ତାରିଖରେ ଦିଲ୍ଲୀରେ ହେବାକୁ ଥିବା ପଦଯାତ୍ରା ନିଷ୍ପତ୍ତିକୁ ପ୍ରତ୍ୟାହାର କରିଛି।

ଗତ ଜୁଲାଇ ୨୦ରୁ ୨୬ ତାରିଖ ମଧ୍ୟରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ସେଥିରେ ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଥିଲା। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଘଟଣା ସହ ଜଡ଼ିତ ଅନ୍ୟ କୌଣସି ମାମଲା ଉପରେ କାର୍ଯ୍ୟାନୁଷ୍ଠାନ କିମ୍ବା ତଦନ୍ତ କରାଯିବ ନାହିଁ ଏବଂ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ବୋଲି ଧରାଯିବ। ଏଥିସହିତ, ଜୁଲାଇ ୨୦ରୁ ୨୬ ମଧ୍ୟରେ ଘଟିଥିବା ପ୍ରତିବାଦ ପାଇଁ କୌଣସି ବି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ନୂଆ ମାମଲା ରୁଜୁ କରିପାରିବେ ନାହିଁ ବୋଲି ମଧ୍ୟ କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି। ତେବେ, ଏହି ଆଦେଶରେ ଏକ ବ୍ୟତିକ୍ରମ ରଖାଯାଇଛି। କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୁଲିସକୁ କୋର୍ଟ ୨,୮୭୩ ଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ନୂଆ ମାମଲା ରୁଜୁ କରିବା ପାଇଁ ସ୍ୱତନ୍ତ୍ର ଅନୁମତି ଦେଇଛନ୍ତି। କିନ୍ତୁ ସେହି ବ୍ୟକ୍ତିମାନଙ୍କ ବିରୋଧରେ ଅପରାଧ ପ୍ରମାଣ ହେଲେ ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ ଶାନ୍ତିପୂର୍ଣ୍ଣ ପ୍ରତିବାଦରେ ସାମିଲ ହୋଇଥିବା ଯୁବ ଗୋଷ୍ଠୀଙ୍କ ସର୍ବୋତ୍ତମ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବଂ କେନ୍ଦ୍ର ସରକାର ଓ କିଛି ରାଜ୍ୟଙ୍କ ପ୍ରତିଶ୍ରୁତି ଆଧାରରେ ସମ୍ବିଧାନର ଧାରା ୧୪୨ର ପ୍ରୟୋଗ କରାଯାଇଛି। ଅଦାଲତ କ୍ଷତିପୂରଣ ପ୍ରଦାନ ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ପରାମର୍ଶ କରି ଏକ ସର୍ବଭାରତୀୟ ସ୍ତରର ସ୍ଥାୟୀ ନିୟମାବଳୀ ପ୍ରସ୍ତୁତ କରିବାକୁ କହିଛନ୍ତି। ଏଥିସହିତ, ନିଟ୍ ୨୦୨୬ ପରୀକ୍ଷା ସମ୍ବନ୍ଧୀୟ ଆତ୍ମହତ୍ୟା ଜନିତ ଘଟଣାଗୁଡ଼ିକରେ ପୀଡ଼ିତ ପରିବାରବର୍ଗଙ୍କୁ ୩ ମାସ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରିବା ପାଇଁ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି କେନ୍ଦ୍ର ସରକାର ସୁପ୍ରିମ କୋର୍ଟରେ ପ୍ରତିଶ୍ରୁତି ଦେଇଥିଲେ ଯେ ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା ଉପରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନାହିଁ।

ଇତିମଧ୍ୟରେ ନୂଆଦିଲ୍ଲୀରେ ଆସନ୍ତା ସେପ୍ଟେମ୍ବର ୫ରେ ହେବାକୁ ଥିବା ପ୍ରତିବାଦ ଶୋଭାଯାତ୍ରାକୁ ପ୍ରତ୍ୟାହାର କରିବାକୁ ଘୋଷଣା କରିଛି କକ୍ରୋଚ୍ ପାର୍ଟି। ବିକ୍ଷୋଭକାରୀଙ୍କ ବିରୋଧରେ ରୁଜୁ ମାମଲା ରଦ୍ଦ ହେବା ସହିତ ଅନ୍ୟାନ୍ୟ ଦାବି ପୂରଣ କରିବା ନେଇ ▶ପୃଷ୍ଠା-୭

କକ୍ରୋଚ୍ ଜନତା ପାର୍ଟିର ପଦଯାତ୍ରା ନିଷ୍ପତ୍ତି ପ୍ରତ୍ୟାହୃତ

ରାହୁଲଙ୍କୁ ନେଇ ବିଜେପି ସତର୍କ

■ ମୁମ୍ବାଇ, ୧।୯ (ଏଜେନ୍ସି): ଦୀର୍ଘଦିନ ଧରି ବିଜେପି ଓ ଏହାର ସହଯୋଗୀମାନେ କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ ଏକ ଦୁର୍ବଳ ପ୍ରତିଦ୍ୱନ୍ଦ୍ୱୀ ଭାବରେ ମନେ କରୁଥିଲେ। ମାତ୍ର ୨୦୨୪ ଲୋକସଭା ନିର୍ବାଚନ ପରେ ସାରା ଦେଶରେ ରାହୁଲଙ୍କ ରାଜନୈତିକ ପ୍ରଭାବ କ୍ରମଶଃ ବଢୁଥିବା ବିଜେପି ମନେ କରୁଛି । ବିଶେଷକରି ବିଜେପି ଶାସିତ ରାଜ୍ୟରେ ରାହୁଲଙ୍କ ପ୍ରଭାବକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପୁନେରେ ଆୟୋଜିତ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାହୁଲ ଗାନ୍ଧୀ ଓ ତାଙ୍କ ରାଜନୈତିକ ଅଭିଯାନ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ରାଜନୀତିକୁ ସରଗରମ କରିଛି।

ଗତ ଦୁଇ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ବିଜେପିର ରାଜନୈତିକ ଆଲୋଚନାରେ ପୁଣି ରାହୁଲ କେନ୍ଦ୍ରବିନ୍ଦୁ ହୋଇଛନ୍ତି। ଅଗଷ୍ଟ ୨୨ ତାରିଖରେ ଆୟୋଜିତ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମରେ ଛାତ୍ର ଓ ଯୁବବର୍ଗଙ୍କ ସହ ରାହୁଲଙ୍କ ବାର୍ତ୍ତା ବିନିମୟ ବିଜେପିକୁ ଚିନ୍ତିତ କରିଥିଲା। ଏବେ ଦ୍ୱିତୀୟବାର ବିଜେପି ବୈଠକରେ ତାଙ୍କର ରାଜନୈତିକ କୌଶଳ ଓ ଜନସମ୍ପର୍କ ଅଭିଯାନ ଉପରେ ବିଜେପି ଦପ୍ତରରେ ରୁଦ୍ଧଦ୍ୱାର ଆଲୋଚନା ଅନେକ ଗୁରୁତ୍ୱ ବହନ କରୁଛି।

ବୈଠକରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ବିଜେପି କର୍ମୀମାନଙ୍କୁ କଂଗ୍ରେସର ନୂଆ ରାଜନୈତିକ ରଣନୀତିକୁ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇଛନ୍ତି। ରାଜନୀତିରେ ଆଦର୍ଶବାଦୀ ଲଢେଇରୁ ଏବେ ବିଭିନ୍ନ ଜନସମସ୍ୟାକୁ ନେଇ ରାଜନୈତିକ ଅଭିଯାନର ଏକ ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଛି ବୋଲି ଉଲ୍ଲେଖ କରି ରାହୁଲଙ୍କ କାର୍ଯ୍ୟକ୍ରମକୁ ସମାଲୋଚନା କରିଛନ୍ତି । ମାତ୍ର ଯୁବ, ଛାତ୍ର ଓ ମହିଳା ଭୋଟରଙ୍କ ମଧ୍ୟରେ ରାହୁଲ ଗାନ୍ଧୀଙ୍କ ବର୍ଦ୍ଧିତ ପ୍ରଭାବକୁ ବିଜେପି ଗୁରୁତ୍ୱର ସହ ନେଉଥିବା ସଙ୍କେତ ଦେଉଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଦୀର୍ଘ ସମୟ ଧରି ବିଜେପି ରାହୁଲ ଗାନ୍ଧୀଙ୍କୁ ଏକ ଦୁର୍ବଳ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉପସ୍ଥାପନ କରୁଥିଲା। କିନ୍ତୁ ଏବେ ତାଙ୍କର ଅଭିଯାନ ଓ କଂଗ୍ରେସର ସଂଗଠନ ପୁନର୍ଗଠନ ▶ପୃଷ୍ଠା-୭

କଂଗ୍ରେସର ରାଜନୈତିକ ରଣନୀତିକୁ ଅନୁଧ୍ୟାନ ପାଇଁ ଦଳୀୟ କର୍ମୀଙ୍କୁ ଫଡ଼ନାଭିସ୍‌ଙ୍କ ପରାମର୍ଶ

୬ଦିନିଆ ଦିଲ୍ଲୀ ଗସ୍ତରେ ନବୀନ

■ ଭୁବନେଶ୍ୱର, ୧।୯ (ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଙ୍ଗଳବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ବ୍ୟକ୍ତିଗତ କାର୍ଯ୍ୟରେ ସେ ଦିଲ୍ଲୀ ଗସ୍ତରେ ଯାଇଥିବା ସୂଚନା ମିଳିଛି। ଆସନ୍ତା ୬ ତାରିଖ ଦିନ ସେ ଓଡ଼ିଶା ଫେରିପାରନ୍ତି ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଏହି ଅବସରରେ ବିମାନବନ୍ଦରରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ସମୂହ ଛୁଟିରେ ଯୋଗାଣ ସହାୟକ

■ ଭୁବନେଶ୍ୱର, ୧।୯ (ସମିସ): ସମୂହ ଛୁଟିରେ ଯିବେ ଯୋଗାଣ ସହାୟକ। ସେପ୍ଟେମ୍ବର ୨ ଅର୍ଥାତ ବୁଧବାରଠାରୁ ରାଜ୍ୟର ୨୦ ଜିଲ୍ଲାର ଯୋଗାଣ ସହାୟକ ସମୂହ ଛୁଟିରେ ଯିବେ। ଫଳରେ ଏହି ଜିଲ୍ଲାଗୁଡ଼ିକରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଗୁରୁତର ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେମାନଙ୍କ ଦାବି ପୂରଣ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରି ରାଜ୍ୟ ଯୋଗାଣ ସହାୟକ ମହାସଂଘ ଏହି ନିଷ୍ପତ୍ତି ନେଇଛି। ମହାସଂଘ କହିଛି, ବୁଧବାରଠାରୁ ସମୂହ ଛୁଟିରେ ଯିବା ସହ ସେପ୍ଟେମ୍ବର ୭ ରୁ ଭୁବନେଶ୍ୱର ଲୋୟର ପିଏମଜିରେ ଅହୋରାତ୍ର ଧାରଣ ଦିଆଯିବ। ଏଥିରେ ୨୦ ଜିଲ୍ଲାର ଯୋଗାଣ ସହାୟକମାନେ ଯୋଗ ଦେବେ।

ବନ୍ଦହେବ ପିଡିଏସ୍ ବଣ୍ଟନ

ଗତ ୧୪ ବର୍ଷ ଧରି ରାଜ୍ୟର ପଞ୍ଚାୟତ ସ୍ତରରେ ଯୋଗାଣ ସହାୟକମାନେ ସରକାରୀ ଜନସେବାର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଷ୍ଠାର ସହିତ ସମ୍ପାଦନ କରିଆସୁଛନ୍ତି। ଏଥିରେ ପିଡିଏସ୍ ମାଧ୍ୟମରେ ରାସନ ସାମଗ୍ରୀ ବଣ୍ଟନ, ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ, ନିର୍ବାଚନୀ କାର୍ଯ୍ୟ, କୋଭିଡ୍-୧୯ ସମୟରେ ଜନସେବା ଏବଂ ବର୍ତ୍ତମାନ ଚାଲିଥିବା ଇ-କେୱାଇସି କାର୍ଯ୍ୟ ସାମିଲ ରହିଛି। ତେବେ ସଂଘର ଅଭିଯୋଗ ହେଉଛି, ଦୀର୍ଘ ୧୪ ବର୍ଷର ▶ପୃଷ୍ଠା-୭

ଜେଲ୍‌ରୁ ବାହାରିଲେ ବିକ୍ରମ ପଣ୍ଡା

ହଜାର ହଜାର ସମର୍ଥକଙ୍କ ସ୍ୱାଗତ; ଗଜପତିନଗର ପର୍ଯ୍ୟନ୍ତ ଜନସମୁଦ୍ର

■ ବ୍ରହ୍ମପୁର, ୧।୯ (ସମିସ): ଜେଲ୍‌ରୁ ମୁକୁଳି ନିଜ ମାଟିକୁ ଫେରିଛନ୍ତି ବିଜୁ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା। ତାଙ୍କ ମୁକ୍ତିକୁ ନେଇ ବ୍ରହ୍ମପୁରରେ ଦେଖିବାକୁ ମିଳିଛି ବିପୁଳ ଉତ୍ସାହ। ଜେଲ୍ ଫାଟକ ଠାରୁ ଗଜପତିନଗର ସ୍ଥିତ ବାସଭବନ ତଥା ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଜନସମାଗମ। ହଜାର ହଜାର ବିଜେଡି କର୍ମୀ, ସମର୍ଥକ, ଯୁବାବର୍ଗ ଓ ଶତାଧିକ ଆଇନଜୀବୀ ବିକ୍ରମଙ୍କୁ ପାଛୋଟି ଆଣିଥିଲେ।

ଗତକାଲି ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ୍ ମିଳିବା ପରେ ବ୍ରହ୍ମପୁର କୋର୍ଟରୁ ଆଜି ବିକ୍ରମ ମୁକୁଳିଛନ୍ତି। ବିକ୍ରମ ବାହାରକୁ ଆସିବା ମାତ୍ରେ ତାଙ୍କୁ ଫୁଲମାଳ ସହ ସ୍ୱାଗତ କରାଯାଇଥିଲା। ବିକ୍ରମଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଗଜପତିନଗର ଅଭିମୁଖେ ବାହାରିଥିଲା। ସମଗ୍ର ଅଞ୍ଚଳ ଲୋକାରଣ୍ୟରେ ପରିଣତ ହୋଇଥିଲା। ଏତେ ବଡ଼ ଜନସମାଗମ ହୋଇଥିଲା ଯେ ଶୋଭାଯାତ୍ରାକୁ ମଧ୍ୟ ସ୍ଥଗିତ କରିବାକୁ ପଡ଼ିଥିଲା। ନିଜ ପ୍ରତି ସମର୍ଥକଙ୍କ ଏଭଳି ଭଲପାଇବା ଓ ଆସ୍ଥା ଦେଖି ବିକ୍ରମ ଭାବବିହ୍ୱଳ ହୋଇ ସମସ୍ତଙ୍କୁ ହାତଯୋଡ଼ି କୃତଜ୍ଞତା ଜଣାଇଥିଲେ।। ପରେ ବିକ୍ରମ ଗଜପତି ନଗର ସ୍ଥିତ ନିଜ ବାସଭବନରେ ପହଞ୍ଚି ବାପା ଓ ମା'ଙ୍କ ଆଶୀର୍ବାଦ ନେଇଥିଲେ।

ବିକ୍ରମଙ୍କ ଦୁଇ ଭଉଣୀ ଜାମିନଦାର ଭାବେ ଆଜି କୋର୍ଟରେ ହାଜର ହୋଇଥିଲେ। ପରେ ପରିବାର ସଦସ୍ୟମାନେ ଜେଲ୍‌କୁ ଯାଇ ତାଙ୍କୁ ପାଛୋଟି ଆଣିଥିଲେ। ଘରକୁ ଫେରିବା ପରେ ବିକ୍ରମ ▶ପୃଷ୍ଠା-୭

ମିଥ୍ୟା ମାମଲାରେ ଫସାଯାଇଥିଲା, ଧର୍ମର ହୋଇଛି ଜୟ: ବିକ୍ରମ

ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧।୯ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ପ୍ରଥମ ବିଭାଗୀୟ ଜଳଶକ୍ତି ସମ୍ମିଳନୀରେ ତାଙ୍କର ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁଯାୟୀ ସେପ୍ଟେମ୍ବର ୧ ଓ ୨ରେ ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ଜଳ ସମ୍ପର୍କିତ ଚାରିଟି ପ୍ରମୁଖ ବିଷୟ ଉପରେ ଆଲୋଚନା ହେଉଛି। ଜଳ ଭିତ୍ତିଭୂମି ପ୍ରକଳ୍ପର ସମୟୋଚିତ କାର୍ଯ୍ୟାନ୍ୱୟନ, ଜଳ ସଞ୍ଚୟ ଜନ ଭାଗିଦାରୀ-କ୍ୟାଚ୍ ଦ ରେନ୍, ପାନୀୟଜଳ ଉତ୍ସର ସ୍ଥାୟୀତ୍ୱ ଏବଂ ଜଳ ଜୀବନ ମିଶନ୍-୨.୦ ଅଧୀନରେ ଗ୍ରାମୀଣ ପାନୀୟଜଳ ଯୋଗାଣ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଯିବ। ଏଥିସହ ପ୍ରକଳ୍ପ କାର୍ଯ୍ୟାନ୍ୱୟନ, ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ, ଜଳ ସଂରକ୍ଷଣ, ବର୍ଷାଜଳ ଅମଳ, ଭୂତଳ ଜଳର ପୁନଃଭରଣ, ଡିଜିଟାଲ୍ ମନିଟରିଂ, ଜଳ ସମ୍ପତ୍ତିର ପରିଚାଳନା ଏବଂ ଜଳ ପରିଚାଳନାରେ ସମ୍ପ୍ରଦାୟର ଭୂମିକା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବ। ସମ୍ମିଳନୀରେ ବୁଧବାର ▶ପୃଷ୍ଠା-୭

ଓଡ଼ିଶା ଡିଜିପି ନିଯୁକ୍ତି ମାମଲା

ସୁପ୍ରିମକୋର୍ଟରେ ଶୁଣାଣି ଆଜି

■ ଭୁବନେଶ୍ୱର, ୧।୯ (ସମିସ): ଆସନ୍ତାକାଲି ସୁପ୍ରିମକୋର୍ଟରେ ହେବାକୁ ଯାଉଛି ରାଜ୍ୟ ପୁଲିସ ଡିଜି ନିଯୁକ୍ତି ମାମଲାର ଶୁଣାଣି। ଗତ କିଛି ସପ୍ତାହ ହେଲା ରାଜ୍ୟରେ ଡିଜିପି ପଦକୁ ନେଇ ଲାଗି ରହିଥିବା ବିବାଦ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ରାୟ ଅନେକ ଗୁରୁତ୍ୱ ବହନ କରୁଛି । ତେଣୁ ରାଜ୍ୟର ନଜର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ନିବଦ୍ଧ ହୋଇଛି। ଗତ ଅଗଷ୍ଟ ୧୬ ତାରିଖରେ ତତ୍କାଳୀନ ପୁଲିସ ଡିଜି ୱାଇ.ବି ଖୁରାନିଆ ଅବସର ନେଇଥିଲେ। ଏହାପୂର୍ବରୁ ରାଜ୍ୟ ସରକାର କିଛି ବରିଷ୍ଠ ଆଇପିଏସ୍ ଅଫିସରଙ୍କ ନାମ ୟୁପିଏସ୍‌ସିକୁ ପଠାଇଥିଲେ। ୟୁପିଏସ୍‌ସି ଏମାନଙ୍କ ମଧ୍ୟରୁ ୩ଟି ନାମ ରାଜ୍ୟ ସରକାରଙ୍କ ପାଖକୁ ପଠାଇଥାନ୍ତା। ଏହି ୩ ଜଣଙ୍କ ମଧ୍ୟରୁ ଜଣେ ରାଜ୍ୟରେ ପରବର୍ତ୍ତୀ ପୁଲିସ ଡ଼ିଜି ହୋଇଥାଆ।।ନେ। ମାତ୍ର ଏହାପୂର୍ବରୁ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ୟୁପିଏସ୍‌ସି ଭବନରେ ଓଡ଼ିଶା ଡିଜି ମନୋନୟନ ନିମନ୍ତେ ଅନୁଷ୍ଠିତ ବୈଠକରେ ଉପୁଜିଥିବା ବିବାଦ ଏଥିରେ ବାଧକ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି.ଚିଦାମ୍ବରମ୍ ଯୁକ୍ତି କରିଥିଲେ ଯେ ଓଡ଼ିଶା ସରକାର ଡିଜି ନିଯୁକ୍ତିରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ପ୍ରକାଶ ସିଂ ମାର୍ଗଦର୍ଶିକାକୁ ଉଲ୍ଲଂଘନ କରିଛନ୍ତି। ଏହାପରେ ସୁପ୍ରିମ୍‌କୋର୍ଟ ପ୍ରକାଶ ସିଂ ମାମଲାର ଆମିକସ୍ କ୍ୟୁରୀ ରାଜୁ ରାମଚନ୍ଦ୍ରନ୍‌ଙ୍କ ମତାମତ ଲୋଡିଥିଲେ। ଶ୍ରୀ ରାମଚନ୍ଦ୍ରନ୍ ଓଡ଼ିଶାରେ ଡିଜି ମନୋନୟନରେ ପ୍ରକାଶ ସିଂ ଗାଇଡ଼୍‌ଲାଇନ୍‌ର ଉଲଙ୍ଘନ ହୋଇଥିବା ମତ ଦେଇଥିଲେ। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏଜି ପୀତାମ୍ବର ଆଚାର୍ଯ୍ୟ ରାଜ୍ୟ ସରକାର କୌଣସି ନିୟମ ଉଲଙ୍ଘନ କରି ନଥିବା ଯୁକ୍ତି ବାଢ଼ିଥିଲେ ହେଁ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ ଡିଜି ଚୟନ ପ୍ରକ୍ରିୟାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୧୬ରେ ପୂର୍ବତନ ଡିଜିଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ରାଜ୍ୟ ସରକାର ବିନୟତୋଷ ମିଶ୍ରଙ୍କୁ କାର୍ଯ୍ୟକାରୀ ଡିଜି ନିଯୁକ୍ତ କରିଛନ୍ତି।

ଆୟ ବଢୁନି, କରଜ ହେଲାଣି ଦୁଇଗୁଣ

ରାଜ୍ୟର ପ୍ରତି ଚାଷୀ ପରିବାର ଉପରେ ୩୨,୭୨୧ଟଙ୍କା ଋଣ

■ ଭୁବନେଶ୍ୱର, ୧।୯ (ସମିସ): ଓଡ଼ିଶାରେ ଡ଼ବଲ ଇଞ୍ଜିନ ସରକାର ଆସିଲେ ଚାଷୀଙ୍କ ଆୟ ଦୁଇଗୁଣ ହୋଇଯିବ। ଏପରି ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲା ବିଜେପି। ମାତ୍ର ଦୁଇ ବର୍ଷ ମଧ୍ୟରେ ଚାଷୀ କିପରି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତାହା ସମସ୍ତେ ଦେଖୁଛନ୍ତି। ପଞ୍ଜୀକରଣଠାରୁ ଆରମ୍ଭ କରି ଧାନ ବିକ୍ରି ପର୍ଯ୍ୟନ୍ତ ଚାଷୀ ଅକଥନୀୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ସମୟରେ କୃଷି ମନ୍ତ୍ରଣାଳୟ ପକ୍ଷରୁ ସଂସଦରେ ଉପସ୍ଥାପିତ ତଥ୍ୟ ରାଜ୍ୟରେ ଚାଷ ସମସ୍ୟା ଓ ଚାଷୀଙ୍କ ଦୁର୍ଦ୍ଦଶାକୁ ଉଜାଗର କରିଛି। ଓଡ଼ିଶାରେ ପ୍ରତି ଚାଷୀ ପରିବାର ପିଛା ବକେୟା ଋଣ ପରିମାଣ ୩୨,୭୨୧ ଟଙ୍କା ବୋଲି କେନ୍ଦ୍ର ସରକାର ତଥ୍ୟ ରଖିଛନ୍ତି। ଏହା ଏନ୍‌ଏସ୍‌ଓର ୭୭ତମ ରାଉଣ୍ଡ ସିଚୁଏସନ ଆସେସମେଣ୍ଟ ସର୍ଭେ ଉପରେ ଆଧାରିତ ବୋଲି କୁହାଯାଉଛି। ତେବେ ବିଡ଼ମ୍ବନା ହେଉଛି ୨୦୨୬ରେ ପ୍ରତ୍ୟେକ ଚାଷୀଙ୍କ ପରିବାରର ହାରାହାରି ଋଣ କେତେ ତାହାର ତଥ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ନାହିଁ।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଦେଶର ଚାଷୀମାନଙ୍କ ଉପରେ ମୋଟ ବକେୟା ଋଣ ପରିମାଣ ୩୧.୩୫ ଲକ୍ଷ କୋଟି। ଏହାମଧ୍ୟରୁ ଫସଲ ଋଣ ପରିମାଣ ୧୬.୩୪ ଲକ୍ଷ କୋଟି ଓ ଅବଧି ଋଣ ପରିମାଣ ୧୫ ଲକ୍ଷ କୋଟିରୁ ଅଧିକ। ଦେଶରେ ସକ୍ରିୟଥିବା ୭.୭୨ କୋଟି କିସାନ କ୍ରେଡ଼ିଟ୍ କାର୍ଡଗୁଡ଼ିକ ଉପରେ ବକେୟା ଋଣ ୧୦ ଲକ୍ଷ କୋଟି ଅତିକ୍ରମ କରିଛି। ଓଡ଼ିଶାରେ ମଧ୍ୟ ସ୍ଥିତି ତଦନୁରୂପ । ରାଜ୍ୟ ସରକାର ଧାନ କ୍ରୟରେ ରେକର୍ଡ କରିଥିବା କୁହାଯାଉଛି। ଖରିଫ୍ ୨୦୨୫-୨୬ ମାର୍କେଟିଂ ସିଜନ୍‌ରେ ୭୭.୭୮ ଲକ୍ଷ ଟନ୍ ଧାନ କ୍ରୟ କରାଯାଇଛି ଓ ୧୩.୬୯ ଲକ୍ଷ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କା ପ୍ରଦାନ କରାଯାଉଛି। ଏପରିକି ଇନ୍‌ପୁଟ ସହାୟତା ବାବଦରେ ୩,୯୮୫.୭୩ କୋଟି ଟଙ୍କା ସରକାର ପ୍ରଦାନ କରିଥିବା ମଧ୍ୟ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବା ତ ଦୂରର କଥା, କରଜ ପରିମାଣ ବଢ଼ିବଢ଼ି ଚାଲିଛି। ଓଡ଼ିଶାରେ ଚାଷୀମାନେ ଚାଷ ପାଇଁ ବ୍ୟାଙ୍କ ଓ ସମବାୟ ସଂସ୍ଥାରୁ ଋଣ ନେଉଛନ୍ତି, ଋଣୀ ଚାଷୀଙ୍କ ସଂଖ୍ୟା ବଢୁଛି । ମାତ୍ର ଆୟ ବୃଦ୍ଧି ନ ହେବାରୁ ଚାଷୀମାନେ ଋଣ ପରିଶୋଧ କ୍ଷମତା ହରାଉଛନ୍ତି ।

ଓଡ଼ିଶାରେ ଚାଷ ଖର୍ଚ୍ଚ ବୃଦ୍ଧି, ସାର-କୀଟନାଶକ ଦର, ଶ୍ରମିକ ମଜୁରି, ଅନିୟମିତ ବର୍ଷା, ବନ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଆୟକୁ ପ୍ରଭାବିତ କରିଥିବା ଅଭିଯୋଗ ହୋଇଛି ।

ସକାଳ
THE SAKALA
www.sakalaepaper.com

ମଝି ଆକାଶରେ ଇଞ୍ଜିନ୍ ଫେଲ୍; ଗୋଆରେ ଇଣ୍ଡିଗୋ ବିମାନର ଜରୁରୀକାଳୀନ ଅବତରଣ

ନୂଆଦିଲ୍ଲୀ, ୨୧୯(ଏଜେନ୍ସି): ଗୋଆରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋର ଏକ ବିମାନ ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଛି। ଏହାପରେ ଗୋଆ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି। ମଙ୍ଗଳବାର ସକାଳେ ବିମାନଟି ଗୋଆରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ମାତ୍ର କିଛି ସମୟ ପରେ ଏହାର ଏକ ଇଞ୍ଜିନ ଅଚଳ ହୋଇପଡ଼ିଥିଲା। ଫଳରେ ପାଇଲଟ୍ ତୁରନ୍ତ ବିମାନକୁ ସୁରକ୍ଷିତ ଭାବେ ପୁନର୍ବାର ଗୋଆକୁ ଫେରାଇ ଆଣିବାରୁ ଏକ ବଡ଼ ବିପଦ ଟଳିଯାଇଥିଲା। ଯାନ୍ତ୍ରିକ ତ୍ରୁଟି ସମ୍ପର୍କରେ ସୂଚନା ମିଳିବା ପରେ, ଏୟାର ଟ୍ରାଫିକ କଣ୍ଟ୍ରୋଲ ପକ୍ଷରୁ ବିମାନବନ୍ଦରରେ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଥିଲା। ବିମାନ ଚଳାଚଳ ଟ୍ରାକରର ତଥ୍ୟ ଅନୁଯାୟୀ, ବିମାନଟି ଦକ୍ଷିଣ ମହାରାଷ୍ଟ୍ରର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୧୪, ୦୦୦ ଫୁଟ ଉଚ୍ଚତାରେ ଉଡୁଥିବା ସମୟରେ ଏହି ତ୍ରୁଟି ଦେଖା ଦେଇଥିଲା। ପରେ ଏହାର ଗତିପଥ ବଦଳାଇ ସକାଳ ୯.୫୧ରେ ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା। ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ଓହ୍ଲାଇଛନ୍ତି। ବର୍ତ୍ତମାନ ବିମାନର ଯାନ୍ତ୍ରିକ ଯାଞ୍ଚ କରାଯାଉଛି। ସମସ୍ତ ଆବଶ୍ୟକୀୟ ଅନୁମତି ମିଳିବା ପରେ ଏହା ପୁଣି କାର୍ଯ୍ୟକ୍ଷମ ହେବ। ଅନ୍ୟପଟେ ଯାତ୍ରୀମାନଙ୍କ ଗନ୍ତବ୍ୟ ସ୍ଥଳ ଯାତ୍ରା ପାଇଁ ଏହି ବିମାନକୁ ଅପରାହ୍ଣ ୩.୩୦ ମିନିଟରେ ପୁନଃ ନିର୍ଦ୍ଧାରିତ କରାଯାଇଛି। ତେବେ ଇଞ୍ଜିନରେ କେଉଁ ପ୍ରକାରର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା, ସେ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ସୂଚନା

ଭାରତ, ଚୀନ, ଆମେରିକାକୁ ଦାୟୀ କଲା ନେପାଳ

ସହାୟତା ନୁହେଁ, ଜଳବାୟୁ କ୍ଷତିପୂରଣ ଦିଅ

କାଠମାଣ୍ଡୁ, ୨୧୯(ଏଜେନ୍ସି): ନେପାଳରେ ଭୂସ୍ଖଳନ ଜନିତ ଆକସ୍ମିକ ବନ୍ୟାକୁ ନେପାଳ 'ହିମାଳୟ ସୁନାମି' କହିଛି। ଏଥିରେ ବ୍ୟାପକ ଧନଜୀବନ ହାନି ଘଟିଛି। ଏହି ପ୍ରଳୟରେ ୧,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ପ୍ରାୟ ୪, ୦୦୦ ଲୋକ ଏବେ ବି ନିଖୋଜ ଅଛନ୍ତି। ଏହାପରେ ନେପାଳ ନିଜର କୂଟନୈତିକ ଆଭିମୁଖ୍ୟରେ ବଡ଼ ପରିବର୍ତ୍ତନ ଆଣିଛି। ଦେଶଟି ବର୍ତ୍ତମାନ ଅନ୍ତର୍ଜାତୀୟ ମାନବିକ ସହାୟତା ପରିବର୍ତ୍ତେ ପ୍ରମୁଖ ପ୍ରଦୂଷଣକାରୀ ରାଷ୍ଟ୍ରମାନଙ୍କଠାରୁ ଜଳବାୟୁହାନି ଜନିତ କ୍ଷତିପୂରଣ ଦାବି କରିବା ଆରମ୍ଭ କରିଛି।

ଗତ ଅଗଷ୍ଟ ୨୬ରେ ନେପାଳ-ତିବ୍ବତ ସୀମାରେ ବରଫ ଓ ପଥର ସ୍ଖଳନ କାରଣରୁ ଭୋଟେକୋଶୀ ନଦୀରେ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହୋଇଥିଲା। ଏହା ଘରଦ୍ୱାର, ରାସ୍ତାଘାଟ, ପୋଲ ଏବଂ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି। ଏହି ବିପର୍ଯ୍ୟୟକୁ ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ 'ହିମାଳୟ ସୁନାମି' ବୋଲି ଅଭିହିତ କରିଛନ୍ତି। କାରଣ ଏହି ଦୁର୍ବିପାକରେ ବନ୍ୟା ଜଳର ବେଗ ଘଣ୍ଟା ପ୍ରତି ୧୮୦ କିଲୋମିଟର ଏବଂ ଢେଉର ଉଚ୍ଚତା ୨୦ ରୁ ୩୦ ମିଟର ରହିଥିଲା। ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ପ୍ରକାଶ କରିଛନ୍ତି ଯେ, ଗ୍ରୀନହାଉସ ଗ୍ୟାସ ନିର୍ଗମନରେ ନେପାଳର ଯୋଗଦାନ ନଗଣ୍ୟ। କିନ୍ତୁ ବିଶ୍ୱର ପ୍ରମୁଖ ଶିଳ୍ପପ୍ରଧାନ ରାଷ୍ଟ୍ର ଯଥା ଚୀନ୍, ଆମେରିକା ଏବଂ ଭାରତ ଭଳି ଦେଶଗୁଡ଼ିକର ଅଦୂରଦର୍ଶୀ କାର୍ଯ୍ୟ ପାଇଁ ନେପାଳକୁ ଚରମ ମୂଲ୍ୟ ଦେବାକୁ ପଡୁଛି। ଏହି ପ୍ରଦୂଷଣକାରୀ ଦେଶଗୁଡ଼ିକର ଏକ ନୈତିକ ଦାୟିତ୍ୱ ରହିଛି। ସେମାନେ ନେପାଳ ଭଳି ପ୍ରଭାବିତ ରାଷ୍ଟ୍ରକୁ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ଖାନାଲ କହିଛନ୍ତି। ନେପାଳ ସରକାର ଏହି ବିପର୍ଯ୍ୟୟରୁ ମୁକୁଳିବା ପାଇଁ ୫୦୦ କୋଟି ଡଲାରର ବ୍ୟୟ ଅଟକଳ କରିଛନ୍ତି। ଏହାସହ ମିଳିତ ଜାତିସଂଘର ଏକ ସ୍ୱତନ୍ତ୍ର ପାଣ୍ଠିରୁ ଜରୁରୀକାଳୀନ ଆର୍ଥିକ ସହାୟତା ଲୋଡ଼ିଛନ୍ତି। ହିମାଳୟର ଗ୍ଲାସିୟର ତରଳିଲେ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀ ଉପରେ ନିର୍ଭର କରୁଥିବା ଦକ୍ଷିଣ ଏସିଆର ପ୍ରାୟ ୨୦୦ କୋଟି ଲୋକଙ୍କ ଜୀବନ ବିପନ୍ନ ହେବ। ତେବେ ବର୍ତ୍ତମାନ ଭାରତ ଏବଂ ଚୀନର ବୈଷୟିକ ଦଳ ନେପାଳରେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଛନ୍ତି।

ନେପାଳ ବନ୍ୟା ପ୍ରଳୟ; ମୃତ୍ୟୁ ସଂଖ୍ୟା ହଜାରେ ଟପିଲା

କାଠମାଣ୍ଡୁ, ୨୧୯(ଏଜେନ୍ସି): ନେପାଳରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ୧, ୦୦୩ ରେ ପହଞ୍ଚିଛି। ଭୋଟେକୋଶୀ ଏବଂ ଏହାର ଆଖପାଖ ଅଞ୍ଚଳରେ ହୋଇଥିବା ଏହି ପ୍ରଳୟଙ୍କରୀ ବିପର୍ଯ୍ୟୟ ପରେ ପ୍ରାୟ ଏକ ସପ୍ତାହ ଧରି ଉଦ୍ଧାର ଓ ସହାୟତା କାର୍ଯ୍ୟ ଜାରି ରହିଛି। ନେପାଳ ସରକାର ଜୀବନ ରକ୍ଷା କରିବା ଏବଂ ବନ୍ୟା ବିପନ୍ନଙ୍କୁ ସହାୟତା

ଯୋଗାଇବା ଉପରେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦେଉଛନ୍ତି ବୋଲି ଜାତୀୟ ସ୍ୱତନ୍ତ୍ର ପାର୍ଟି ନେତା ତଥା ସାଂସଦ ରହବର ଅନସାରୀ ମଙ୍ଗଳବାର ପ୍ରକାଶ କରିଛନ୍ତି। ସାଂସଦ ଅନସାରୀ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ଲୋକଙ୍କୁ ଉଦ୍ଧାର କରିବା, ସେମାନଙ୍କ ନିକଟରେ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ଏବଂ ପ୍ରାଣ ହରାଇଥିବା ଲୋକଙ୍କ ମୃତଦେହର ସଠିକ୍ ପରିଚାଳନା କରିବା ସବୁଠାରୁ ବଡ଼ ଆହ୍ୱାନ ଓ ପ୍ରାଥମିକତା ରହିଛି। ବିପର୍ଯ୍ୟୟ ପାଇଁ କିଏ ଦାୟୀ ବା କେଉଁଠି ତ୍ରୁଟି ରହିଲା ସେ ନେଇ ତଦନ୍ତ କରିବାର ଏହା ସଠିକ୍ ସମୟ ନୁହେଁ। ଏହି ମୁହୂର୍ତ୍ତରେ ଆମକୁ କେବଳ ଲୋକଙ୍କ ଜୀବନ ବଞ୍ଚାଇବା ଏବଂ ସୁରକ୍ଷିତ ଲୋକଙ୍କୁ ପର୍ଯ୍ୟାପ୍ତ ସହାୟତା ପ୍ରଦାନ କରିବା ଲକ୍ଷ୍ୟ ରହିଛି। ତେବେ ପରିସ୍ଥିତି ସ୍ୱାଭାବିକ ହେବା ପରେ ସରକାର ଏହି ବିପର୍ଯ୍ୟୟର ପ୍ରକୃତ କାରଣ ଖୋଜି ବାହାର କରିବେ। ଭବିଷ୍ୟତରେ ଏଭଳି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଅନସାରୀ ଆଶ୍ୱାସନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ନେପାଳରେ ବ୍ୟାପକ ବିନାଶ ଘଟିଛି। ବର୍ତ୍ତମାନ ସୁଦ୍ଧା ହଜାର ହଜାର ଲୋକ ନିଖୋଜ ଅଛନ୍ତି ଏବଂ ଅନେକ ପରିବାର ନିଜର ପ୍ରିୟଜନଙ୍କୁ ହରାଇ ସର୍ବସ୍ୱାନ୍ତ ହୋଇଛନ୍ତି। ବନ୍ୟା ଯୋଗୁଁ ସ୍ଥାନୀୟ ବ୍ୟବସାୟୀ ଓ କୃଷକମାନେ ମଧ୍ୟ ପ୍ରବଳ ଆର୍ଥିକ କ୍ଷୟକ୍ଷତି ସହିଛନ୍ତି।

ରୁଷ ଆକ୍ରମଣ, ୟୁକ୍ରେନ୍‌ରେ ଭାରତୀୟଙ୍କ ସମେତ ୧୨ ମୃତ

କିଭ୍, ୨୧୯(ଏଜେନ୍ସି): ୟୁକ୍ରେନର ବିଭିନ୍ନ ସହର ଉପରେ ରୁଷ ପକ୍ଷରୁ ଡ୍ରୋନ ଏବଂ ବାଲିଷ୍ଟିକ ମିସାଇଲ ଦ୍ୱାରା ଆକ୍ରମଣ ହୋଇଛି। ଏଥିରେ ଜଣେ ଭାରତୀୟ ନାଗରିକଙ୍କ ସମେତ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ଆକ୍ରମଣରେ ଅନେକ ଆବାସିକ ଗୃହ ଏବଂ ସାଧାରଣ ନାଗରିକଙ୍କ ଭିତ୍ତିଭୂମି ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ରାଷ୍ଟ୍ରପତି ଜେଲେନସ୍କି ପ୍ରକାଶ କରିଛନ୍ତି ଯେ, ସୋମବାର ସନ୍ଧ୍ୟାଠାରୁ ରୁଷ ପକ୍ଷରୁ ଓଡେସା ସହର ଏବଂ ଏହାର ଆଖପାଖ ଅଞ୍ଚଳରେ କ୍ରମାଗତ ଆକ୍ରମଣ ଜାରି ରହିଛି। ଫଳରେ ହଜାର ହଜାର ପରିବାର ଅନ୍ଧାରରେ ରହିଛନ୍ତି। ରାଜଧାନୀ କିଭ୍‌ରେ ଆକ୍ରମଣ ଯୋଗୁଁ ୭ ଜଣ ପ୍ରାଣ ହରାଇଛନ୍ତି। ବୋରିସପିଲ ସହରରେ ଏକ ପାଞ୍ଚ ମହଲା କୋଠା କ୍ଷତିଗ୍ରସ୍ତ ହୋଇଛି। ସେଠାରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି।

ଏକ୍ସପ୍ରେସୱେରେ ଦୁର୍ଘଟଣା: ୬ ଶ୍ରଦ୍ଧାଳୁ ମୃତ

ଫରିଦାବାଦ/ପଲୱଲ, ୨୧୯(ଏଜେନ୍ସି): ହରିୟାଣାର ପଲୱଲ ସ୍ଥିତ କୁଣ୍ଡଲି-ମାନେସର-ପାଲୱାଲ୍ ଏକ୍ସପ୍ରେସୱେରେ ପିକ୍‌ଅପ୍ ଗାଡ଼ି ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଛି। ଫଳରେ ୬ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ରହିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପିକ୍‌ଅପ୍ ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ରାଜସ୍ଥାନର ପ୍ରସିଦ୍ଧ ଖାଟୁ ଶ୍ୟାମ ମନ୍ଦିର ଏବଂ ଅନ୍ୟାନ୍ୟ ଧର୍ମପୀଠ ଦର୍ଶନ ସାରି ଉତ୍ତରପ୍ରଦେଶର ବୃନ୍ଦାବନ ଅଭିମୁଖେ ଫେରୁଥିଲେ। ପିକ୍‌ଅପ୍ ଗାଡ଼ିରେ ଥିବା ସମସ୍ତ ଶ୍ରଦ୍ଧାଳୁ ଉତ୍ତରପ୍ରଦେଶର ମୈନପୁରୀ ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି। ପିକ୍‌ଅପ ଗାଡ଼ି ଚାଳକ ଜଣକ ଘୁମେଇ ପଡ଼ିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଠିଆ ହୋଇଥିବା ଟ୍ରକ ସହ ପିଟି ହୋଇଯାଇଥିଲା। ଦୁର୍ଘଟଣା ପରେ ଚାଳକ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୁଲିସ ତାଙ୍କୁ ଖୋଜିବା ପାଇଁ ଉଦ୍ୟମ ଜାରି ରଖିଛି। ଦୁର୍ଘଟଣା ପରେ ସ୍ଥାନୀୟ ପ୍ରଶାସନ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।

ଜିଡିପି ଅଭିବୃଦ୍ଧି କେବଳ ଏକ ପ୍ରଚାର: ଖଡ଼ଗେ

ନୂଆଦିଲ୍ଲୀ, ୨୧୯(ଏଜେନ୍ସି): ଭାରତର ପ୍ରଥମ ତ୍ରୈମାସିକ ଜିଡିପି ଅଭିବୃଦ୍ଧି ହାର ୭.୮% ରହିଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକପ୍ରକାର ସଫଳତା ଭାବେ ଦର୍ଶାଇଛନ୍ତି। କିନ୍ତୁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏନେଇ ସୋମବାର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ସରକାରଙ୍କ ଏହି ପଦକ୍ଷେପକୁ ଅର୍ଥନୀତି କ୍ଷେତ୍ରରେ କେବଳ ପ୍ରଚାର ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ଖଡ଼ଗେ ଅଭିଯୋଗ କରିଛନ୍ତି ଯେ, ଜିଡିପିକୁ ଦେଖାଇ ସରକାର ଉତ୍ସବ ପାଳୁଛନ୍ତି। କିନ୍ତୁ ଦେଶର ସାଧାରଣ ଜନତା ବେକାରୀ, ମହଙ୍ଗା ମାଡ଼ ଏବଂ ଅସମାନତା ଭଳି ତିନୋଟି ଗୁରୁତର ସମସ୍ୟାର ସାମ୍ନା କରୁଛନ୍ତି। ସେ ଦର୍ଶାଇଛନ୍ତି ଯେ ଦେଶରେ ବେକାରୀ ହାର ୫୦ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଛି। ଏହାସହିତ ଖୁଚୁରା ମୁଦ୍ରାସ୍ଫୀତି ୧୯ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଫଳରେ ଦେଶରେ ଖାଦ୍ୟସାମଗ୍ରୀର ଦରଦାମ୍ ଅହେତୁକ ଭାବେ ବୃଦ୍ଧି ପାଇଛି। ଖଡ଼ଗେ କହିଛନ୍ତି ଯେ, ଦେଶର ମାତ୍ର ୧% ଧନୀ ଲୋକଙ୍କ ହାତରେ ଦେଶର ୪୦ ପ୍ରତିଶତ ସମ୍ପତ୍ତି ରହିଛି। ସେ ଏହାକୁ ବ୍ରିଟିଶ ଶାସନଠାରୁ ମଧ୍ୟ ଖରାପ ଆର୍ଥିକ ସ୍ଥିତି ବୋଲି କହିଛନ୍ତି। ଏହାସହ ସେ ଶାସକ ଦଳର ଆର୍ଥିକ ନୀତିକୁ ଅତି ସ୍ୱାର୍ଥାନ୍ୱେଷୀ ପୁଞ୍ଜିବାଦ ଭାବେ ବର୍ଣ୍ଣନା କରିଛନ୍ତି। ଅଭିବୃଦ୍ଧି ହେଉଥିବା ଦାବି କରି ନିଜେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସୁନା କିଣିବା ଓ ବିଦେଶ ଯାତ୍ରାରୁ କ୍ଷାନ୍ତ ରହିବାକୁ ଅନୁରୋଧ କରିବା ଦେଶର ବାସ୍ତବ ଆର୍ଥିକ ସ୍ଥିତିକୁ ପଦାରେ ପକାଇଥିବା ସେ କହିଛନ୍ତି।

ମଣିପୁରରେ ପୁଣି ଉତ୍ତେଜନା; ଗୁଳିଫୁଟିବା ସହ ପୋଡ଼ିଲା ୩୦ଟି ଘର

ଇମ୍ଫାଲ, ୨୧୯(ଏଜେନ୍ସି): ମଣିପୁରର କାଙ୍ଗପୋକପି ଜିଲ୍ଲାରେ ପୁଣିଥରେ ହିଂସା ଜନିତ ସଂଘର୍ଷ ଘଟିଛି। ମଙ୍ଗଳବାର ଭୋର ପ୍ରାୟ ୪ଟାରେ ସଶସ୍ତ୍ର ଦୁର୍ବୃତ୍ତମାନେ ତିନୋଟି ଲିଆଙ୍ଗମାଇ ନାଗା ଗ୍ରାମ ଯଥା– ତାପନ ଖୁଲେନ, ତାପନ ଖୁନୌ ଏବଂ ମାକୁଇ ପିପୁରାମ ଉପରେ ଆକ୍ରମଣ କରିଥିଲେ। ଏହି ହିଂସାକାଣ୍ଡରେ ୩୦ଟି ଘର ପୋଡ଼ି ଦିଆଯାଇଛି ଏବଂ ଜଣେ ଗ୍ରାମବାସୀଙ୍କ ଦେହରେ ଗୁଳି ବାଜି ସେ ଆହତ ହୋଇଛନ୍ତି। ପୂର୍ବଦିନ ଏହି ଜିଲ୍ଲାରେ ତିନିଜଣ କୁକି ସମ୍ପ୍ରଦାୟର ନାଗରିକଙ୍କ ମୃତ୍ୟୁ ପରେ ଏହି ପ୍ରତିଶୋଧମୂଳକ ଆକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି। ଘଟଣା ପରେ ମଣିପୁର ପୁଲିସ ସମେତ ସିଆରପିଏଫ ଏବଂ ଏହାର କୋବ୍ରା ବାହିନୀ ମୁତୟନ ହୋଇଛନ୍ତି। ସୁରକ୍ଷା ବଳ ଓ ଦୁର୍ବୃତ୍ତଙ୍କ ମଧ୍ୟରେ ଗୁଳିବିନିମୟ ମଧ୍ୟାହ୍ନ ୧୨:୩୦ ପର୍ଯ୍ୟନ୍ତ ଜାରି ରହିଥିଲା। ସୂଚନାଯୋଗ୍ୟ, ମେ ୧୩ ତାରିଖରୁ ନାଗା ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଚାଲିଥିବା ସଂଘର୍ଷରେ ଏପର୍ଯ୍ୟନ୍ତ ୧୭ ଜଣଙ୍କର ମୃତ୍ୟୁ ଘଟିଲାଣି।

ଆତଙ୍କବାଦକୁ ଅସ୍ତ୍ର କରାଯିବା ଉଚିତ ନୁହେଁ

ବିଶକେକ, ୨୧୯(ଏଜେନ୍ସି): କିର୍ଗିଜସ୍ତାନର ରାଜଧାନୀ ବିଶକେକଠାରେ ଆୟୋଜିତ ୨୬ତମ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତଙ୍କବାଦ ବିରୋଧରେ ଦୃଢ଼ ମତ ପ୍ରକାଶ କରିଛନ୍ତି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏବଂ ଅନ୍ୟ ଏସସିଓ ନେତାମାନଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ ଆତଙ୍କବାଦର ସମ୍ପୂର୍ଣ୍ଣ ନେଟୱର୍କକୁ ଧ୍ୱଂସ କରିବା ସହ ଏହି ପ୍ରସଙ୍ଗରେ ଦୋମୁହାଁ ନୀତି ପାଇଁ କୌଣସି ସ୍ଥାନ ରହିବା ଉଚିତ ନୁହେଁ। ଯେଉଁ ଦେଶଗୁଡ଼ିକ ଆତଙ୍କବାଦକୁ ସେମାନଙ୍କର ନୀତିଗତ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି ଏବଂ ଆତଙ୍କବାଦୀଙ୍କୁ ଆଶ୍ରୟ ଓ ସହଯୋଗ ପ୍ରଦାନ କରୁଛନ୍ତି, ସେମାନଙ୍କୁ ସ୍ପଷ୍ଟ ବାର୍ତ୍ତା ଦିଆଯିବା ଉଚିତ। ଆତଙ୍କବାଦ କାହାରି ପାଇଁ ମଧ୍ୟ ରଣନୈତିକ ସମ୍ପତ୍ତି ହୋଇପାରିବ ନାହିଁ। ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଶେହବାଜ ସରିଫଙ୍କ ବ୍ୟତୀତ ଚୀନ୍ ରାଷ୍ଟ୍ରପତି ଶି ଜିନପିଙ୍ଗ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଇରାନ ରାଷ୍ଟ୍ରପତି ମାସୁଦ ପେଜେଶ୍କିଆନ ପ୍ରମୁଖ ନେତା ଉପସ୍ଥିତ ଥିଲେ। ଆଞ୍ଚଳିକ ସୁରକ୍ଷା ପ୍ରସଙ୍ଗ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ପଶ୍ଚିମ ଏସିଆର ସଙ୍କଟ ଉଦାହରଣ ଦେଇ ସେ କହିଛନ୍ତି ଯେ ଗୋଟିଏ ଅଞ୍ଚଳର ବିବାଦର ପ୍ରଭାବ ସମଗ୍ର ବିଶ୍ୱର ଶକ୍ତି ସୁରକ୍ଷା, ସାମୁଦ୍ରିକ ବାଣିଜ୍ୟ ଏବଂ ଯୋଗାଣ ଶୃଙ୍ଖଳା ଉପରେ ପଡ଼ିଥାଏ। ଏହିପରି ସଂଘର୍ଷ ଯୋଗୁଁ ଗ୍ଲୋବାଲ ସାଉଥ୍‌ର ଦେଶଗୁଡ଼ିକ ସବୁଠାରୁ ଅଧିକ କ୍ଷତି ସହିଥାନ୍ତି। ତେଣୁ ଭାରତ କ୍ରମାଗତ ଭାବେ ଯୁଦ୍ଧ ବଦଳରେ ଆଲୋଚନା ଓ କୂଟନୀତି ମାଧ୍ୟମରେ ସମସ୍ତ ଉତ୍ତେଜନା ଏବଂ ବିବାଦର ସମାଧାନ କରିବାକୁ ଆହ୍ୱାନ ଦେଇଆସିଛି।

ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ ମାଦକ ଦ୍ରବ୍ୟ ଚୋରା ଚାଲାଣକୁ ଯୁବପିଢ଼ି ଏବଂ ଆଞ୍ଚଳିକ ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ବୋଲି ଦର୍ଶାଇଛନ୍ତି। ଏହି ବିପଦର ମୁକାବିଲା ପାଇଁ ଏସସିଓ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗକୁ ଅଧିକ ଦୃଢ଼ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହାସହ ଯୋଗାଯୋଗ ବୃଦ୍ଧି ଉପରେ ପ୍ରଧାନମନ୍ତ୍ରୀ ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭାରତ ବଜାରଗୁଡ଼ିକୁ ଯୋଡ଼ିବା, ବାଣିଜ୍ୟକୁ ସହଜ କରିବା ଏବଂ ବିକାଶର ନୂତନ ପଥ ଉନ୍ମୁକ୍ତ କରିବା ପ୍ରୟାସକୁ ସମର୍ଥନ କରେ। କିନ୍ତୁ ଏହି ପ୍ରୟାସଗୁଡ଼ିକ ସମସ୍ତ ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ପ୍ରତି ସମ୍ମାନ ଜଣାଇବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଚୀନ୍ ରାଷ୍ଟ୍ରପତି ଶି ଜିନପିଙ୍ଗ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥାବାର୍ତ୍ତା ହେଉଥିବା ଦେଖାଯାଇଥିଲା। ପ୍ରଧାନମନ୍ତ୍ରୀ ଏବଂ ଶି ଜିନପିଙ୍ଗ ପରସ୍ପରକୁ ଅଭିବାଦନ ଜଣାଇବା ସହ ସଂକ୍ଷିପ୍ତ ଆଲୋଚନା କରିଥିଲେ।

ମମତାଙ୍କ ଭାଣିଜୀଙ୍କ ସନ୍ଦେହଜନକ ମୃତ୍ୟୁ

କୋଲକାତା, ୨୧୯(ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମ୍ପର୍କୀୟା ଭାଣିଜୀଙ୍କ ମୃତଦେହ ସନ୍ଦେହଜନକ ଭାବେ ବୀରଭୂମ ଜିଲ୍ଲାରେ ଥିବା ନିଜ ବାସଭବନରୁ ଉଦ୍ଧାର ହୋଇଛି। ମଙ୍ଗଳବାର ଅପରାହ୍ଣରେ ପୁଲିସ ତାଙ୍କ ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ

ଆରମ୍ଭ କରିଛି। ମୃତ ମହିଳାଙ୍କ ନାମ ବୃଷ୍ଟି ମୁଖାର୍ଜୀ ଘାଟକ (୨୮ ବର୍ଷ)। ବୀରଭୂମ ଜିଲ୍ଲାର ରାମପୁରହାଟ ସ୍ଥିତ ତାଙ୍କ ବାସଭବନର ଦ୍ୱିତୀୟ ମହଲାରେ ଥିବା ଏକ କୋଠରୀରୁ ତାଙ୍କର ମୃତଦେହ ଜବତ ହୋଇଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରାମପୁରହାଟ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ପରିବାର ସଦସ୍ୟଙ୍କ ଅନୁଯାୟୀ, ବୃଷ୍ଟି ଗତ କିଛି ବର୍ଷ ହେବ ମାନସିକ ଅବସାଦ ଦେଇ ଗତି କରୁଥିଲେ। ଏଥିପାଇଁ ତାଙ୍କର ଚିକିତ୍ସା ମଧ୍ୟ ଚାଲିଥିଲା। ତାଙ୍କର ବିବାହ ବିଚ୍ଛେଦ ପ୍ରକ୍ରିୟା ମଧ୍ୟ କୋର୍ଟରେ ଚାଲିଥିଲା। ବୃଷ୍ଟିଙ୍କ ନାମରେ ପୂର୍ବରୁ ସ୍କୁଲ ନିଯୁକ୍ତି ଦୁର୍ନୀତି ମାମଲାରେ ବେଆଇନ ଭାବେ ଶିକ୍ଷକ ଚାକିରି ହାସଲ କରିଥିବା ନେଇ ଅଭିଯୋଗ ହୋଇଥିଲା। ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ଅନିୟମିତତାକୁ ନେଇ ସୁପ୍ରିମକୋର୍ଟଙ୍କ ଏକ ନିର୍ଦ୍ଦେଶ ପରେ ସେ ନିଜ ଚାକିରି ହରାଇଥିଲେ। ଏହି ରହସ୍ୟଜନକ ମୃତ୍ୟୁ ଘଟଣାର କିଛି ଦିନ ପୂର୍ବରୁ ତୃଣମୂଳ କଂଗ୍ରେସର ବରିଷ୍ଠ ନେତା ତଥା ପଶ୍ଚିମବଙ୍ଗ ବିଧାନସଭାର ପୂର୍ବତନ ଉପବାଚସ୍ପତି ଆଶିଷ ବାନାର୍ଜୀଙ୍କ ମୃତଦେହ ରାମପୁରହାଟର ଏକ ଦଳୀୟ କାର୍ଯ୍ୟାଳୟ ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା।

ରାହୁଲଙ୍କ ଟାର୍ଗେଟରେ ନିର୍ବାଚନ କମିସନ

ନୂଆଦିଲ୍ଲୀ, ୨୧୯(ଏଜେନ୍ସି): ମହାରାଷ୍ଟ୍ରର ଭୋଟର ତାଲିକାରୁ ୨.୦୬ କୋଟିରୁ ଅଧିକ ଭୋଟରଙ୍କ ନାମ ବାଦ୍ ପଡ଼ିଛି। ଏହାପରେ କଂଗ୍ରେସ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଜେପି ଏବଂ ନିର୍ବାଚନ କମିଶନଙ୍କ ଉପରେ ବର୍ଷିଛନ୍ତି। ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର) ପରେ ପ୍ରାୟ ୨,୦୬,୮୮,୪୮୭ ଜଣ ଭୋଟରଙ୍କ ନାମ ତାଲିକାରେ ସ୍ଥାନ ପାଇନାହିଁ। ଏହାକୁ ନେଇ ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କୁ ଭୋଟ୍ ଚୋରି କମିଶନ ବୋଲି ଆକ୍ଷେପ କରିଛନ୍ତି। ଗଣତନ୍ତ୍ରର ହତ୍ୟା କରି ଯେକୌଣସି ପରିସ୍ଥିତିରେ ବିଜେପିକୁ ଜିତାଇବା ଏହାର ଏକମାତ୍ର ଲକ୍ଷ୍ୟ ବୋଲି ଅଭିଯୋଗ କରିଛନ୍ତି। ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଭୋଟରଙ୍କ ବାସସ୍ଥାନ ପରିବର୍ତ୍ତନ, ମୃତ୍ୟୁ, ଦ୍ୱିତୀୟ ସ୍ଥାନରେ ପଞ୍ଜୀକରଣ କିମ୍ବା ଫର୍ମ ଦାଖଲ ନ କରିବା ଯୋଗୁଁ ଏହି ବ୍ୟାପକ ସଂଖ୍ୟକ ନାମ ବାଦ୍ ପଡ଼ିଛି। ପୂର୍ବରୁ ରାଜ୍ୟରେ ପ୍ରାୟ ୯.୭୮ କୋଟି ଭୋଟର ଥିବାବେଳେ ବର୍ତ୍ତମାନର ତାଲିକାରେ ଏହା ୭.୭୧ କୋଟିକୁ ହ୍ରାସ ପାଇଛି। ପୁଣେ, ଥାଣେ ଏବଂ ମୁମ୍ବାଇ ଉପନଗରୀ ଅଞ୍ଚଳରୁ ସର୍ବାଧିକ ନାମ ବାଦ୍ ଦିଆଯାଇଛି। ରାହୁଲ ଗାନ୍ଧୀ ପୂର୍ବତନ ୨୦୨୪ ନିର୍ବାଚନ ତଥ୍ୟକୁ ଉଦ୍ଧାର କରି କହିଛନ୍ତି ଯେ

> "ଭୋଟ ଚୋରି କମିସନର ଗୋଟିଏ ଲକ୍ଷ୍ୟ: ବିଜେପିର ବିଜୟ ଓ ଗଣତନ୍ତ୍ରର ହତ୍ୟା"

ଲୋକସଭା ଓ ବିଧାନସଭା ମଧ୍ୟରେ ହଠାତ୍ ୩୯ ଲକ୍ଷ ନୂଆ ଭୋଟର ଯୋଡ଼ି ହେବା ମଧ୍ୟ ଭୋଟ୍ ଚୋରିର ଏକ ଅଂଶ ଥିଲା। ଏହି ଅବସରରେ ରାହୁଲ ଦିଲ୍ଲୀରେ ୩୩% ଭୋଟରଙ୍କ ନାମ ବାଦ ପଡ଼ିବା ଏବଂ ବଙ୍ଗଳାରେ ୯୧% ଭୋଟରଙ୍କ ନାମ ବାଦ ପଡ଼ିବା ପରେ ପୁନଃ ସ୍ଥାପିତ ହେବା ତଥ୍ୟ ପ୍ରକାଶ କରିଥିଲେ। ତେବେ ଏହି ଚିଠା ତାଲିକା ଚୂଡ଼ାନ୍ତ ନୁହେଁ। ଯେଉଁମାନଙ୍କ ନାମ ବାଦ୍ ପଡ଼ିଛି, ସେମାନେ ଅଗଷ୍ଟ ୩୧ ରୁ ସେପ୍ଟେମ୍ବର ୩୦ ମଧ୍ୟରେ ସଂଶୋଧନ ଓ ନାମ ସାମିଲ ପାଇଁ ଆବେଦନ କରିପାରିବେ। ଆସନ୍ତା ନଭେମ୍ବର ୪ ତାରିଖରେ ମହାରାଷ୍ଟ୍ରର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

ଭାରତକୁ ଆଉ ୫ଟି ଏସ୍-୪୦୦ ମିସାଇଲ୍ ସିଷ୍ଟମ୍ ବିକ୍ରି ପାଇଁ ରୁଷର ପ୍ରସ୍ତାବ

ନୂଆଦିଲ୍ଲୀ, ୨୧୯(ଏଜେନ୍ସି): ଭାରତୀୟ ବାୟୁସେନାର ଏକ ଟେଣ୍ଡର ଆଧାରରେ ରୁଷ ପକ୍ଷରୁ ଆଉ ୫ଟି ଦୀର୍ଘ ଦୂରଗାମୀ ସ୍ଥଳରୁ ଆକାଶମାର୍ଗକୁ ନିକ୍ଷେପ କରାଯାଉଥିବା ଏସ୍-୪୦୦ ଟ୍ରାୟମ୍ଫ କ୍ଷେପଣାସ୍ତ୍ର ପ୍ରଣାଳୀ ବିକ୍ରି କରିବାକୁ ପ୍ରସ୍ତାବ ଦିଆଯାଇଛି। କିର୍ଗିଜସ୍ତାନରେ ଅନୁଷ୍ଠିତ ଏସସିଓ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଦୁଇ ନେତା ପ୍ରତିରକ୍ଷା ଏବଂ ଶକ୍ତି କ୍ଷେତ୍ରରେ ସହଯୋଗର ସମୀକ୍ଷା କରିଥିଲେ। ଭାରତୀୟ ପ୍ରତିରକ୍ଷା ବାହିନୀରେ ଏହି କ୍ଷେପଣାସ୍ତ୍ର ପ୍ରଣାଳୀର ନାମ 'ସୁଦର୍ଶନ' ରଖାଯାଇଛି। ଗତବର୍ଷର ଅପରେସନ୍ ସିନ୍ଦୂରରେ ଏହି ପ୍ରଣାଳୀ ପାକିସ୍ତାନ ବିରୋଧରେ ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଥିଲା। ପଶ୍ଚିମ ବାୟୁସେନା କମାଣ୍ଡର ମୁଖ୍ୟ ଏୟାର ମାର୍ଶଲ ଜୀତେନ୍ଦ୍ର ମିଶ୍ରଙ୍କ ଅନୁଯାୟୀ, ଏହି ସିଷ୍ଟମ ୩୧୪ କିଲୋମିଟର ଦୂରତାରେ ପାକିସ୍ତାନର ଏକ ଗୁପ୍ତଚର ବିମାନକୁ ସଫଳତାର ସହ ଧ୍ୱଂସ କରିଥିଲା। ଏହି ସିଷ୍ଟମ ୪୦୦ କିଲୋମିଟର ପର୍ଯ୍ୟନ୍ତ ବ୍ୟାପକ ପରିସରକୁ ସୁରକ୍ଷା ପ୍ରଦାନ କରିଥାଏ। ଶତ୍ରୁ ପକ୍ଷର ଆକ୍ରମଣକୁ ଆକାଶମାର୍ଗରେ ହିଁ ନଷ୍ଟ କରିବାର ସାମର୍ଥ୍ୟ ସହ ଶତ୍ରୁର ବିମାନକୁ ମଧ୍ୟ ନଷ୍ଟ କରିବାର ଶକ୍ତି ରଖିଥାଏ। ୨୦୧୮ ର ଚୁକ୍ତି ଅନୁଯାୟୀ ଭାରତକୁ ମୋଟ ୫ଟି ୟୁନିଟ୍ ମଧ୍ୟରୁ ୪ଟି ମିଳିସାରିଛି ଏବଂ ଅବଶିଷ୍ଟ ପଞ୍ଚମ ୟୁନିଟ୍ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ମିଳିବାର ସମ୍ଭାବନା ରହିଛି। ଅପରେସନ୍ ସିନ୍ଦୂର ସମୟରେ ଏହାର ପ୍ରଦର୍ଶନ ଦେଖିବା ପରେ ଭାରତ ସରକାର ଆଉ ୫ଟି ଅତିରିକ୍ତ ସ୍କ୍ୱାଡ୍ରନ କିଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ପ୍ରସ୍ତାବିତ ଚୁକ୍ତି ସ୍ୱାକ୍ଷର ହେବାର ପ୍ରାୟ ୩ ବର୍ଷ ପରେ ନୂଆ ୟୁନିଟ୍ ଗୁଡ଼ିକର ଯୋଗାଣ ଆରମ୍ଭ ହେବ। ଏହି ଅତିରିକ୍ତ ୟୁନିଟ୍‌ଗୁଡ଼ିକୁ ଭାରତର ପୂର୍ବ ଏବଂ ପଶ୍ଚିମ ସୀମାରେ ମୁତୟନ କରାଯିବ, ଯାହା ଦ୍ୱାରା ଦେଶର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ।

ରାହୁଲଙ୍କୁ ବିଜୟଙ୍କ ସମର୍ଥନ ଘୋଷଣା

ଚେନ୍ନଇ, ୨୧୯(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ୨୦୨୯ ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ସମର୍ଥନ କରିଛନ୍ତି। କଂଗ୍ରେସ ବିଧାୟକ ଦଳ (ସିଏଲ୍‌ପି) ନେତ୍ରୀ ଥାରାହାଇ କୁଥବର୍ଟ ସୋମବାର ଏହି ସୂଚନା ଦେଇଛନ୍ତି। ଶାସକ ଦଳ ଟିଭିକେ ଏବଂ ସହଯୋଗୀ କଂଗ୍ରେସ ମଧ୍ୟରେ କୌଣସି ପ୍ରକାର ମତଭେଦ ଥିବା ଖବରକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି। କୁଥବର୍ଟଙ୍କ କହିବା ଅନୁଯାୟୀ, ବିଜୟଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରିବା କେବଳ ଦଳୀୟ କର୍ମୀଙ୍କ ଉତ୍ସାହର ପ୍ରତୀକ ଥିଲା। ଏହାପୂର୍ବରୁ ତାମିଲନାଡୁ ପର୍ଯ୍ୟଟନ ମନ୍ତ୍ରୀ ଏସ. ରାଜେଶ କୁମାର ଚେତାବନୀ ଦେଇଥିଲେ ଯେ ଯଦି ଟିଭିକେ ରାହୁଲ ଗାନ୍ଧୀଙ୍କୁ ସମର୍ଥନ ନ କରେ, ତେବେ ରାଜ୍ୟ କ୍ୟାବିନେଟରୁ କଂଗ୍ରେସ ମନ୍ତ୍ରୀମାନେ ଇସ୍ତଫା ଦେବେ। ଅନ୍ୟପଟେ, ଟିଭିକେ ପିଡବ୍ଲ୍ୟୁଡି ମନ୍ତ୍ରୀ ଆଧବ ଅର୍ଜୁନ ଦାବି କରିଥିଲେ ଯେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ତାମିଲନାଡୁର ଜଣେ ନେତାଙ୍କୁ ମିଳିବା ଉଚିତ। ସୂଚନାଯୋଗ୍ୟ, ୨୦୨୪ରେ ଗଠିତ ଟିଭିକେ ଦଳ ୨୦୨୬ ନିର୍ବାଚନରେ ୧୦୮ଟି ଆସନ ଜିତି କଂଗ୍ରେସ ସହଯୋଗରେ ସରକାର ଗଠନ କରିଛି।

ଉତ୍ତର ଓଡ଼ିଶାରେ ପୁଣି ବନ୍ୟା

ଫୁଲିଲା ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା

ଭୁବନେଶ୍ୱର, ୨୧୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପଜନିତ ବର୍ଷା ପୁଣିଥରେ ଉତ୍ତର ଓଡ଼ିଶାରେ ସୃଷ୍ଟି କରିଛି ବନ୍ୟା ସ୍ଥିତି। ଓଡ଼ିଶା ସମେତ ଝାଡ଼ଖଣ୍ଡରେ ଭୀଷଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବୈତରଣୀ ଆଦିରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସୁବର୍ଣ୍ଣରେଖା ନଦୀ ରାଜଘାଟଠାରେ ବିପଦ ସଂକେତ ୧୦.୩୬ ମିଟର ରହିଥିବା ବେଳେ ନଦୀର ଜଳସ୍ତର ଏବେ ୧୦.୯ ମିଟର ଉପରେ ପ୍ରବାହିତ ହେଉଛି। ରାତି ୧୧ ଟା ସୁଦ୍ଧା ନଦୀର ଜଳସ୍ତର ୧୧.୧୭ ମିଟର ପହଞ୍ଚିବା ଆଶଙ୍କା କରାଯାଉଥିବାରୁ ଏହି ନଦୀକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ସେହିପରି ବୁଢ଼ାବଳଙ୍ଗ ନଦୀ ଏବେ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ନଦୀର ଜଳସ୍ତର ବଢୁଥିବା ହେତୁ ଏହା ବିପଦ ସଂକେତ ଟପିବ ବୋଲି ଆଶଙ୍କା ରହିଛି। ମଥାନୀଠାରେ ଜଳକା ନଦୀ ମଧ୍ୟ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଏହା ବ୍ୟତୀତ ବୈତରଣୀ ନଦୀ ଆଖୁଆପଦା ନିକଟରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଯାହାଫଳରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଆଦି ଜିଲ୍ଲାରେ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୮.୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ବ୍ଲକ୍‌ରେ ସର୍ବାଧିକ ୩୦୯.୨ ମିଲିମିଟର ବର୍ଷା ହୋଇଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବେ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ସଂଲଗ୍ନ ଉତ୍ତର ଉପକୂଳ ଓଡ଼ିଶା ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ସଦୃଶ ଲଘୁଚାପ ରୂପରେ ସକ୍ରିୟ ରହିଛି। ଆଗାମୀ ୨୪ ଘଣ୍ଟାରେ ଏହା ଉତ୍ତର ଓଡ଼ିଶା-ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ କମିବାର ଥିଲେ ମଧ୍ୟ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ବଢ଼ିବ ବୋଲି ଆଶଙ୍କା କରାଯାଇଛି। ଏହି କ୍ରମରେ ବୁଧବାର ପାଇଁ ବରଗଡ଼ରେ ପ୍ରବଳ ବର୍ଷା ଆଶଙ୍କା କରି ଏହି ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍‌ର ୧୯ଟି ଗ୍ରାମ ପଞ୍ଚାୟତ ଓ ୬୨ଟି ଗାଁ ବନ୍ୟା ଦ୍ୱାରା ଏବେ ପ୍ରଭାବିତ ହୋଇଛି। ଆଜି ସୁଦ୍ଧା ମୋଟ ୭,୭୪୫ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୨ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର ୧୮ ଟି ବ୍ଲକ୍, ୪୮ଟି ଗ୍ରାମ ପଞ୍ଚାୟତ ଓ ୮୪ଟି ଗାଁ ପ୍ରଭାବିତ ହୋଇଛି। ବାରିପଦା ପୌରପାଳିକାର ୨ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ଜିଲ୍ଲାରେ ୨,୭୭୩ ଜଣ ପ୍ରଭାବିତ ହୋଇଥିବା ବେଳେ ୨,୦୭୬ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୧୧ଟି ରିଲିଫ୍ କ୍ୟାମ୍ପରେ ୨,୦୭୬ ଜଣଙ୍କୁ ଆଶ୍ରୟ ଦିଆଯାଇଛି। ବନ୍ୟା ମୁକାବିଲା ପାଇଁ ଯାଜପୁର, ବାଲେଶ୍ୱର ଓ ମୟୂରଭଞ୍ଜରେ ମୋଟ ୨୨ଟି ରେସ୍କ୍ୟୁ ଟିମ୍ ନିୟୋଜିତ ହୋଇଛନ୍ତି। ଏଥିରେ ଯାଜପୁରରେ ୩ଟି ଓଡ୍ରାଫ୍ ଟିମ୍, ବାଲେଶ୍ୱରରେ ୩ଟି ଓଡ୍ରାଫ୍ ଟିମ୍ ଏବଂ ମୟୂରଭଞ୍ଜରେ ୩ଟି ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଟିମ୍ ନିୟୋଜିତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ମୋଟ ୧୫୭ଟି ରେସ୍କ୍ୟୁ ଟିମ୍ ନିୟୋଜିତ କରାଯାଇଛି।

ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରସଙ୍ଗ

ବିଜେପି ଓଡ଼ିଶାର ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରୁନାହିଁ: ବିଜେଡି

ଭୁବନେଶ୍ୱର,୨୧୯ (ସମିସ): ଏମଏମଡିଆର ସଂଶୋଧନ ଆଇନ ୨୦୨୬ ଓଡ଼ିଶାର ସ୍ୱାର୍ଥକୁ ସର୍ବାଧିକ ଭାବେ ପ୍ରଭାବିତ କରିବାକୁ ଥିବାବେଳେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ମୁଖ୍ୟ ବିରୋଧୀ ଦଳ ବିଜେଡି ଲଗାତାର ବିରୋଧ କରି ଆସୁଛି। ଏହିକ୍ରମରେ ମଙ୍ଗଳବାର ବିଜେଡି ଏହି ଆଇନ ଓଡ଼ିଶାର ସ୍ୱାର୍ଥ ବିରୋଧୀ ଅଭିହିତ କରି ପୁଣି ବିଜେପି ଉପରେ ବର୍ଷିଛି।

- ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟମାନଙ୍କ ଅଧିକାର ଛଡାଇନେବା ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ
- ଓଡ଼ିଶାର ବ୍ୟାପକ କ୍ଷତି ସମ୍ପର୍କରେ ପୂର୍ବରୁ ସତ୍ୟପାଠ ଦେଇଛନ୍ତି ରାଜ୍ୟ ଆଡ୍‌ଭୋକେଟ ଜେନେରାଲ

ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଡ. ସଂତୃପ୍ତ ମିଶ୍ର କହିଥିଲେ ଯେ ଏମଏମଡିଆର ଆଇନ ମାଧ୍ୟମରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କର ଅଧିକାର ସବୁଦିନ ପାଇଁ କେନ୍ଦ୍ର ସରକାର ଛଡ଼ାଇ ନେଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ୯ ଜଣିଆ ଖଣ୍ଡପୀଠ ଦ୍ୱାରା ୨୫ ଜୁଲାଇ ୨୦୨୬ରେ ପ୍ରଦାନ କରାଯାଇଥିବା ଆଦେଶରେ ରାଜ୍ୟ ମାନେ ଖଣି ଓ ଖଣି ଥିବା ଜମି ଉପରେ ଟିକସ ଓ ଲେଭି ଲଗାଇ ପାରିବେ। ଏହାଛଡ଼ା ୨୦୦୫ ମସିହାରୁ ଟିକସ ଲେଭି ବାବଦକୁ ବାକି ଥିବା ଟିକସୁ ମଧ୍ୟ ଆଦାୟ ହେବ ବୋଲି କହିଥିଲେ। ଏହି ରାୟ ଅନୁଯାୟୀ ବକେୟା ବାବଦକୁ ଓଡ଼ିଶା ଏକ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ପାଇବାକୁ ହକଦାର ହୋଇଥିଲା ଓ ବାର୍ଷିକ ରାଜସ୍ୱ ବାବଦକୁ ଅଧିକ ୧୨, ୦୦୦ କୋଟି ଟଙ୍କା ମିଳିବ ବୋଲି ପଥ ପରିଷ୍କାର ହୋଇଥିଲା। ଏମଏମଡିଆର ସଂଶୋଧନ ଆଇନ ହେବା ପରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କ ଅଧିକାର ସବୁଦିନ ପାଇଁ ଛଡାଇ ନିଆଗଲା। ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଥିବା ଏହି ଆଇନ ବିରୋଧରେ ମୁହଁ ଖୋଲିବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଜେପି ସାଂସଦ ମାନଙ୍କୁ ଚିଠି ଲେଖିଥିଲେ। ମାତ୍ର ବିଜେପି ନେତାମାନେ ଏହି ଆଇନ ଯୋଗୁ ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବୋଲି ଯୁକ୍ତି ବାଢୁଛନ୍ତି। ନଭେମ୍ବର ୨୦୨୫ ରେ ରାଜ୍ୟ ସରକାରଙ୍କ ପ୍ରକାଶିତ ଓଡ଼ିଶା ରିଭ୍ୟୁରେ ଖଣି ବକେୟା ବାବଦକୁ ଓଡ଼ିଶା ଏକ

ଲକ୍ଷ କୋଟି ଟଙ୍କା ଓ ବାର୍ଷିକ ରାଜସ୍ୱ ବାବଦକୁ ଅଧିକ ୧୨, ୦୦୦ କୋଟି ଟଙ୍କା ଓଡ଼ିଶା ପାଇବାକୁ ଯାଉଥିବା ବେଳେ ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ ବୋଲି କୁହାଯାଇଥିଲା । ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ସତ୍ୟପାଠ ମାଧ୍ୟମରେ କହିଥିଲେ ଯେ ବକେୟା ଏକ ଲକ୍ଷ କୋଟି ଟଙ୍କା ଓଡ଼ିଶାର ନ୍ୟାଯ୍ୟ ପ୍ରାପ୍ୟ ଓ ଏହା ନ ମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ। ଡ. ମିଶ୍ର ଆହୁରି ମଧ୍ୟ କହିଥିଲେ ଯେ ଉଭୟ ଓଡ଼ିଶା ରିଭ୍ୟୁ ଓ ଆଡଭୋକେଟ ଜେନେରାଲଙ୍କ ସତ୍ୟପାଠରେ ଖଣି ଟିକସ ଓ ବକେୟା ବାବଦକୁ ମିଳିବାକୁ ଥିବା ଟଙ୍କା ଓଡ଼ିଶାର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଥିବା ବେଳେ ଏବେ ବିଜେପି ନେତା ମାନେ ଓଡ଼ିଶାର କୌଣସି କ୍ଷତି ହେବନାହିଁ ବୋଲି କିପରି ଯୁକ୍ତି ବାଢୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି ।

ବର୍ଦ୍ଧିତ ଭତ୍ତା ପ୍ରତିଶ୍ରୁତିକୁ ନେଇ ଗ୍ରାମାଞ୍ଚଳରେ ତୀବ୍ର ଅସନ୍ତୋଷ

ଭତ୍ତାକୁ ଚାହିଁଚାହିଁ ଗଲାଣି ୪୦ ଜୀବନ

ଅସୁରାଳି,୨୧୯ (ସମିସ): ରାଜ୍ୟରେ ଗତ ବିଧାନସଭା ନିର୍ବାଚନ ସମୟରେ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ନେଇ ଦିଆଯାଇଥିବା ପ୍ରତିଶ୍ରୁତି ଏବେ ଗ୍ରାମାଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବିଶେଷ କରି ସରକାର ଅନ୍‌ଲାଇନ୍ ନିୟମ କାର୍ଯ୍ୟକାରୀ କରିବା ଏବଂ ଇ-କେୱାଇସି ପ୍ରକ୍ରିୟାକୁ ବାଧ୍ୟତାମୂଳକ କରିବା ଫଳରେ ଗ୍ରାମାଞ୍ଚଳର ଶତାଧିକ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଧାମନଗର ବ୍ଲକ୍‌ରୁ ମିଳିଥିବା ସୂଚନା ଅନୁଯାୟୀ, "ମଧୁବାବୁ ପେନ୍‌ସନ୍ ଯୋଜନା'ରେ ମୋଟ ୧୨ ହଜାର ୧୭୯ ଜଣ ହିତାଧିକାରୀ ଭତ୍ତା ପାଉଥିବାବେଳେ ସେଥିମଧ୍ୟରୁ ୯୨୪୭ ଜଣ ଅନ୍‌ଲାଇନ୍ ମାଧ୍ୟମରେ ଭତ୍ତା ପାଉଛନ୍ତି। ତେବେ ଗତ ଅଢ଼େଇ ବର୍ଷ ହେଲା ନୂତନ ଆବେଦନକାରୀଙ୍କୁ ଭତ୍ତା ମିଳୁ ନ ଥିବାବେଳେ ପ୍ରାୟ ୩୦୨୯ ଜଣ ଯୋଗ୍ୟ ଆବେଦନକାରୀ ଆବେଦନ କରି ଚାହିଁ ବସିଛନ୍ତି। ଦୁଃଖର ବିଷୟ, ଭତ୍ତା ଟଙ୍କା ପାଇବା ଆଶାରେ ଅପେକ୍ଷା କରି କରି ଗତ ଅଢ଼େଇ ବର୍ଷ ମଧ୍ୟରେ ବ୍ଲକ୍‌ର ୪୦ରୁ ଉର୍ଦ୍ଧ୍ୱ ଯୋଗ୍ୟ ଆବେଦନକାରୀ ଆରପାରିକୁ ଚାଲିଗଲେଣି।

ଅନ୍ୟପଟେ, ଅନ୍‌ଲାଇନ୍ ନିୟମ ଓ ଇ-କେୱାଇସି ପାଇଁ ଶାରୀରିକ ଅସମର୍ଥତା ଥିବା ବୃଦ୍ଧବୃଦ୍ଧାମାନେ ବ୍ୟାଙ୍କ ଓ ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ପ୍ରଶାସନିକସ୍ତରରେ ଏହାର ସରଳ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ମାସ ମାସ ଧରି ଅନେକ ହିତାଧିକାରୀ ନିଜର ପ୍ରାପ୍ୟରୁ ବଞ୍ଚିତ ହୋଇ ରହିଛନ୍ତି, ଯାହା ସେମାନଙ୍କ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାରେ ବାଧା ସୃଷ୍ଟି କରିଛି। ପ୍ରତ୍ୟେକ ମାସରେ ନିୟମିତ ଭତ୍ତା ନ ମିଳିବା ଏବଂ ୩/୪ ମାସରେ ଥରେ ଭତ୍ତା ମିଳୁଥିବାରୁ ହିତାଧିକାରୀଙ୍କ ମଧ୍ୟରେ ନିରାଶା ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଓ ସରକାର ଯଦି ତୁରନ୍ତ ଏହାର ସମାଧାନ କରି ଭତ୍ତା ବଣ୍ଟନ ପ୍ରକ୍ରିୟାକୁ ସରଳ ନ କରନ୍ତି, ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ସରକାର ଭୋଟରଙ୍କ ଆକ୍ରୋଶର ଶିକାର ହେବା ନିଶ୍ଚିତ ବୋଲି ବୁଦ୍ଧିଜୀବୀ ଓ ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

କାନ୍ଥ ଭୁଶୁଡ଼ି ୨ ମହିଳା ମୃତ

ବାରିପଦା, ୨୧୯ (ସମିସ): ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ପୃଥକ ସ୍ଥାନରେ ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଭୁଲାଣପୁର ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଏକ ଦୁଃଖଦ ଘଟଣା ଘଟିଛି। ମୃତ ମହିଳା ଉକ୍ତ ଗ୍ରାମର ଶୁକଲାଲା ସିଂଙ୍କ ପତ୍ନୀ ଲକ୍ଷ୍ମୀ (୫୨)। ସୋମବାର ରାତିତମାମ ପ୍ରବଳ ବର୍ଷା ହେଉଥିବାବେଳେ ବର୍ଷା ପାଣିରେ ଘର କାନ୍ଥ ବତୁରିଯାଇଥିଲା। ମଙ୍ଗଳବାର ସକାଳୁ ଘରୁ ଜିନିଷ କାଢୁଥିବାବେଳେ ହଠାତ୍ ଓଦା ମାଟି କାନ୍ଥ ତାଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ସେ କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ତିରିଂ ଥାନା ଅନ୍ତର୍ଗତ ମାତକମଡି ଗ୍ରାମରେ କାନ୍ଥ ଭୁଶୁଡ଼ି ଶୋଇଥିବା ଅବସ୍ଥାରେ ସିନଗୋ ମୁର୍ମୁ ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି।

ଏମ୍‌ଏମ୍‌ଡିଆର୍ ଉପରେ ସ୍ୱତନ୍ତ୍ର ଆଲୋଚନା ନ ହେଲେ ବିଧାନସଭା ଅଚଳ କରାଯିବ: କଂଗ୍ରେସ

ଭୁବନେଶ୍ୱର,୨୧୯ (ସମିସ): ଏମ୍‌ଏମ୍‌ଡିଆର୍ ଆଇନ୍ ଦ୍ୱାରା ୫ ହଜାର କୋଟିର ରାଜସ୍ୱକୁ ୫୦ ହଜାର କୋଟିକୁ ବୃଦ୍ଧି କରିବା କଥା ଭ୍ରମାତ୍ମକ। ଏହି ତଥ୍ୟ ଦେଇ ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଏମ୍‌ଏମ୍‌ଡିଆର୍ ବିଲ୍ ବିରୋଧରେ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ଧର୍ମେନ୍ଦ୍ର ପ୍ରଧାନ ଏମ୍‌ଏମ୍‌ଡିଆର୍ ଆଇନ୍ ଦ୍ୱାରା ରାଜସ୍ୱ ବୃଦ୍ଧି କଥା କହୁଛନ୍ତି। ମାତ୍ର ୨୦୨୦ ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାନ୍ୱୟରେ କାହିଁକି ରାଜସ୍ୱ ଆଦାୟ ତଥ୍ୟ ଦେଉ

ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ଖଣି ମାଲିକଙ୍କ ସ୍ୱାର୍ଥ ଦେଖିବାରେ ଧର୍ମେନ୍ଦ୍ର ପ୍ରଧାନ ବ୍ୟସ୍ତ ବୋଲି କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଏକମାତ୍ର ଦଳ ଯିଏ ସାଧାରଣ ଜନତାଙ୍କ ସ୍ୱାର୍ଥ ସକାଶେ ରାଜରାସ୍ତାରେ ଲଢେଇ କରୁଛି। ତେଣୁ ଆସନ୍ତା ବିଧାନସଭା ଅଧିବେଶନରେ ଏମଏମଡିଆରକୁ ନେଇ ସ୍ୱତନ୍ତ୍ର ଆଲୋଚନା ନ ହେଲେ ବିଧାନସଭା ଚଳାଇଦେବୁ ନାହିଁ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି ଓପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ଅଗଷ୍ଟ ୧୩ ତାରିଖଠାରୁ ପ୍ରତ୍ୟେକ ଜିଲ୍ଲା ଏପରିକି ବ୍ଲକ ସ୍ତରରେ ମଧ୍ୟ ବିଭିନ୍ନ ଆନ୍ଦୋଳନ ହୋଇଛି। କଂଗ୍ରେସ ସମଭାବପନ୍ନ ଦଳ ମିଶିକି ବିଭିନ୍ନ ଆନ୍ଦୋଳନ, ପ୍ରତିବାଦ ଓ ଧାରଣା ଆଦି କାର୍ଯ୍ୟକ୍ରମ ରାଜରାସ୍ତାରେ କରୁଛି ବୋଲି ସେ କହିଛନ୍ତି।

ପୂର୍ବତନ ବିଧାୟକ ପ୍ରାର୍ଥୀ ସିର୍ଦ୍ଧାର୍ଥ ରାଉତରାୟ କହିଛନ୍ତି ଯେ ଖଣି ଉପରେ ୨୦ ବର୍ଷ ଉଠାଯାଇ ୫୦ ବର୍ଷ ହେଲା। ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ବଦଳରେ ବେସରକାରୀ ସଂସ୍ଥା ବର୍ତ୍ତମାନ ସର୍ଭେ କରିବେ। ଲୁହାପଥର ପାଇଁ ଖଣି ଲିଜ ନିଆହେଇଥିଲେ ଯଦି ଖଣି ଅଞ୍ଚଳ ପରିଧି ଭିତରେ ଅନ୍ୟ କୌଣସି ଖଣିଜ ଦ୍ରବ୍ୟ ମିଳିଲେ ମଧ୍ୟ ତାହା କମ୍ପାନୀର ହୋଇଯିବ। ନୂତନ ଆଇନ ଅନୁଯାୟୀ ପେସା ଆଇନର କୌଣସି କ୍ଷମତା ରହିବ ନାହିଁ। ଯଦି ବିଜେପିର ଓଡିଶା ପ୍ରତି ପ୍ରକୃତ ମମତା ଅଛି, ତେବେ ସମସ୍ତ କମ୍ପାନୀଙ୍କୁ ଓଡ଼ିଶାରେ ପଞ୍ଜିକରଣ କରିବା ପାଇଁ ନିୟମ କରନ୍ତୁ ବୋଲି ଶ୍ରୀ ରାଉତରାୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

୮ରେ ମୁଖ୍ୟମନ୍ତ୍ରୀଙ୍କ ଦୁବାଇ ଗସ୍ତ

ଭୁବନେଶ୍ୱର,୨୧୯ (ସମିସ): ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ୟୁଏଇ(ୟୁନାଇଟେଡ ଆରବ ଏମିରେଟ୍ସ) ଗସ୍ତରେ ଯିବେ। ଦୁବାଇରେ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ନିବେଶକଙ୍କ ସହ ରାଉଣ୍ଡ ଟେବୁଲ ବୈଠକ, ରୋଡ ଶୋ ସହ ପ୍ରବାସୀ ଓଡ଼ିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ।

ଶିଳ୍ପମନ୍ତ୍ରୀଙ୍କ ସୂଚନା ଅନୁସାରେ ଅନୁଯାୟୀ ନିକଟରେ ଅତୀତରେ ରାଜ୍ୟକୁ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି। ନୀତି ଆୟୋଗଙ୍କ ସଦ୍ୟତମ ପ୍ରକାଶିତ ରିପୋର୍ଟ ଅନୁଯାୟୀ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ଶ୍ରେଷ୍ଠ ୫ଟି ରାଜ୍ୟରେ ରହିଛି। ସେହିପରି ସିଏମଆଇଇ ରିପୋର୍ଟ ଅନୁଯାୟୀ ଓଡ଼ିଶା ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଅଛି। ଓଡ଼ିଶା ସରକାରଙ୍କ ନିରନ୍ତର ପ୍ରୟାସ ଏବଂ ଓଡ଼ିଶାର ଟିମ ନିବେଶକଙ୍କୁ ଭେଟି ଓଡ଼ିଶାରେ ନିବେଶ ପାଇଁ ଆକର୍ଷିତ କରିବା କାରଣରୁ ଏସବୁ ସମ୍ଭବ ହୋଇପାରିଛି। ଗତ କିଛିଦିନ ତଳେ ୧୧.୫ ବିଲିୟନ ଡଲାରର ନିବେଶ ପ୍ରସ୍ତାବ ଓଡ଼ିଶା ପାଇବାରେ ସକ୍ଷମ ହୋଇଥିଲା। ୟୁଏଇ ଗସ୍ତରେ ଅଧିକରୁ ଅଧିକ ଏଫଡିଆଇ ଆଣିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି।

ନିବେଶକ ସମ୍ମିଳନୀରେ ଯୋଗଦେବେ

ଦୁବାଇ ଗସ୍ତ ଅବସରରେ ସେ ଧାତବ, ପେଟ୍ରୋରସାୟନ, ଖାଦ୍ୟ ପ୍ରକ୍ରିୟାକରଣ, ସବୁଜ ଶକ୍ତି, ଗ୍ରୀନ ହାଇଡ୍ରୋଜେନ ଓ ଗ୍ରୀନ ଆମୋନିଆ, ବୟନ, ପୋଷାକ, ସେମିକଣ୍ଡକ୍ଟର, ବନ୍ଦର ଓ ଲଜିଷ୍ଟିକ୍ସ କ୍ଷେତ୍ର ଲାଗି ପୁଞ୍ଜିନିବେଶ ଆଣିବା ପାଇଁ ଉଦ୍ୟମ କରିବେ। ନିକଟରେ ୟୁଏଇର ସଂସ୍ଥା ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନି (ଆଇଏଚ୍‌ସି) ଆଦାନୀ ଗ୍ରୁପ୍ ସହିତ ମିଶି ଓଡ଼ିଶାରେ ବକ୍ସାଇଟ୍ ଖଣି, ଆଲୁମିନା ବିଶୋଧନାଗାର, ଆଲୁମିନିୟମ ସ୍ମେଲଟର, ପାୱାର ପ୍ଲାଣ୍ଟ ଆଦିରେ ୧.୧୦ ଲକ୍ଷ କୋଟି ଟଙ୍କା ନିବେଶ କରିବା ଲାଗି ରାଜ୍ୟ ସରକାରଙ୍କ ସହ ବୁଝାମଣା କରିଥିଲା।

୧୫ ଅତିରିକ୍ତ ଏସ୍‌ପିଙ୍କୁ ପଦୋନ୍ନତି

ଭୁବନେଶ୍ୱର ୨୧୯ (ସମିସ): ଓଡ଼ିଶା ପୁଲିସରେ କାର୍ଯ୍ୟରତ ୧୫ ଜଣ ଅତିରିକ୍ତ ଏସ୍‌ପିଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଛି। ଗଞ୍ଜାମର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାସ, ଅତିରିକ୍ତ ଅତିରିକ୍ତ ଡିସିପି ରଞ୍ଜିତ କୁମାର ପୃଷ୍ଟି, ଅମରେନ୍ଦ୍ର ପଣ୍ଡା, ପୁରୀର ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ରାଜ୍ୟ ପୁଲିସ ମୁଖ୍ୟାଳୟର ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ସମ୍ବଲପୁର ଆଇୟୁସିଏଡବ୍ଲୁ ଅଜୟ କୁମାର ମିଶ୍ର, କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିକାଶ ରଞ୍ଜନ ବେହୁରା, ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଅରୁଣ କୁମାର ନାୟକ, ଗୁଇନ୍ଦାରୁ କ୍ରାଇମବ୍ରାଞ୍ଚକୁ ଡେପୁଟେସନରେ ଯାଇଥିବା ଅତିରିକ୍ତ ଏସ୍‌ପି ଶିଶିର କୁମାର ମିଶ୍ର ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ସେହିପରି ଢେଙ୍କାନାଳର ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ, ଏସଟିଏଫ୍ ଅତିରିକ୍ତ ଏସ୍‌ପି ସଞ୍ଜୀବ କୁମାର ଶତପଥି, ଓଏଚ୍‌ଆରସିର ଅତିରିକ୍ତ ଏସ୍‌ପି ସତ୍ୟନାରାୟଣ ପ୍ରଧାନ, ଭିଜିଲାନ୍ସ କୋରାପୁଟ ଡିଭିଜନର ଅତିରିକ୍ତ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଓ ନୟାଗଡ଼ ଆଇୟୁସିଏଡବ୍ଲୁର ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି କରାଯାଇଛି। ମଙ୍ଗଳବାର ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ପଦୋନ୍ନତି ପାଇଥିବା ଅଧିକାରୀମାନେ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବର୍ତ୍ତମାନ ପଦବୀରେ କାର୍ଯ୍ୟ କରିବେ।

ବାବୁ ସିଂହଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ

କଟକ,୨୧୯ (ସମିସ): ଏକାମ୍ର ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲା ବିନା ଶୁଣାଣିରେ ଖାରଜ ପାଇଁ ଏକାମ୍ର ବିଧାୟକ ବାବୁ ସିଂହ କରିଥିବା ଅନ୍ତରୀଣ ଆବେଦନ ହାଇକୋର୍ଟ ଖାରଜ କରିଥିବା ବେଳେ ଏହା ବିରୋଧରେ ସୁପ୍ରିମକୋର୍ଟରୁ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଛି। ହାଇକୋର୍ଟଙ୍କ ଆଦେଶ ବିରୋଧରେ ଶ୍ରୀ ସିଂହ ସୁପ୍ରିମକୋର୍ଟରେ ଦାୟର କରିଥିବା ଏସଏଲପି ଖାରଜ ହୋଇଛି। ମାମଲାରୁ ପ୍ରକାଶ ଯେ ଏକାମ୍ର ଆସନରୁ ବିଜେପି ପ୍ରାର୍ଥୀ ଶ୍ରୀ ସିଂହଙ୍କ ବିଧାୟକ ଭାବେ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେଡି ପ୍ରାର୍ଥୀ ଅଶୋକଚନ୍ଦ୍ର ପଣ୍ଡା ୨୦୨୪ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ବିଚାରାଧୀନ ଥିବା ବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ଖାରଜ କରିବାକୁ ଶ୍ରୀ ସିଂହ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ଏହି ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଗତ ୨୦୨୬ଫେବୃଆରୀ ୯ରେ ଖାରଜ କରିବାରୁ ଶ୍ରୀ ସିଂହ ସୁପ୍ରିମକୋର୍ଟରେ ଏସଏଲପି ଦାଖଲ କରିଥିଲେ। ସୁପ୍ରିମକୋର୍ଟ ଏହି ମାମଲାରେ ଦେଇଥିବା ଅନ୍ତରୀଣ ରହିତାଦେଶ ଉଠାଇବା ସହ ଆବେଦନକୁ ଖାରଜ କରିଛନ୍ତି।

ଓସିଏ ନିର୍ବାଚନ ମାମଲା ଶୁଣାଣି ୯ରେ

କଟକ,୨୧୯ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ନିର୍ବାଚନ ପ୍ରସଂଗ ନେଇ ଦାୟର ମାମଲାର ଶୁଣାଣି ଅସଂପୂର୍ଣ୍ଣ ରହିଥିବା ବେଳେ ସେପ୍ଟେମ୍ବର ୯ତାରିଖ ୨ଟା ୪୫ମିନିଟରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ଓ ସନରାଇଜ କ୍ଲବ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟରେ ଆଜି ପ୍ରତିପକ୍ଷ ଓସିଏ ସଂପାଦକ ଓ ଯୁଗ୍ମ ସଂପାଦକଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଛି। ଓସିଏ ପକ୍ଷରୁ ନିର୍ବାଚନ ସ୍ଥଗିତ ରଖିବା ନିଷ୍ପତ୍ତି ସାଧାରଣ ପରିଷଦ (ଜେନେରାଲ ବଡି) ଦ୍ୱାରା ଅନୁମୋଦିତ ଥିଲା ବୋଲି ଦର୍ଶାଯିବା ସହିତ ଆବେଦନର ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ଓସିଏ ସଂପାଦକଙ୍କ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ବର୍ତ୍ତମାନର କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟକାଳ ଜାରି ରହିବା ପ୍ରସଂଗକୁ ସାଧାରଣ ପରିଷଦ ଅନୁମୋଦନ କରିଥିଲା।

- ଆଜି ରାହୁରେଖା ଲାଗି ହେବେ ମହାପ୍ରଭୁ

ସାଢ଼େ ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୨୧୯ (ସମିସ): ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ବୁଧବାର ରାହୁରେଖା ଲାଗି ହେବେ ମହାପ୍ରଭୁ। ପ୍ରଥମ ଭୋଗମଣ୍ଡପ ପୂଜା ପରେ ଦଇତାପତି ସେବକମାନେ ଦାରୁବିଗ୍ରହଙ୍କୁ ରାହୁରେଖା



ଲାଗି କରିବେ। ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ରାହୁରେଖା ଓଲାଗି ହୋଇ ରେଖାପଞ୍ଚମୀରେ ରାହୁରେଖା ଲାଗି ହୋଇଥାନ୍ତି। ଏହି ନୀତି ପ୍ରାୟ ସାଢ଼େ ୪ ଘଣ୍ଟା ଧରି ଚାଲିବ। ତେଣୁ ଆପତତଃ ବୁଧବାର ଅପରାହ୍ଣ ସାଢ଼େ ୨ଟାଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୀମା ଟପିଲା ବିଜେପି ଗୋଷ୍ଠୀ ବିବାଦ

ସାଂସଦ-ବିଧାୟକ ସମର୍ଥକ ଧସ୍ତାଧସ୍ତି

ଭେଡେନ,୨୧୯ (ସମିସ): ଦୀର୍ଘଦିନ ପରେ ଭେଡ଼େନ ବ୍ଲକରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ବିଜେପିର ସାଂସଦ ଓ ବିଧାୟକଙ୍କ ଗୋଷ୍ଠୀ ହାତାହାତି ହୋଇଛନ୍ତି। ବିଜେପିର ଏହି ଗୋଷ୍ଠୀ କନ୍ଦଳ ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ସାଂସଦ ଓ ବିଧାୟକ ମଧ୍ୟରେ ପୂର୍ବରୁ ମତଭେଦକୁ ନେଇ ଚର୍ଚ୍ଚା ହେଉଥିବାବେଳେ ମଙ୍ଗଳବାର ବ୍ଲକ ପରିସରରେ ଅନୁଷ୍ଠିତ ବୈଠକରେ ହାତାହାତି ଘଟଣା ଏବେ ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି।

ଭେଡ଼େନ ପଞ୍ଚାୟତ ସମିତି ବୈଠକରେ ହାଇଡ୍ରାମା

ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଅତିଥିଭାବେ ସାଂସଦ ପ୍ରଦୀପ ପୁରୋହିତ ଓ ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସାଂସଦଶ୍ରୀ ପୁରୋହିତ ଭେଡ଼େନରେ ପହଞ୍ଚିବା ପରେ ତାଙ୍କ ସମର୍ଥକମାନେ ପାଛୋଟି ନେଇଥିଲେ। ପରେ ବିଧାୟକ ଶ୍ରୀ ମହାନନ୍ଦ ପହଞ୍ଚିବା ପରେ ତାଙ୍କ ସମର୍ଥକ ମଧ୍ୟ ସ୍ୱାଗତ କରିଥିଲେ। ବୈଠକରେ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସମିତିସଭ୍ୟ ତୋଷବନ୍ତ ବେହେରା ବ୍ଲକର ଉନ୍ନୟନ କାମ କରିଥିବା ଜନପ୍ରତିନିଧିଙ୍କ ବିଲ୍ କାହିଁକି ବନ୍ଦ କରାଯାଉଛି? କାହା ନିର୍ଦ୍ଦେଶରେ ଏହା କରାଯାଉଛି? ବୋଲି ପ୍ରଶ୍ନ କରିଥିଲେ। ଯଦି ଜନପ୍ରତିନିଧିଙ୍କୁ ଉପେକ୍ଷା କରାଯିବା ବନ୍ଦ ନହୁଏ ତେବେ ଆଗାମୀ ଦିନରେ ସମିତି ବ÷ଠକ ବର୍ଜନ କରିବା ସହିତ ବୈଠକକୁ କେହି ଆସିବେ ନାହିଁ ବୋଲି କହିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରେ ଜନପ୍ରତିନିଧିଙ୍କୁ ନ ପଚାରି ବିଭିନ୍ନ କାମ ହେଉଥିବାରୁ ବୈଠକରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବୈଠକ ଚାଲିଥିବାବେଳେ ବିଧାୟକ ଓ ସାଂସଦ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ପରେ ହାତାହାତି ହୋଇଥିଲା। ଏହାପରେ ପୁଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବାହାରକୁ ବାହାର କରିଥିବାବେଳ ଏବେ ବି ଛକାପଞ୍ଝା ଲାଗି ରହିଛି।

ବିଡ଼ିଓ ଦେବାଶିଷ ସିହ୍ନା, ଉପାଧ୍ୟକ୍ଷ ଡୋଳାମଣି ଖେତି, ଏବିଡ଼ିଓ, ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ, ସତ୍ୟଜିତ ପୁରୋହିତ, ସରପଞ୍ଚ ଅକ୍ଷୟ ନାଏକ, ଡମ୍ବରୁଧର ପାଣ୍ଡେ, ତୋଷବନ୍ତ ବେହେରା, ଲକ୍ଷ୍ମୀ ଭୁଏ, ସୀମା ମେହେରଙ୍କ ସମେତ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ତଥା ବ୍ଲକ ଓ ପଞ୍ଚାୟତସ୍ତରୀୟ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ। ଶେଷରେ ଏବିଡ଼ିଓ ସୌଭାଗ୍ୟ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

ସମ୍ବଲପୁର ମହାନଗର ନିଗମ

ଭତ୍ତା ଅପେକ୍ଷାରେ ୨୪୬୪ ବିଧବା

ସମ୍ବଲପୁର, ୧।୯ (ସମିସ)

ବିଡ଼ମ୍ବନାର ବିଷୟ, ଅନ୍ୟ ମହିଳାଙ୍କ ମୃତ୍ୟୁ ହେଲେ ତାଙ୍କୁ ମିଳିବ ଭତ୍ତା। କିମ୍ବା ଭତ୍ତା ପାଉଥିବା ମହିଳାଜଣକ ଯଦି ଅନ୍ୟ ଯୋଜନାରେ ସାମିଲ ହୋଇଯାଆନ୍ତି ତେବେ ତାଙ୍କ ସ୍ଥାନରେ ପୁଣି, କ୍ରମାନ୍ୱୟରେ ନାମ ଆସିବ। ନାମ ଆସିବା ବେଳକୁ ବିଧବା ମହିଳା ଜଣକ ବହୁସମୟରେ ବଞ୍ଚି ରହି ନଥାନ୍ତି। ଦାରିଦ୍ର୍ୟର ତାଡ଼ନା ଏବଂ ପରିବାର ପ୍ରତିପୋଷଣ ହେଉ, ଅନ୍ୟଥା ପରିବାର ଲୋକଙ୍କ ଅବହେଳାର ଶିକାର ହେଉ, ମହିଳା ଜଣକ ସ୍ୱାମୀଙ୍କ ମୃତ୍ୟୁ ପରେ ହୋଇଯାଆନ୍ତି ବେସାହାରା। ସେହି ଅସହାୟ ମହିଳାଙ୍କ ପାଇଁ ଏକମାତ୍ର ଆର୍ଥିକ ସହଯୋଗ ହେଉଛି ସରକାରଙ୍କ ବିଧବା ଭତ୍ତା। କିନ୍ତୁ ସେଥିରେ ବି ଲମ୍ବା ଧାଡ଼ି।

ଅପେକ୍ଷାରେ ରହିଛନ୍ତି ହଜାର ହଜାର ବିଧବା ମହିଳା। ସଚେତନ ମହଲରେ ପ୍ରଶ୍ନ ଉଠୁଛି ଏତେସବୁ ଯୋଜନା କାହାପାଇଁ। ଫାଟକ ଅଞ୍ଚଳର ଜଣେ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ହେଲା ନଭେମ୍ବର ୨୦୨୫ରେ। ଗରିବ ମହିଳା ଜଣକ ବିଧବା ଭତ୍ତା ପାଇଁ ସହଯୋଗ କେନ୍ଦ୍ର ଜରିଆରେ ଆବେଦନ କଲେ। ଏପ୍ରିଲ ସୁଦ୍ଧା ତାଙ୍କ ଓକିଲ ଗୌରବ ମଧୁସୂଦନ ଦାସ (ମଧୁ ବାବୁ)ଙ୍କ ନାମ ଆସିଲା ଯୋଗ୍ୟ ତାଲିକାରେ। କିନ୍ତୁ ତାଙ୍କୁ ଭତ୍ତା କେବେ ମିଳିବ ତାହା ଜଣାନାହିଁ। ଏହିଭଳି ବର୍ଷ ବର୍ଷ ଧରି ଭତ୍ତା ଅପେକ୍ଷାରେ ବିଧବା। ବର୍ତ୍ତମାନ ସରକାରଙ୍କ ଅନୁମୋଦିତ ଲକ୍ଷ୍ୟ ସମ୍ପୂର୍ଣ୍ଣ ଥିବାବେଳେ, ପ୍ରତିମାସରେ କେହି ଜଣେ ଦି'ଜଣ ମୃତ୍ୟୁବରଣ କଲେ କିମ୍ବା ଅନ୍ୟ ଯୋଜନାକୁ ସ୍ଥାନାନ୍ତରିତ ହେଲେ, ସେହି ଖାଲି ପଡ଼ିଥିବା ସ୍ଥାନରେ ପୁଣି ଆଉ କେତେଜଣଙ୍କୁ ଦିଆଯାଏ ଭତ୍ତା। ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ସମ୍ବଲପୁର ମହାନଗର ନିଗମରେ ୨୪୬୪ ଜଣ ମହିଳା ବିଧବା ଭତ୍ତା ଅପେକ୍ଷାରେ ରହିଛନ୍ତି। ସେମାନଙ୍କୁ ସରକାରଙ୍କ ଯୋଜନାରୁ ବଞ୍ଚିତ ନ କରି, ବିକଳ୍ପ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

ସରକାରଙ୍କ ଅଜବ ନିୟମ, ହଜାର ହଜାର ମହିଳା ଯୋଜନାରୁ ବଞ୍ଚିତ

ସରକାର ଆର୍ଥିକସ୍ତରରେ ଦୁର୍ବଳ ତଥା ଅସହାୟଙ୍କ ପାଇଁ ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ଓଡ଼ିଶା ସରକାର ୧ ଜାନୁଆରୀ, ୨୦୦୮ରେ ଆରମ୍ଭ କରିଥିଲେ ନାମରେ ସାମାଜିକ ସୁରକ୍ଷା ପେନସନ ଯୋଜନା ମଧୁ ବାବୁ ପେନସନ ଯୋଜନା (ଏମ୍‌ବିପିୱାଇ)। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ବୃଦ୍ଧ ବ୍ୟକ୍ତି, ବିଧବା, ଅକ୍ଷମ ବ୍ୟକ୍ତି ଏବଂ ଅନ୍ୟାନ୍ୟ ଅଭାବୀ ବାସିନ୍ଦାଙ୍କ ସମେତ ଦୁର୍ବଳ ଗୋଷ୍ଠୀକୁ ମାସିକ ଆର୍ଥିକ ସହାୟତା ପ୍ରଦାନ କରିବା। ସମ୍ବଲପୁର ମହାନଗର ନିଗମରେ ମଧୁ ବାବୁ ପେନସନ ଯୋଜନା (ଏମ୍‌ବିପିୱାଇ)ରେ ୧୮୯୨୯ ଜଣ ସାମିଲ ହୋଇଥିବାବେଳେ ଇନ୍ଦିରାଗାନ୍ଧୀ ନେସନାଲ ପେନ୍‌ସନ୍ (ଆଇଜିଏନ୍‌ପି)ରେ ୮୬୧୯ ଜଣ ସାମିଲ ହୋଇଛନ୍ତି। ମଧୁବାବୁ ପେନ୍‌ସନ୍ ଯୋଜନାରେ ମାସିକ ୨,୨୯,୨୦,୨୦୦ ଟଙ୍କା ପ୍ରଦାନ କରାଯାଉଥିବାବେଳେ ଆଇଜିଏନ୍‌ପିରେ ୧,୨୨,୭୬,୫୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର୍ (ଡିବିଟି) ମାଧ୍ୟମରେ ପ୍ରଦାନ କରାଯାଇଥାଏ। ମଧୁବାବୁ ପେନ୍‌ସନ୍ ଯୋଜନାରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ମାସିକ ଭତ୍ତା ୩୫୦୦ ଟଙ୍କା ଏବଂ ଯୋଜନାର ଅନ୍ତର୍ଭୁକ୍ତ ଅନ୍ୟମାନଙ୍କୁ ମାସିକ ଭତ୍ତା ୧ହଜାର ଟଙ୍କା ପ୍ରଦାନ କରାଯାଏ। ସମ୍ବଲପୁର ମହାନଗର ନିଗମରେ ଏମ୍‌ବିପିୱାଇ ଅଧିନରେ ବରିଷ୍ଠ ନାଗରିକ ଭତ୍ତା ୮୩୯୧ ଜଣ, ବରିଷ୍ଠ ନାଗରିକ ପେନ୍‌ସନ୍ (୮୦ ବର୍ଷରୁ ଊର୍ଦ୍ଧ୍ୱ) ୭୦୦ ଜଣ, ବିଧବା ଭତ୍ତା ୫୧୯୧ ଜଣ, ଦିବ୍ୟାଙ୍ଗ ଭତ୍ତା ୧୫୩୫ ଜଣ, ଦିବ୍ୟାଙ୍ଗ ଭତ୍ତା (୮୦ ପ୍ରତିଶତରୁ ଊର୍ଦ୍ଧ୍ୱ) ୨୭୮ ଜଣ ଏବଂ ଅନ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ମିଶାଇ ସମ୍ପ୍ରତି ମୋଟ ୧୮ ୯୨୯ ଜଣ ରାଜ୍ୟ ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନାରେ ଲାଭାନ୍ୱିତ ହେଉଛନ୍ତି। ସୂଚନା ଅନୁଯାୟୀ, ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଲକ୍ଷ୍ୟ ଅନୁଯାୟୀ ବର୍ତ୍ତମାନ ସମ୍ବଲପୁର ମହାନଗର ନିଗମରେ ଧାର୍ଯ୍ୟ ହିତାଧିକାରୀଙ୍କୁ ଭତ୍ତା ଦିଆଯାଉଛି। ଏପରିସ୍ଥଳେ ବରିଷ୍ଠ ନାଗରିକ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା ପାଇଁ ଯୋଗ୍ୟ ହିତାଧିକାରୀମାନେ ତାଲିକାରେ ସେମାନଙ୍କ ନାମ ଆସିବାକୁ ଅପେକ୍ଷା କରି ରହିଛନ୍ତି। ଅପେକ୍ଷାରତ ହିତାଧିକାରୀଙ୍କ ସଂଖ୍ୟାକୁ ଦେଖି ସରକାର କୌଣସି ବିକଳ୍ପ ନିୟମରେ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସମ୍ବଲପୁରବାସୀ ଦାବି ଜଣାଇଛନ୍ତି।

ବୃଦ୍ଧଙ୍କୁ ହତ୍ୟା; ଅଭିଯୁକ୍ତ ଗିରଫ

କୁଚିଣ୍ଡା, ୧।୯ (ସମିସ) : ମାତ୍ର ଗୋଟିଏ ବାଡ଼ିକୁ କେନ୍ଦ୍ରକରି ଘଟିଛି ହତ୍ୟାକାଣ୍ଡ। ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଯକୃଜଠ ଡ଼ପୋଷ ପାଣ୍ଡି ମାସନିକାନି ଗ୍ରାମରେ ଜଣେ ୫୮ ବର୍ଷୀୟ ବୃଦ୍ଧଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ବ୍ୟକ୍ତି ଜଣକ ହେଲେ ମାସନିକାନି ଗ୍ରାମର ଚାର୍ଲସ ଲୁଗୁନ୍ (୫୮)। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ପାତ୍ରସ ଡଙ୍ଗ (୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ସୋମବାର ପୂର୍ବାହ୍ନ ପ୍ରାୟ ୧୦:୩୦ ମିନିଟ୍ ସମୟରେ ମୃତ ଚାର୍ଲସ ଲୁଗୁନ୍ ନିଜ ଘର ଆଗରେ ଗୋଟିଏ ବାଡ଼ି ଛାଞ୍ଚୁଥିଲେ। ଏହି ସମୟରେ ଗ୍ରାମର ପାତ୍ରସ ଡଙ୍ଗ ସେଠାରେ ପହଞ୍ଚି ଚାର୍ଲସଙ୍କୁ ସେହି ବାଡ଼ିଟି ମାଗିଥିଲେ। ଚାର୍ଲସ ବାଡ଼ିଟି ଦେବାକୁ ମନା କରିବାରୁ ଦୁହିଁଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ଅଭିଯୁକ୍ତ ପାତ୍ରସ ହଠାତ୍ ରାଗିଯାଇ ଚାର୍ଲସଙ୍କ ହାତରୁ ବାଡ଼ିଟି ଛଡ଼ାଇ ନେବା ସହ ନିକଟରେ ଥିବା ଏକ ବାଉଁଶି (କୁରାଢ଼ି) ଏବଂ ବାଡ଼ିରେ ଚାର୍ଲସଙ୍କୁ ନିର୍ମମ ଭାବେ ଆକ୍ରମଣ କରିଥିଲେ। ପଡ଼ୋଶୀ ବିଲକନ ଏକ୍କା ଏହା ଦେଖି ଚାର୍ଲସଙ୍କ ପୁଅ ଜାକ୍ରିୟାସ ଲୁଗୁନ୍ (୨୭)ଙ୍କୁ ଖବର ଦେଇଥିଲେ। ଅଭିଯୁକ୍ତ ପାତ୍ରସ ଘଟଣାସ୍ଥଳରେ କୁରାଢ଼ି ଓ ବାଡ଼ି ଛାଡ଼ି ଫେରାର ହୋଇଯାଇଥିଲା। ଏହାପରେ ଗ୍ରାମବାସୀଙ୍କୁ ଅଭିଯୁକ୍ତ ପାତ୍ରସ ଡଙ୍ଗକୁ ଧରି ଗ୍ରାମସଭାରେ ପଚରାଉଚରା କରାଯିବାରୁ ସେ ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିଥିଲା। ଏ ନେଇ ମୃତକଙ୍କ ପୁଅ ଜାକ୍ରିୟାସ ଲୁଗୁନ୍ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରୁ ପୁଲିସ କୁରାଢ଼ି ଓ ବାଡ଼ି ଜବତ କରିଛି। ଅଭିଯୁକ୍ତ ପାତ୍ରସ ଡଙ୍ଗକୁ ମଙ୍ଗଳବାର ଗିରଫ କରାଯାଇ କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରାଯାଇଛି।

● ରାହୁଲ ଗାନ୍ଧୀଙ୍କ ବିରୋଧରେ ଏଫ୍‌ଆଇଆରକୁ ପ୍ରତିବାଦ

ସମ୍ବଲପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପଦଯାତ୍ରା

ସମ୍ବଲପୁର, ୧। ୯ (ସମିସ): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ କରାଯାଇଥିବା ଏଫ୍‌ଆଇଆରକୁ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନିନ୍ଦା କରାଯାଇଛି। ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଜଂ ଅମିତ କୁମାର ଗୁରୁଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ସଭା ସହ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲା ମହିଳା ସଭାପତି ବିଜୟଲକ୍ଷ୍ମୀ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ୍ କାର୍ଯ୍ୟାଳୟରୁ ଗୋଲବଜାର ଛକ ପର୍ଯ୍ୟନ୍ତ ଏକ ପ୍ରତିବାଦ ପଦଯାତ୍ରା କରାଯାଇଥିଲା। ଏହି ସମୟରେ କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରତିବାଦ ସ୍ଲୋଗାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନିରଞ୍ଜନ ତ୍ରିପାଠୀ, ଦିନ ପରିଡା, ଜୀତେନ ମହାନନ୍ଦ, ରବି ରାଉତ, ଦିଲୀପ ଦୁରିୟା, ସତ୍ୟନାରାୟଣ ସେନାପତି, ତାପସ କୁମାର, କୃଷ୍ଣକୁମାର, ଓକିଲ ଚୌଧୁରି, ଏମ୍‌ଡି ମୁଖତାର, ସଦାନନ୍ଦ ବରାଳ, ସାମାଶିଂ, ସବର୍ଣ୍ଣ ମେହେର, ଲକ୍ଷ୍ମୀ ଶତପଥୀ, ସୁଭଦ୍ରା ବେହେରା, ମେଘା ଓରାମ, ସନ୍ତୋଷିନୀ ମେହେର, ତ୍ରିବେଣୀ ଚାନ୍ଦ, ଭାନୁମତି ଦାସ, ଗୀତା ନାଗ, ଆନନ୍ଦିନି ଓରାମ, ନିତ୍ୟାନନ୍ଦ ନାଗଙ୍କ ସମେତ ସମ୍ବଲପୁର ଜିଲ୍ଲା କଂଗ୍ରେସର ଅନେକ ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

● ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

ଆଜିଠାରୁ ଖୋଲିବ ଅନଲାଇନ୍ ପଞ୍ଜୀକରଣ ପୋର୍ଟାଲ

ସମ୍ବଲପୁର, ୧।୯ (ସମିସ) : ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବ ପାଇଁ ବୁଧବାର ଠାରୁ ଖୋଲିବ ଅନଲାଇନ୍ ପଞ୍ଜୀକରଣ ପୋର୍ଟାଲ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଗାମୀ ୩୬ତମ ସମାବର୍ତ୍ତନ ଉତ୍ସବ ଆସନ୍ତା ସେପ୍ଟେମ୍ବର ୭ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉତ୍ସବ ଆୟୋଜନ ପାଇଁ କୁଳାଧିପତି ତଥା ରାଜ୍ୟପାଳ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ସମାବର୍ତ୍ତନ ଉତ୍ସବରେ ଭାଗନେବାକୁ ଇଚ୍ଛୁକ ଥିବା ସମସ୍ତ ବିଦ୍ୟାର୍ଥୀଙ୍କ ପାଇଁ ଅନଲାଇନ୍ ପଞ୍ଜୀକରଣ ପୋର୍ଟାଲ ଆଜିଠାରୁ ଆନୁଷ୍ଠାନିକ ଭାବେ ଖୋଲିବାକୁ ଯାଉଛି। ଛାତ୍ରଛାତ୍ରୀମାନେ ନିଜର ନାମ ପଞ୍ଜୀକରଣ କରିବା ପାଇଁ ବିଶ୍ୱବିଦ୍ୟାଳୟର ଅଫିସିଆଲ୍ ୱେବସାଇଟ୍ ପରିଦର୍ଶନ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ସୂଚନା ଦିଆଯାଇଛି। ସମସ୍ତ ଯୋଗ୍ୟ ବିଦ୍ୟାର୍ଥୀଙ୍କୁ ବିନା ବିଳମ୍ବରେ ୱେବସାଇଟ୍‌କୁ ଯାଇ ନିଜର ଆବେଦନ ପ୍ରକ୍ରିୟା ପୂରଣ କରିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

ବନ୍ଦହେଲା ହୀରାକୁଦର ୬ ଗେଟ୍, ଜଳସ୍ତର ୬୨୫ ଫୁଟ୍

ସମ୍ବଲପୁର, ୧।୯ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା କମିବା ଏବଂ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବାପରେ ଆଜି ପର୍ଯ୍ୟାୟକ୍ରମେ ୬ଟି ଗେଟ୍ ବନ୍ଦ କରିଦିଆଯାଇଛି। ସକାଳ ୬ଟା ୪୦ ମିନିଟ୍‌ରେ ୪ଟି ଗେଟ୍ ଏବଂ ପୂର୍ବାହ୍ନ ୧୦ଟା ୪୮ ମିନିଟ୍‌ରେ ୨ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ପ୍ରତି ନଦୀବନ୍ଧର ୨ଟି ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସିତ ହେଉଛି। ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇ ୬୨୫ ଫୁଟ୍‌ରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ ଏବଂ ଡାହାଣ ପାଶ୍ୱର୍ ଗୋଟିଏ ଲେଖାଏଁ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୩୮,୩୭୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୬,୫୭୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୨,୦୯୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧୫୪୩ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୩୧,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୭୯,୫୫୩ କ୍ୟୁସେକ୍, ଖଇରମାଲଠାରେ ୨,୮୨,୦୦୦ କ୍ୟୁସେକ୍, ବାରମୁଲଠାରେ ୨,୨୨,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୩୬,୧୯୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୮.୫୨ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୦.୫୧ ମିମି ବର୍ଷା ରେକର୍ଡ କରାଯାଇଛି।

ସମାଜସେବୀ ଗୋବିନ୍ଦ ନାରାୟଣ ଅଗ୍ରୱାଲଙ୍କ ପରଲୋକ

ସମ୍ବଲପୁର, ୧।୯ (ସମିସ) : ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଗୋବିନ୍ଦ ନାରାୟଣ ଅଗ୍ରୱାଲ (୮୫)ଙ୍କ ମଙ୍ଗଳବାର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ସେ ସମ୍ବଲପୁରର ଏନ୍‌ସାଇକ୍ଲୋପେଡିଆ ଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ। ତାଙ୍କ ଜୀବନକାଳରେ ସମ୍ବଲପୁରର ସମସାମୟିକ ସ୍ଥିତି, ପରିବର୍ତ୍ତନ, ପ୍ରଶାସନିକ ହଲ୍‌ଚଲ ଓ ରାଜନୈତିକ ଗତିବିଧିକୁ ନେଇ ସେ ପ୍ରସଙ୍ଗ ଆଳରେ ବଖାଣି ପାରୁଥିଲେ। ସମ୍ବଲପୁରକୁ ନେଇ ସେ ଅଭିଜ୍ଞ ଓ ଦକ୍ଷ ଥିଲେ। ପ୍ରତିଟି ମହଲରେ ତାଙ୍କ ପରିଚିତି ଥିଲା। ସେ ଜନସାଧାରଣଙ୍କ ସମସ୍ୟା ଉପସ୍ଥାପନ କରିବାସହ ମାଗଣାରେ ଆଇନସେବା ଯୋଗାଇ ଦେଉଥିଲେ। ସେ ଜିଲ୍ଲା ଓକିଲ ସଂଘଠାରୁ ଆରମ୍ଭ କରି ସମ୍ବଲପୁରର ସମସ୍ତ ସାମାଜିକ, ସାଂସ୍କୃତିକ ତଥା ଅନ୍ୟ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ଥିଲେ। ଆସନ୍ତାକାଲି ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ପୂର୍ବତନ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସଡିଏ) ଅଧକ୍ଷ ବିଜୟ କୁମାର ମହାନ୍ତି ଶୋକବାର୍ତ୍ତାରେ କହିଛନ୍ତି, ସ୍ୱର୍ଗୀୟ ଗୋବିନ୍ଦ ଅଗ୍ରୱାଲ ଜିଏମ କଲେଜର ଛାତ୍ର ଜୀବନରୁ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ଥିଲେ। ସ୍ୱର୍ଗୀୟ ଅଗ୍ରୱାଲ ଆଇନଜୀବୀ ଭାବେ କାର୍ଯ୍ୟ କରିବା ସହିତ ଜଣେ ସାମାଜିକ କାର୍ଯ୍ୟକର୍ତ୍ତା ବି ଥିଲେ। ସେ କୌଣସି ରାଜନୈତିକ ଦଳରେ ନ ଥିଲେ ମଧ୍ୟ ବିଶିଷ୍ଟ ସମାଜବାଦୀ ନେତା ତଥା ପୂର୍ବତନ ଲୋକସଭା ସଦସ୍ୟ କିଶନ ପଟ୍ଟନାୟକଙ୍କ ଜଣେ ପ୍ରଶଂସକ ଥିଲେ। ଜଣେ ସଚେତନ ସାମାଜିକ କାର୍ଯ୍ୟକର୍ତ୍ତା ଭାବେ ସମ୍ବଲପୁରର ବିଭିନ୍ନ ଜନସମସ୍ୟା ସହିତ ଜଡିତ ହେଉଥିଲେ। ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ସଂଜିତ ମହାନ୍ତି ଗୋବିନ୍ଦ ନାରାୟଣ ଅଗ୍ରୱାଲଙ୍କ ଇହଲୀଳା ସମ୍ବରଣରେ ଶୋକପ୍ରକାଶ କରି କହିଛନ୍ତି, ଗୋବିନ୍ଦ ଅଗ୍ରୱାଲ ଜିଲ୍ଲା କ୍ରୀଡ଼ା ସଂଘର ଜଣେ ଆଜୀବନ ସଦସ୍ୟ, ବରିଷ୍ଠ ଆଇନଜୀବୀ ତଥା ବିଭିନ୍ନ ସାମାଜିକ ସଂଗଠନ ସହ ଜଡ଼ିତ ଜଣେ ସମାଜସେବୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ଛାଡ଼ିଯାଇଛନ୍ତି। ସମ୍ବଲପୁରର ଅଧିକାର, ସ୍ୱାଭିମାନ ଓ ସ୍ୱାର୍ଥର ସୁରକ୍ଷା ପାଇଁ ହେଉଥିବା ପ୍ରତ୍ୟେକ ଲଢ଼େଇରେ ସେ ସଦା ଆଗରେ ରହୁଥିଲେ। ପୂର୍ବତନ ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସୂର୍ଯ୍ୟ ପାଣିଗ୍ରାହୀ କହିଛନ୍ତି, ଜଣେ କର୍ମଠ ଓ ସ୍ପଷ୍ଟବାଦୀ ବ୍ୟକ୍ତିତ୍ୱ ଥିଲେ ଗୋବିନ୍ଦ ନାରାୟଣ ଅଗ୍ରୱାଲ। ସମ୍ବଲପୁରରେ ଦୀର୍ଘ ଦିନ ଧରି ଜଣେ ସଚେତନ ନାଗରିକ ଭାବରେ ବିଭିନ୍ନ ସମ୍ବେଦନଶୀଳ ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଲୋକଙ୍କ ସ୍ୱରର ଦାୟିତ୍ୱ ନିର୍ବାହ କରିଆସୁଥିଲେ। ସମାଜସେବୀ କାର୍ତ୍ତିକ ବହିଦାର ଶୋକବାର୍ତ୍ତାରେ କହିଛନ୍ତି, ଗୋବିନ୍ଦ ଅଗ୍ରୱାଲ ଜଣେ ବରିଷ୍ଠ ଆଇନଜୀବୀ, ସାମ୍ବାଦିକ, ସମାଜସେବୀ ଏବଂ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କର ସରଳତା, ବ୍ୟକ୍ତିତ୍ୱ ଓ ସାମାଜିକ ଅବଦାନ ସମସ୍ତଙ୍କ ମନରେ ସଦାସ୍ମରଣୀୟ ହୋଇ ରହିବ।



ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡିପିଏଚ୍‌ଓଙ୍କୁ ବିଦାୟ ସମ୍ବର୍ଦ୍ଧନା

ସମ୍ବଲପୁର,୧।୯ (ସମିସ): ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ) ଡାକ୍ତର ଅଶୋକ କୁମାର ଦାସଙ୍କ ବିଦାୟସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଡାକ୍ତର ଦାସଙ୍କ ପଦୋନ୍ନତି ପୂର୍ବକ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ ବଦଳି ହୋଇଛି। ଉକ୍ତସଭାରେ ମୁଖ

ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ

'ଜାତୀୟ ଅନୁଷ୍ଠାନ ଭାବେ ପ୍ରତିଷ୍ଠିତ ପାଇଁ ନିଆଯାଉଛି ପଦକ୍ଷେପ'

ବଲାଙ୍ଗିର,୧।୯ (ସମିସ)

ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଷଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସକାଳୁ ପ୍ରଥମ ପର୍ଯ୍ୟାୟରେ ବୈଦିକ ମନ୍ତ୍ରୋଚ୍ଚାରଣ ଓ ସ୍ୱାଗତ ସଙ୍ଗୀତ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘଟନୀ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟରେ ଉଚ୍ଚଶିକ୍ଷାର ମାନ ଓ ଗୁଣବତ୍ତା ବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ବିସ୍ତୃତ ଭାବେ କହିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଚାଲୁଥିବା ବିକାଶମୂଳକ କାର୍ଯ୍ୟ, ଭିତ୍ତିଭୂମିର ଉନ୍ନତି ଏବଂ ଛାତ୍ରଛାତ୍ରୀଙ୍କ ବଦଳୁଥିବା ଆବଶ୍ୟକତା ଅନୁଯାୟୀ ଏକାଡେମିକ୍ ସହାୟତା ପ୍ରଦାନ ଦିଗରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ଶ୍ରୀ ସିଂହଦେଓ ଗୁରୁତ୍ୱାରୋପ କରିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ ଜାତୀୟ ଅନୁଷ୍ଠାନ ଭାବେ ପ୍ରତିଷ୍ଠିତ କରିବା ଦିଗରେ ନିଆଯାଉଥିବା ଯୋଜନାବଦ୍ଧ ପଦକ୍ଷେପଗୁଡ଼ିକ ସମ୍ପର୍କରେ କୁଳପତି ଶ୍ରୀ ମଲ୍ଲିକ ଆଲୋକପାତ କରିଥିଲେ।

ସେହିପରି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଓ ପ୍ରଫେସର ଡ. ମାଧବାନନ୍ଦ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ଡ. ପ୍ରତାପ କୁମାର ଦାଶ ଛାତ୍ରଛାତ୍ରୀମାନଙ୍କୁ ଗଠନମୂଳକ ଓ ସୃଜନଶୀଳ ଚିନ୍ତନ ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ଉପକୁଳସଚିବ ବିଶ୍ୱଜିତ ବେହେରା ବାର୍ଷିକ ବିବରଣୀ ସହ ବିଗତ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟ ହାସଲ କରିଥିବା ପ୍ରମୁଖ ସଫଳତା, ଏକାଡେମିକ୍ ମାଇଲଷ୍ଟୋନ୍, ଗବେଷଣା କ୍ଷେତ୍ରର ସଫଳତା ଓ ପ୍ରଶାସନିକ ଉପଲବ୍‌ଧିଗୁଡ଼ିକର ବିସ୍ତୃତ ସୂଚନା ଦେଇଥିଲେ। ଏହି ସଭାରେ ବିଶ୍ୱବିଦ୍ୟାଳୟର କୁଳସଚିବ ହରପ୍ରସାଦ ଭୋଇ ମଧ୍ୟ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ସାହିତ୍ୟିକ ଓ ସାଂସ୍କୃତିକ ଅବଦାନ କ୍ଷେତ୍ରରେ ଏକ ସ୍ମରଣୀୟ ପଦକ୍ଷେପ ଭାବେ ପ୍ରଥମ "ଗାୟତ୍ରୀ ସରାଫ ଗଳ୍ପ ସମ୍ମାନ' ଡ. ସଞ୍ଜୟ କୁମାର ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବାର୍ଷିକ ପତ୍ରିକା "ପ୍ରଜ୍ଞାଜ୍ୟୋତି' ଓ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କ ରଚିତ "କୃଷ୍ଣ'ର ଇଂରାଜୀ ଅନୁବାଦ ଉନ୍ମୋଚିତ ହୋଇଥିଲା।

ଏଚ୍‌ଆରଡିସିର ନିର୍ଦ୍ଦେଶକ ଡ. ଆର୍. କେ. ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗ ସହକାରୀ ପ୍ରାଧ୍ୟାପକ ଡ଼. ସୁଶାନ୍ତ କୁମାର ପଣ୍ଡା, ସହକାରୀ ପ୍ରାଧ୍ୟାପକ ଭୂଗୋଳ ବିଭାଗ ଦୀପ୍ତିମୟୀ ନାଏକ ଏବଂ ଅର୍ଥନୀତି ବିଭାଗ ସହକାରୀ ପ୍ରାଧ୍ୟାପକ ସସ୍ମିତା ମେହେର, କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କ ମିଳିତ ପ୍ରୟାସରେ ସଙ୍ଗୀତ, ନୃତ୍ୟ ଓ ନାଟକ ଆଦି ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ରାସ୍ତା ଓ ବିଦ୍ୟୁତ୍ ସମସ୍ୟା ନେଇ ବିଡିଓ ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଦାବିପତ୍ର

ଖପ୍ରାଖୋଲ,୧।୯ (ସମିସ): ମୌଳିକ ସୁବିଧାରୁ ବଞ୍ଚିତ ଲଛିମାଲ ଗ୍ରାମବାସୀ ଆଜି ସେମାନଙ୍କର ଦୀର୍ଘଦିନର ଦୁଃଖ ଓ ସମସ୍ୟା ସମାଧାନ ପାଇଁ ପ୍ରଶାସନକୁ ଅଭିଯୋଗ କରିଛନ୍ତି। ଗ୍ରାମରେ ରାସ୍ତାଘାଟର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବା ବେଳେ ବିଦ୍ୟୁତ୍ ସମସ୍ୟା ମଧ୍ୟ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀ ଏକାଠି ହୋଇ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଏବଂ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ହେବ ଲଛିମାଲ ଗ୍ରାମରୁ ପଞ୍ଚାୟତ ମୁଖ୍ୟାଳୟକୁ ଯିବାଆସିବା ପାଇଁ ଭଲ ରାସ୍ତାଟିଏ ନାହିଁ। ବର୍ଷାଦିନେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଯାଏ ଏବଂ କାଦୁଅ ପାଣିରେ ଚାଲିବା ମଧ୍ୟ କଷ୍ଟକର ହୋଇପଡ଼େ। ରୋଗୀଙ୍କୁ ଡାକ୍ତରଖାନା ନେବା କିମ୍ବା ଜରୁରୀକାଳୀନ ପରିସ୍ଥିତିରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଅନ୍ୟପକ୍ଷରେ, ଗ୍ରାମରେ ବିଦ୍ୟୁତ୍ ସରବରାହ ଅବସ୍ଥା ମଧ୍ୟ ଅତ୍ୟନ୍ତ ଦୁର୍ବଳ। ପୁରୁଣା ଓ ଭାରସାମ୍ୟହୀନ ଟ୍ରାନ୍ସଫର୍ମର ଯୋଗୁଁ ପ୍ରାୟତଃ ବିଦ୍ୟୁତ୍ କାଟ୍ ଏବଂ କମ୍ ଭୋଲ୍ଟେଜ୍ ସମସ୍ୟା ଦେଖାଦେଉଛି, ଯାହାଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଏବଂ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି। ତେଣୁ ଗ୍ରାମରେ ଏକ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ଦାବି ହୋଇଛି। ଦାବିପତ୍ର ଗ୍ରହଣ କରିବା ସମୟରେ ଅଧିକାରୀମାନେ ଖୁବ୍ ଶୀଘ୍ର ଏହି ସମସ୍ୟାଗୁଡ଼ିକର ଅନୁଧ୍ୟାନ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଶୀଘ୍ର ଏହାର ସମାଧାନ ନ ହୁଏ, ତେବେ ଗ୍ରାମବାସୀ ଆଗାମୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସ୍ୱାୟତ୍ତଶାସନ ଦିବସରେ ତରଭା ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ

ତରଭା,୧।୯ (ସମିସ): ଚଳିତବର୍ଷ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦର ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସହରବାସୀଙ୍କ ୮୦ ବର୍ଷର ସ୍ୱପ୍ନ ସାକାର ହୋଇଛି। ଆଜି ସୁବର୍ଣ୍ଣପୁର ଜିଲ୍ଲା ତରଭା ସହରରେ ବସ୍‌ଷ୍ଟାଣ୍ଡ ଉଦଘାଟିତ ହୋଇଛି। ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପିତ କରିଥିଲେ। ଏହି ଅବସରରେ

ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ

ସୋନପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକ, ବିଡ଼ିଓ ଶିବାନନ୍ଦ କର୍ମୀ, ତହସିଲଦାର ଶ୍ୱେତାଲିନା ମାହାଣଙ୍କ ସମେତ ସମସ୍ତ କାଉନସିଲର, ବିଜେପି କର୍ମକର୍ତ୍ତା, ଦଳୀୟ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୂର୍ବାହ୍ନ ୯ ଟାରେ ଏନଏସି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ଶ୍ରୀମତୀ ନାଏକଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ବସଷ୍ଟାଣ୍ଡ ଉଦଘାଟନ ପରେ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କରେ ନବନିର୍ମିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିର ଅନାବରଣ ନଗରପାଳ ଶ୍ରୀମତୀ ନାଏକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଟାଉନହଲରେ ସ୍ୱାୟତ୍ତ ଶାସନ ଦିବସର ସିଧାପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ସାଧାରଣ ସଭାରେ ଅଧ୍ୟକ୍ଷା ଶ୍ରୀମତୀ ନାଏକ, ଉପାଧ୍ୟକ୍ଷ ଶ୍ରୀ ଅଗ୍ରୱାଲ, ନିର୍ବାହୀ ଅଧିକାରୀ ଶ୍ରୀ ମଲିକ, ସାଂସଦଙ୍କ ପ୍ରତିନିଧି ମାନସ ସାହୁ, ବିଧାୟକଙ୍କ ପ୍ରତିନିଧି ଦଶରଥ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ପରିମଳ କର୍ମଚାରୀଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ତରଭା ଷ୍ଟାଡ଼ିୟମରେ ନିର୍ମିତ ଅମୃତଧାରା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ପରେ ରୁକୁ ସୁନା ଓ ସାଥୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

● ରହିତାଦେଶ ସତ୍ତ୍ୱେ ବିବାଦୀୟ ଜମିରେ ବୁଲାଉଥିଲେ ବାଡ଼

ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ଖପ୍ରାଖୋଲ,୧।୯ (ସମିସ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଓଡ଼ିଆପାଳି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। କୋର୍ଟଙ୍କ ରହିତାଦେଶକୁ ଉଲ୍ଲଂଘନ କରି ଏକ ବେସରକାରୀ କମ୍ପାନୀ ପକ୍ଷରୁ ବିବାଦୀୟ ଜମିରେ ବାଡ଼ ବୁଲାଯାଉଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବେଲପଡ଼ା ଥାନା ଅନ୍ତର୍ଗତ ଆଇଁଲାଭଟା ଗ୍ରାମର ଛବିଳ ପାଣ୍ଡେ (୨୭)।

ସୂଚନା ଅନୁଯାୟୀ, ଗତବର୍ଷ 'ଏନଭାଇରୋ କେଆର ଇନ୍‌ଫ୍ରା ସଲୁସନ ପ୍ରାଇଭେଟ୍ ଲିମିଟେଡ଼' ନାମକ ଏକ କମ୍ପାନୀ ଓଡ଼ିଆପାଳି ଗ୍ରାମର ରସିକ ସାହୁ ଏବଂ ସୁନାଧର ସାହୁଙ୍କ ଜମିକୁ ଚଞ୍ଚକତା କରି ନେଇଥିବା ଅଭିଯୋଗ ହୋଇଥିଲା। କୋର୍ଟରେ ମାମଲା ପରେ ଏହା ଉପରେ କୋର୍ଟଙ୍କ ପକ୍ଷରୁ ରହିତାଦେଶ ଜାରି କରାଯାଇଥିଲା। ମାତ୍ର ସୋମବାର ଦିନ କମ୍ପାନୀର ଠିକାଦାର କିଛି ଶ୍ରମିକଙ୍କୁ ଆଣି ଉକ୍ତ ଜମିରେ ତାର ବାଡ଼ ଲଗାଉଥିଲେ। ଜମି ଉପରେ ୧୧ କେଭି ବିଦ୍ୟୁତ୍ ତାର ଯାଇଥିବା ସତ୍ତ୍ୱେ ବିନା କୌଣସି ସୁରକ୍ଷା କିମ୍ବା ବିଦ୍ୟୁତ୍ ବିଭାଗର ବିନାଅନୁମତିରେ କାମ କରାଯାଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛବିଳଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଘଟଣା ପରେ କମ୍ପାନୀର ସମସ୍ତ କର୍ମଚାରୀ ଓ ଠିକାଦାର ଫେରାର୍ ହୋଇଯାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ, ଜମିର ମାଲିକ ସୁନାଧର ସାହୁ ନ୍ୟାୟ ପାଇଁ ଖପ୍ରାଖୋଲ ଥାନାକୁ ଯାଇଥିଲେ ମଧ୍ୟ ପୁଲିସ ଅଭିଯୋଗ ଗ୍ରହଣ କରି ନଥିବା ସେ ଅଭିଯୋଗ କରିଛନ୍ତି।

ସାର ଟଙ୍କା ହେରଫେର୍ ଅଭିଯୋଗରେ ପୂର୍ବତନ ପାକ୍ସ ସଂପାଦକ ଗିରଫ

ଦେବଗଡ଼, ୧।୯ (ସମିସ): ବାରକୋଟ ବ୍ଲକ୍ ଅଧୀନ କଲା ପାକ୍ସର ପୂର୍ବତନ ସଂପାଦକ ଶ୍ରୀପତି ପ୍ରଧାନଙ୍କୁ ସାର ବାବଦ ଅର୍ଥରୁ ୧୬.୭୨ ଲକ୍ଷ ଟଙ୍କା ହେରଫେର ଅଭିଯୋଗରେ ଆଜି ଭିଜିଲାନ୍ସ ଗିରଫ କରିଛି। ସୂଚନା ଅନୁଯାୟୀ, କଲା ପାକ୍ସରେ ୧୬ ଲକ୍ଷରୁ ଅଧିକ ଟଙ୍କାର ହେରଫେର ଅଭିଯୋଗ

ମିଳିବା ପରେ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ଶ୍ରୀ ପ୍ରଧାନ ରେଜିଷ୍ଟର, ଲେଜର ଏଣ୍ଟ୍ରି ଏବଂ ଷ୍ଟକ୍/ ଇନ୍‌ଭେଣ୍ଟୋରୀ ବହିରେ ଜାଲିଆତି କରିଥିବା ଜଣା ପଡ଼ିଥିଲା। ସ୍ଥାନୀୟ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାରର ସାରକୁ ବେଆଇନ ଭାବେ ଅନ୍ୟତ୍ର ବିକ୍ରି କରି ୧୬ ଲକ୍ଷ ୭୨ ହଜାର ,୫୬୭ ସାର ଟଙ୍କା ହଡ଼ପ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଚାଷୀମାନେ ସରକାରଙ୍କ ଉଦ୍ଦିଷ୍ଟ ସୁବିଧାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ହେବା ପରେ ରାଉରକେଲା ଭିଜିଲାନ୍ସ ବିଭାଗରେ ମାମଲା ରୁଜୁ ହୋଇଥିଲା। ତେବେ ଆଜି ଭିଜିଲାନ୍ସ ବିଭାଗ ପକ୍ଷରୁ ଶ୍ରୀ ପ୍ରଧାନଙ୍କୁ ଗିରଫ କରି ସମ୍ବଲପୁର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ଅଦାଲତରେ ହାଜର କରାଯାଇଛି।

ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା,୧।୯ (ସମିସ): ଘରୋଇ ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ଆଇନଗତ ସୁରକ୍ଷା, ନ୍ୟାୟିକ ଅଧିକାର ତଥା ଉପଲବ୍ଧ ସରକାରୀ ସହାୟତା ବ୍ୟବସ୍ଥା ସମ୍ପର୍କରେ ସଚେତନତା ଓ ଦକ୍ଷତା ବୃଦ୍ଧି ନିମନ୍ତେ "ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ, ୨୦୦୫' ଉପରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗର ତତ୍ତ୍ୱାବଧାନ ତଥା ମହିଳା ସଶକ୍ତୀକରଣ ଜିଲ୍ଲା କେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରକୁ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଭିକ୍ଟୋରିଆ ଏକ୍କା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସମ୍ବଳ ବ୍ୟକ୍ତି ଭାବେ ସ୍ୱେଚ୍ଛାସେବୀ ସଂଗଠନ ସେହେତାର ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଆଇନ ପରାମର୍ଶଦାତା ସାଜଦା ବେଗମ ଏବଂ ପୁଲିସବିଭାଗ ତରଫରୁ ହେମାଙ୍ଗିନୀ ଗର୍ଡିଆ ଯୋଗଦେଇ ଆଇନଗତ ଦିଗଗୁଡ଼ିକ ଉପରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୨୦୦୫ ଆଇନର ଲକ୍ଷ୍ୟ, ସୁରକ୍ଷା ଅଧିକାରୀ, ପୁଲିସ, ସେବା ଯୋଗାଣକାରୀ ସଂସ୍ଥା, ୱାନ୍‌ଷ୍ଟପ୍ ସେଣ୍ଟର, ଶକ୍ତି ସଦନ ଓ ଆଶ୍ରୟ ଗୃହ ମଧ୍ୟରେ ଥିବା କାର୍ଯ୍ୟଧାରା ସମ୍ପର୍କରେ ତଥ୍ୟ ରଖାଯାଇଥିଲା। ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ଆଇସିଡିଏସ୍ ପ୍ରକଳ୍ପର ସିଡିପିଓ, ଲେଡି ସୁପରଭାଇଜର, ଡିଏଲ୍‌ଏଫ୍ ଓ ବିଏଲ୍‌ଏଫର କର୍ମକର୍ତ୍ତା, ୱାନ୍ ଷ୍ଟପ୍ ସେଣ୍ଟର ଓ ଶକ୍ତି ସଦନର ପ୍ରତିନିଧି, ଡିଏଲ୍‌ଏସ୍‌ଏର ପାରା ଲିଗାଲ୍ ଭଲ୍ୟୁଣ୍ଟିୟର, ଅଙ୍ଗନବାଡ଼ି କର୍ମୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ଯାଜ୍ଞସେନୀ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏସ୍‌ଆଇଆର୍ କାର୍ଯ୍ୟର ସମୀକ୍ଷା କଲେ ଆର୍‌ଡିସି

ଝାରସୁଗୁଡ଼ା,୧।୯ (ସମିସ): ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆରଡିସି, ସମ୍ବଲପୁର) ତଥା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାପାତ୍ର ଆଜି ଦ୍ୱିତୀୟ ଥର ପାଇଁ ଝାରସୁଗୁଡ଼ା ଜିଲ୍ଲା ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ବ୍ରଜରାଜନଗର ପୌରପାଳିକା ଅଞ୍ଚଳ ପରିଦର୍ଶନ କରିବା ସହ ଜିଲ୍ଲାରେ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ତଦାରଖ କରିଥିଲେ। ଗସ୍ତ ସମୟରେ ଆରଡିସି ଶ୍ରୀ ମହାପାତ୍ର ବିଭିନ୍ନ ଦାଖଲ ଫର୍ମଗୁଡ଼ିକର ସମାଧାନ ଓ ନିଷ୍ପତ୍ତି ପ୍ରକ୍ରିୟାର ସୁପର-ଚେକିଂ କରିଥିଲେ। ବିଶେଷ କରି ଯେଉଁ ବୁଥ୍‌ଗୁଡ଼ିକରେ ସର୍ବାଧିକ ନୂତନ ନାମ ଯୋଗ ଏବଂ ନାମ ବାଦ୍ ପଡ଼ିଛି, ସେହି ବୁଥ୍‌ଗୁଡ଼ିକର ସ୍ଥିତି ଏବଂ ପରିସଂଖ୍ୟାନକୁ ସେ ବିଶେଷ ଭାବରେ ସମୀକ୍ଷା କରିଥିଲେ। ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଯୋଜନାବଦ୍ଧ ଏବଂ ସୁଚାରୁ ରୂପେ ଚାଲିଥିବାରୁ ସେ ସାମଗ୍ରିକ ଅଗ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ଏହି ସମୀକ୍ଷା ଓ ପରିଦର୍ଶନ କାର୍ଯ୍ୟକ୍ରମରେ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ କୁମାର

ସୋରେଙ୍ଗ, ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ଇଆରଓ ତଥା ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ବେଲପାହାଡ଼ ପୌର ନିର୍ବାହୀ ଅଧିକାରୀ ତଥା ଏଇଆରଓ ଗୌରବ ପ୍ରଧାନ ଏବଂ ବ୍ରଜରାଜନଗରର ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଏଇଆରଓ କୁମାରୀ ଶ୍ରଦ୍ଧାଞ୍ଜଳି ପତି ପ୍ରମୁଖ ଉପସ୍ଥିତ ଥିଲେ।

ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ

ଡୁଙ୍ଗୁରିପାଲି,୧।୯ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାରସମାଲର ବରିଷ୍ଠ ଶିକ୍ଷକ ରମାକାନ୍ତ ବିଶ୍ୱାଳ ସୋମବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆର୍ତ୍ତତ୍ରାଣ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଶାନ ଅବସର ନେଉଥିବା ଶିକ୍ଷକ ରମାକାନ୍ତଙ୍କୁ ଉପଢୌକନ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ରମାକାନ୍ତ ସାର୍ ଦୀର୍ଘ ୧୦ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷାଦାନ କରିଛନ୍ତି। ଅବସରକାଳୀନ ସଭାରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଶାନ ଯୋଗ ଦଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁଂଜାଲୁ ମିର୍ଦ୍ଧା, ସିଆରସିସି ସୌରଭ ସାଂସଦ ପ୍ରତିନିଧି ବୀରେନ୍ଦ୍ର କଠାର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତହସିଲ ଚିରଗୁନ, ଅବସରପ୍ରାପ୍ତ ଶିକ୍ଷକ ଭକ୍ତ ମଞ୍ଚାସିନ ଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଭାଗ୍ୟଜଗଦଳା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅପରାହ୍ନରେ ଏକ ଶୋଭାଯାତ୍ରାରେ ମିର୍ଦ୍ଧାପଡ଼ାସ୍ଥିତ ବାସଭବନ ପର୍ଯ୍ୟନ୍ତ ବିଶ୍ୱାଳ ସାର୍‌ଙ୍କୁ ପାଛୋଟି ନିଆଯାଇଥିଲା।

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଡୁଙ୍ଗୁରିପାଲି,୧।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସଭାଗୃହରେ ଆୟୋଜିତ ସମାରୋହରେ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବେସରକାରୀ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନ, ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରାୟ ୧ ବର୍ଷ ୧ ମାସ ସେ ଏଠାରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିବାବେଳେ ଜିଲ୍ଲାର ବିଭିନ୍ନ ବର୍ଗର ଲୋକଙ୍କ ସହ ମିଶିଛନ୍ତି ଓ ତାଙ୍କ ଅମଳରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିଛି। ତେବେ ତାଙ୍କ ଅବସରଜୀବନ ସୁଖମୟ କାମନା କରିଛନ୍ତି ଜିଲ୍ଲାବାସୀ। ଅପରପକ୍ଷରେ ଏ ଜିଲ୍ଲା ତାଙ୍କୁ ଅନେକ କିଛି ଶିଖାଇବା ସହ ଲୋକଙ୍କ ଭଲପାଇବାକୁ ସେ ଭାଷାରେ ବର୍ଣ୍ଣନା କରିହେବ ନାହିଁ ବୋଲି ଭାବବିହ୍ୱଳ କଣ୍ଠରେ କହିଛନ୍ତି।

ଶିକ୍ଷକଙ୍କ ବିୟୋଗରେ ଶୋକସଭା

ଡୁଙ୍ଗୁରିପାଲି,୧।୯ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶୁଖା ଗ୍ରାମ ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ହିନ୍ଦୀ ଶିକ୍ଷକ ସ୍ୱର୍ଗତ ତୋଫାନ ପ୍ରଧାନଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ କ୍ଷିତୀଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ସ୍ୱର୍ଗତ ଶ୍ରୀ ପ୍ରଧାନଙ୍କ ଫୋଟୋ ନିକଟରେ ଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରିଥିଲେ। ଏହି ସଭାରେ ପ୍ରଫୁଲ୍ଲ ସାହୁ, ପ୍ରସନ୍ନ କୁମାର ଭୋସାଗର, ଅଭିମନ୍ୟୁ ନାଏକ, ଲକ୍ଷପତି ବୁଡ଼େକ, ଗୁଣନିଧି ବରିହା, ଟେକ ଚାନ୍ଦ ସାହୁ, ଉପମା ଗୋଏଲ, ଅପର୍ଣ୍ଣା ସାହୁ, ବିଜୟ ଲକ୍ଷ୍ମୀ ବାଗ, ରଶ୍ମିତା ମଲ୍ଲିକ, ରଜତ ମେହେର, ଭୀଷ୍ମ କୁମ୍ଭାର, ବିରନ୍ଦ୍ର ସାହୁ, ରାଧେଶ୍ୟାମ ସା, ଶିବରାମ ଦାସ, ବାବୁଲାଲ ଦାସ, ଅଙ୍କିତା ମେହେର, ସୁଶୀଲ ମୁଟୁରିଆ, ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ପଧାନଙ୍କ ଅକାଳ ବିୟୋଗରେ ବିଦ୍ୟାଳୟ ତଥା ଶୁଖା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଭୂମିହୀନଙ୍କୁ ମିଳୁନି ସରକାରୀ ଜମି

କଣ୍ଟାବାଞ୍ଜି ତହସିଲ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ରୁପଧର

କଣ୍ଟାବାଞ୍ଜି,୧।୯ (ସମିସ)

କଣ୍ଟାବାଞ୍ଜି ତହସିଲ ବାହାରେ ଏକା ବସିଛନ୍ତି ଜଣେ ବୃଦ୍ଧ। ବୟସ ୬୫ ଟପିଥିବାବେଳେ ଦେହରେ ଚିରା ଗଞ୍ଜି, ଆଖିରେ ଲୁହ, ହାତରେ ଗୋଟିଏ ମଇଳା କାଗଜ ଧରିଛନ୍ତି। ଏନେଇ ତାଙ୍କୁ ପଚାରିବାରୁ ସେ କୁହନ୍ତି, ମୋ ନାଁ ରୁପଧର ସୁନା, ଖୁଜେନ ଗାଁ ତୁରେକେଲା ଥାନା ଅଞ୍ଚଳ ବାସିନ୍ଦା। ମୁଁ ଜମିହୀନ, ଗରିବ ବୋଲି ସରକାର ୪ ଡିସିମିଲ ଜମି, ଖାତା ନଂ.୧୦, ପ୍ଲଟ ନଂ. ୮୩୦ରେ ଦେଲେ। ସେ ଭାବିଲେ ଜୀବନ ବଦଳିଯିବ। ସେ ଜମିର ଖଜଣା ଟଙ୍କା ବି ଯୋଡ଼ି ଦେଇଛନ୍ତି। ରସିଦ ସାଇତି ରଖିଛନ୍ତି। ତା' ପରେ ଭଗବାନ ତାଙ୍କୁ ମିଳିଲା ପ୍ରଧାନମନ୍ତ୍ରୀ ଆବାସ। ଖୁସି କହିଲେ ନ ସରେ, ସ୍ତ୍ରୀ, ପିଲାଙ୍କୁ କହିଲେ ଆମର ବି ପକ୍କା ଘର ହେବ। କିନ୍ତୁ ଯେତେବେଳେ ସେ ଜମି ପାଖକୁ ଗଲେ, ତାହା ଜମି ନ ଥିଲା, ଥିଲା ଘଞ୍ଚ ଜଙ୍ଗଲ। ଚାରିଆଡେ ହାତୀ, ଭାଲୁ ଡର। ମଣିଷ ରହିପାରିବ ନାହିଁ। ଅଥଚ ତାଙ୍କ ଗାଁ ଖୁଜେନରେ ଶହ ଶହ ଏକର ସରକାରୀ ଖାସ ଜମି ଖାଲି ପଡିଛି, ଯାହାକୁ ବଡ଼ଲୋକେ ମାଡି ବସିଛନ୍ତି। ଗାଁ ପାଖରେ ଥିବା ଏକ ସରକାରୀ ଜମିକୁ ସେ ସଫା କରିବାକୁ ଯିବାବେଳେ ଗାଁର କେତେକ ଖଳ ପ୍ରକୃତି ଲୋକ ଆସି "ଏଠି ଘର କରିବୁ କାହିଁକି? ଏଇଟା ସରକାରୀ ଜମି' କହି ଧମକାଇଥିଲେ। ଚେତାବନୀ ଦେଇ ରାଜସ୍ୱ ନିରୀକ୍ଷକଙ୍କ ପାଖରେ



ମିଥ୍ୟା ଅଭିଯୋଗ କଲେ। ତା' ପରଠାରୁ ତାଙ୍କ ଘର କାମ ବନ୍ଦ। ଏହା ପରେ କଣ୍ଟାବାଞ୍ଜି ତହସିଲଦାରଙ୍କୁ ଏକ ଅଭିଯୋଗ ପତ୍ର ଦେଇ ମୁଁ ନିରୀହ, ମୋତେ ହଇରାଣ କରୁଛନ୍ତି। ମୋର ବସବାସ କଥା ଚିନ୍ତା କରନ୍ତୁ, ମୋତେ ଆବଣ୍ଟନ ହୋଇଥିବା ଜମିକୁ ଛାଡି ଗାଁ ପାଖରେ ଯେ କୌଣସି ସରକାରୀ ଜମି ଦିଅନ୍ତୁ, ମୁଁ ଘର କରି ପରିବାର ରହିବି ବୋଲି ଉଲ୍ଲେଖ କରି ଅନେକ ବର୍ଷ ହେଲା ତହସିଲ, ଆର୍‌ଆଇ ଅଫିସ ଦୌଡୁଛନ୍ତି, ହେଲେ କେହି ଶୁଣୁ ନାହାନ୍ତି।

ଆଜି ତହସିଲ ବାହାରେ ବସି କାନ୍ଦୁଥିବାବେଳେ "ଦଳିତ ଜାତିରେ ଜନ୍ମ ହେଇଛୁ ବୋଲି ଆମେ ଏମିତି କଷ୍ଟ ପାଉଛୁ। ଗାଁରେ ଜମି ଥାଇ ଆମକୁ ଜଙ୍ଗଲକୁ ପଠାଯାଉଛି।

ରୁପଧରଙ୍କ ଆଖି ଲୁହରେ ଦେଖାଯାଉଥିଲା ସାରା କଣ୍ଟାବାଞ୍ଜି ପ୍ରଶାସନର ମୁହଁ। ସରକାର କହୁଛନ୍ତି ସବୁ ଭୂମିହୀନଙ୍କୁ ଜମି ଦେବୁ, କିନ୍ତୁ ରୁପଧରଙ୍କୁ ଜଙ୍ଗଲ ଭିତରେ ଜମି ଦେଇ ତାଙ୍କ ଜୀବନକୁ ଜଙ୍ଗଲକୁ ଠେଲି ଦିଆଯାଇଛି। ଏହି ଘଟଣାକୁ କଣ୍ଟାବାଞ୍ଜି ଓକିଲ ସଂଘ ନିନ୍ଦା କରିବା ସହ ରୁପଧରଙ୍କୁ ଉପଯୁକ୍ତ ସରକାରୀ ଜମି ପ୍ରଦାନ କରିବାକୁ ଦାବି ହେଉଛି।

ସକାଳ
THE SAKALA

ସମ୍ପାଦକୀୟ

ଯେତେବେଳେ ଜଣେ ବ୍ୟକ୍ତି ତା' ଇପ୍‌ସିତ ଜୀବନ ଜିଇଁବାର ଅଧିକାରରୁ ବଞ୍ଚିତ ହୁଏ ସେତେବେଳେ ସେ ନୀତି ବିରୋଧୀ ହୋଇଯାଏ।
-ନେଲ୍‌ସନ୍ ମାଣ୍ଡେଲା

ମହିଳା ଅଧିକାରକୁ ସମ୍ମାନ

ଗତ ଦୁଇବର୍ଷ ତଳେ ସ୍ତ୍ରୀ-ଧନ ଉପରେ ମହିଳାଙ୍କ ସଂପୂର୍ଣ୍ଣ ଅଧିକାରକୁ ସର୍ବୋଚ୍ଚ ନ୍ୟାୟଳୟ ସ୍ପଷ୍ଟ ସ୍ୱୀକୃତି ଦେଇଥିଲେ। ଏକ ବୈବାହିକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇ ସର୍ବୋଚ୍ଚ ନ୍ୟାୟାଳୟର ତତ୍କାଳୀନ ବିଚାରପତି ସଞ୍ଜୀବ ଖନ୍ନା ଓ ଦୀପଙ୍କର ଦତ୍ତଙ୍କ ପୀଠ ସ୍ପଷ୍ଟ କରିଥିଲେ ଯେ ସ୍ତ୍ରୀ-ଧନ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କ ମିଳିତ ସମ୍ପତ୍ତି ହୋଇପାରିବ ନାହିଁ। କାରଣ ପତ୍ନୀଙ୍କ ସମ୍ପତ୍ତି ଓ ଧନ ଉପରେ ପତିଙ୍କର କୌଣସି ଆଇନଗତ ଅଧିକାର ନାହିଁ। ଅଭାବ ଅସୁବିଧା ବା ଜରୁରୀ ଆବଶ୍ୟକତା ସମୟରେ ସ୍ୱାମୀ ଯଦି ସ୍ତ୍ରୀଙ୍କ ଧନ ବ୍ୟବହାର କରନ୍ତି, ତାହା ହେଲେ ତାଙ୍କୁ ସେହି ଅର୍ଥ ପରିଶୋଧ କରିବାକୁ ପଡ଼ିବ। ଅଦାଲତ ଆହୁରି ମଧ୍ୟ କହିଥିଲେ ଯେ ସ୍ତ୍ରୀ-ଧନ ଉପରେ ମହିଳାଙ୍କର ସଂପୂର୍ଣ୍ଣ ଅଧିକାର ରହିଛି ଏବଂ ଏଥିରେ କେହି ଭାଗିଦାର ହୋଇପାରିବେ ନାହିଁ।

ଏହି ରାୟ ଆଧାରରେ ଛାଡ଼ପତ୍ର ଦ୍ୱାରା ପତିଠାରୁ ବିଚ୍ଛେଦ ହୋଇଥିବା ମହିଳାଙ୍କର ଭରଣପୋଷଣ ଅଧିକାର ଅଧିକ ଯୁକ୍ତିସଂଗତ ଏବଂ ଏହାର ଖିଲାପ ଆଇନ ଉଲ୍ଲଙ୍ଘନ ଓ ସମ୍ବିଧାନ ବିରୋଧୀ ବୋଲି କୁହାଯାଇପାରେ। ସୁଖର କଥା ଓଡ଼ିଶା ସରକାର ଏହି ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଛାଡ଼ପତ୍ର ଦେଇଥିବା ସ୍ତ୍ରୀ ଓ ପିଲାମାନଙ୍କର ଭରଣପୋଷଣ ପାଇଁ ନିର୍ଦ୍ଦିଷ୍ଟ ଅର୍ଥ ରାଶି ଦେବାରେ ଖିଲାପ କରୁଥିବା ସରକାରୀ କର୍ମଚାରୀମାନଙ୍କ ଦରମା କାଟିଦିଆଯିବ ଏବଂ ତାହା ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ହସ୍ତାନ୍ତର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ତାଗିଦ କରିଛନ୍ତି। ମହିଳା ଅଧିକାରର ସୁରକ୍ଷା ଓ ସମ୍ମାନ ଦୃଷ୍ଟିରୁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରେ।

ସ୍ତ୍ରୀ-ଧନ ସହିତ ଆମ ସଂସ୍କୃତି ଓ ପରମ୍ପରା ଜଡ଼ିତ। ସ୍ତ୍ରୀ-ଧନ ମଧ୍ୟ ଅଭିଧାନରେ ସ୍ଥାନ ପାଇଛି, ଯାହାର ଅର୍ଥ ପତ୍ନୀଙ୍କର ଧନ, ଯାହା ବିବାହ ସମୟରେ ଓ ଏହା ପରେ ତାଙ୍କୁ ବିଭିନ୍ନ ସୂତ୍ରରୁ ବ୍ୟକ୍ତିଗତ ଉପହାର ଆକାରରେ ମିଳିଥାଏ। ଏହାପଛରେ ଜଣେ ବିବାହିତ ନାରୀଙ୍କୁ ଆର୍ଥିକ ନିରାପତ୍ତା ଓ ଜରୁରିକାଳୀନ ସହାୟତା ଦେବାର ବିଚାର ଜଡ଼ିତ। ସ୍ତ୍ରୀ-ଧନ ସଂପୃକ୍ତ ମହିଳାଙ୍କ ଦ୍ୱାରା ନିଜର କନ୍ୟା, ପୁତ୍ରବଧୂ ଆଦିଙ୍କୁ ଉତ୍ତରାଧିକାର ସୂତ୍ରରେ ପ୍ରଦାନ କରାଯାଇଥାଏ ଏବଂ ଏହା ଏକ ପରମ୍ପରା ଭାବେ ଚଳି ଆସିଛି। ଏପରିକି ପରିବାରର ଜରୁରୀ ଆବଶ୍ୟକତା କାଳରେ ମଧ୍ୟ ପତି, ପତ୍ନୀଙ୍କ ଅନୁମତିକ୍ରମେ ତାଙ୍କ ଦ୍ୱାରା ସଞ୍ଚିତ ଅର୍ଥ ଓ ଗହଣାଗାଣ୍ଠିକୁ ବିକ୍ରି କରିଥା'ନ୍ତି। କିନ୍ତୁ ଆମ ପରମ୍ପରାରେ ସ୍ତ୍ରୀ-ଧନ ସୁରକ୍ଷିତ ଏବଂ ଏହା ଉପରେ ସଂପୃକ୍ତ ନାରୀଙ୍କ ବ୍ୟତୀତ ଆଉ କାହାର ଅଧିକାର ନ ଥାଏ।

ଆଗରୁ ଭାରତୀୟ ଆଇନ ମଧ୍ୟ ସ୍ତ୍ରୀ-ଧନର ବର୍ଗୀକରଣ ଓ ବ୍ୟାଖ୍ୟା କରିଛି। ଏଥିରେ କୁହାଯାଇଛି ଯେ ଜଣେ ମହିଳାଙ୍କୁ ବିବାହ ପୂର୍ବରୁ, ବିବାହ କାଳରେ ଓ ବିବାହ ପରେ ପିତାମାତା, ଭାଇବନ୍ଧୁ ପରିଜନ, ସମ୍ପର୍କୀୟମାନଙ୍କ ଦ୍ୱାରା ମିଳୁଥିବା ଗହଣାପତ୍ର, ଟଙ୍କା, ବାସନକୁସନ, ଭୂସମ୍ପତ୍ତି ଓ ଅନ୍ୟାନ୍ୟ ଉପକରଣ ସ୍ତ୍ରୀ-ଧନ ପର୍ଯ୍ୟାୟଭୁକ୍ତ। ସେ ସମ୍ପତ୍ତିର ବିନିଯୋଗ, ଖର୍ଚ୍ଚ ବା ରକ୍ଷଣାବେକ୍ଷଣ କିପରି ହେବ, ସେ ଦାୟିତ୍ୱ ସଂପୃକ୍ତ ମହିଳାଙ୍କର। ବାଧ୍ୟବାଧକତା କରି ସ୍ତ୍ରୀ-ଧନ ଖର୍ଚ୍ଚ କଲେ ବା ନେଇଗଲେ ସଂପୃକ୍ତ ସ୍ୱାମୀ ଓ ତାଙ୍କ ପରିବାରର ସଦସ୍ୟଙ୍କ ବିରୋଧରେ ଧାରା ୪୦୬ରେ ଫୌଜଦାରୀ ମାମଲା ଦାଏର କରିହେବ। ଏହି ଐତିହାସିକ ରାୟ ଫଳରେ ସ୍ତ୍ରୀ-ଧନ ଉପରେ ମହିଳାଙ୍କର ପୂର୍ଣ୍ଣ ଅଧିକାର ଅଧିକ ସ୍ପଷ୍ଟ ଭାବରେ ସାବ୍ୟସ୍ତ ହେଲା ଏବଂ ମହିଳା ସଶକ୍ତୀକରଣ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ।

ଆମ ସାମ୍ପ୍ରତିକ ସାମାଜିକ ଓ ପାରିବାରିକ ଚଳଣିରେ ସ୍ତ୍ରୀ-ଧନ ଉପରେ ମହିଳାଙ୍କର ନିରଙ୍କୁଶ ଅଧିକାରକୁ ଖୋଲାଖୋଲି ସ୍ୱୀକୃତି ଦିଆଯାଇନାହିଁ। ଯୌଥ ପରିବାରର ଚାପ, ସ୍ୱାମୀ ଓ ପିଲାଙ୍କ ଆବଶ୍ୟକତା ଦୃଷ୍ଟିରୁ ସେ ଧନ ଖର୍ଚ୍ଚ ହୁଏ ଏବଂ ସଂପୃକ୍ତ ମହିଳା ପରିସ୍ଥିତି ଦୃଷ୍ଟିରୁ ଚୁପ୍ ରହିବାକୁ ବାଧ୍ୟ ହୁଏ। ଅନେକ କ୍ଷେତ୍ରରେ ମହିଳାଙ୍କ ପାଖକୁ ଖର୍ଚ୍ଚ ହୋଇଥିବା ସ୍ତ୍ରୀ-ଧନ ମଧ୍ୟ ଫେରି ନଥାଏ, ଯାହା ସେମାନଙ୍କ ମନସ୍ତାପ ବଢ଼ାଇଥାଏ। ସ୍ତ୍ରୀ-ଧନ ମାମଲାର ବିଚାର ପାଇଁ ପରିବାର ଅଦାଲତ ବ୍ୟବସ୍ଥାରେ ସ୍ୱତନ୍ତ୍ର ଓ ସ୍ପଷ୍ଟ ନିୟମ ନାହିଁ। ଆଇନଗତ ଦୁର୍ବଳତା ଯୋଗୁଁ ନାରୀଟିଏ ଏ କ୍ଷେତ୍ରରେ ତାହାର ଅଧିକାର ହରାଇ ବସେ। ଏବେ ବିବାହ ବିଚ୍ଛେଦ ବଢ଼ୁଛି ଏବଂ ଅନେକ ଲୋକ ପତ୍ନୀକୁ ଠକି ତାଙ୍କ ଧନସମ୍ପତ୍ତି ଆତ୍ମସାତ୍ କରିବାକୁ ପଶ୍ଚାତପଦ ହେଉନାହାନ୍ତି। କେବଳ ସ୍ତ୍ରୀ-ଧନ ନୁହେଁ ଅନେକ ଯୁବକ ଚାକିରି ବାକିରି ଆୟପନ୍ଥା ଛାଡ଼ି ନିଜର ରୋଜଗାରିଆ ପତ୍ନୀଙ୍କ ଅର୍ଜିତ ଧନରେ ଅୟସ କରିଥା'ନ୍ତି। ସେମାନେ ପତ୍ନୀ ଅନ୍ନରେ ପ୍ରତିପାଳିତ ହେବା ସହିତ ଅର୍ଦ୍ଧାଙ୍ଗିନୀଙ୍କ କଷ୍ଟାର୍ଜିତ ଧନର ଦୁରୁପଯୋଗ ମଧ୍ୟ କରିଥା'ନ୍ତି।

ସ୍ତ୍ରୀ-ଧନ ପରମ୍ପରାକୁ ଦୃଢ଼ ନ୍ୟାୟିକ ସୁରକ୍ଷା ଓ ଉଲ୍ଲଙ୍ଘନ ପାଇଁ କଠୋର ଦଣ୍ଡବିଧାନ ଆଦି ନିଷ୍ଠାପର ଭାବେ ଅନୁପାଳନ କଲେ ଆମ ସମାଜରେ ମହିଳାଙ୍କ ମର୍ଯ୍ୟାଦା ଓ ସମ୍ମାନ ବୃଦ୍ଧି ପାଇବ ଏବଂ ପତି-ପତ୍ନୀ ମଧ୍ୟରେ ଅସମାନତାର ଅବସାନ ଘଟିବ। ଦମ୍ପତି ମିଳିତ ଭାବେ ସଂସାର ଗଢ଼ନ୍ତି। ଏଥିରେ ଉଭୟଙ୍କର ସମାନ ଦାୟିତ୍ୱ ଓ ସହଯୋଗ ଥାଏ। ବୁଝାମଣା, ବିଶ୍ୱାସ ଓ ସ୍ନେହଶ୍ରଦ୍ଧା ଦ୍ୱାରା ସଂସାର ଗଢ଼ିଉଠେ। ଏଭଳି ସ୍ଥିତିରେ ପରିବାର ପାଇଁ ଉଭୟ ନାରୀ ଓ ପୁରୁଷ ଚରମ ତ୍ୟାଗ ସ୍ୱୀକାର କରିଥା'ନ୍ତି। ତେବେ କୌଣସି କାରଣରୁ ଯଦି ମତାନ୍ତର ହୁଏ କିମ୍ବା ମନୋମାଳିନ୍ୟ ସୃଷ୍ଟି ହୁଏ ଏବଂ କଥା ଛାଡ଼ପତ୍ର ପର୍ଯ୍ୟନ୍ତ ଯାଏ ତେବେ ଅଦାଲତଙ୍କ ନିର୍ଦ୍ଦେଶମତେ ନିର୍ଦ୍ଦିଷ୍ଟ ଭରଣପୋଷଣ ରାଶି ସ୍ୱାମୀଙ୍କ ରୋଜଗାରରୁ ଭରଣା ହେବା ଆଇନତଃ ବାଧ୍ୟ। ଏଥିରେ ଖିଲାପ ହେଲେ ବିଚରା ସ୍ତ୍ରୀ ବାରମ୍ବାର ଅଦାଲତକୁ ଦୌଡ଼ି ଫେରାଦ ହେବା ସମ୍ଭବ ନୁହେଁ। ତେଣୁ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ପରିବର୍ତ୍ତନର ପ୍ରତିଫଳନ

ସୁଜାତା ରାଉତ କାର୍ତ୍ତିକେୟନ୍

୨୦୨୪ ମସିହା, ଜୁନ୍ ୧୨ ତାରିଖ। ହଜାର ହଜାର ଓଡ଼ିଶାବାସୀଙ୍କ ସମ୍ମୁଖରେ ନୂତନ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀ ପରିଷଦ ଓଡ଼ିଶାବାସୀଙ୍କ ହିତରେ କାମ କରିବା ପାଇଁ ଈଶ୍ୱରଙ୍କ ନାମରେ ଶପଥ ନେଇଥିଲେ। ସେହି ଜୁନ୍ ୨୦୨୪ରେ, ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ବିଜେପି ସାଂସଦ ପାର୍ଲାମେଣ୍ଟରେ 'ବନ୍ଦେ ଉତ୍କଳ ଜନନୀ' ଉଚ୍ଚାରଣ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଓଡ଼ିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା କରିବା ପାଇଁ ଶପଥ ନେଇଥିଲେ। ଗତ ଅଗଷ୍ଟ ୧୩ ତାରିଖରେ, ଯେତେବେଳେ ପାର୍ଲିଆମେଣ୍ଟରେ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ (MMDR) ସଂଶୋଧନ ବିଲ୍ ପାରିତ ହେଲା, ସେତେବେଳେ ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ବିଜେପି ସାଂସଦ ନୀରବ ରହିଥିଲେ। ବିଜେପି କହେ ଯେ, 'ଓଡ଼ିଆ ଅସ୍ମିତା' ଓ 'ପରିବର୍ତ୍ତନ' ନାମରେ ଓଡ଼ିଶାବାସୀ ତାଙ୍କୁ ଜନାଦେଶ ଦେଇଛନ୍ତି। ଓଡ଼ିଶାବାସୀଙ୍କୁ 'ଡବଲ୍ ଇଞ୍ଜିନ୍ ସରକାର'ର ପ୍ରତିଶ୍ରୁତି ଦେଇଥିଲା ବିଜେପି। କିନ୍ତୁ ଆଜି ଡବଲ୍ ପ୍ରତାରଣା ପାଉଛନ୍ତି ଓଡ଼ିଶାବାସୀ। ଏହାର ଏକ ବଡ଼ ଉଦାହରଣ ହେଉଛି - ୨୦୨୬ର MMDR ସଂଶୋଧନ ଆଇନ।

MMDR ଆକ୍ଟ କ'ଣ?

ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଆକ୍ଟ ୧୯୫୭ ହେଉଛି ଏକ ପ୍ରମୁଖ କେନ୍ଦ୍ରୀୟ ଆଇନ, ଯାହାକି ସାରା ଭାରତର ଖଣି ଓ ଖଣିଜ ଦ୍ରବ୍ୟର ବିକାଶ ଓ ନିୟନ୍ତ୍ରଣ କାର୍ଯ୍ୟକୁ ପରିଚାଳନା କରିଥାଏ।

୨୦୨୬ର ସଂଶୋଧନ କ'ଣ?

MMDR Actର ସଂଶୋଧନରେ ହୋଇଥିବା ପ୍ରମୁଖ ପରିବର୍ତ୍ତନଗୁଡ଼ିକ ହେଲା -

୧. **ଧାରା ୨ରେ ସଂଶୋଧନ:** ଏହି ଆଇନର ଧାରା ୨କୁ ସଂଶୋଧନ କରାଯାଇ 'ଖଣିଜ ଦ୍ରବ୍ୟ ଧାରଣ କରିଥିବା ଜମି' (mineral-bearing lands) ଉପରେ କେନ୍ଦ୍ର ସରକାରଙ୍କ କ୍ଷମତାକୁ ସମ୍ପ୍ରସାରିତ କରାଯାଇଛି।
୨. **ଧାରା ୯(ଡି)ରେ ନୂତନ ବ୍ୟବସ୍ଥା:** ଧାରା ୯(ଡି)କୁ ନୂତନ ଭାବେ ସଂଯୋଜନ କରି ଖଣିଜ ଦ୍ରବ୍ୟ ଧାରଣ କରୁଥିବା ଜମି ଏବଂ ଖଣିଜ ଦ୍ରବ୍ୟର ଅଧିକାର ଉପରେ ଟିକସ, ସେସ୍ ଓ ଅନ୍ୟାନ୍ୟ ଲେଭି ଲାଗୁ କରିବାର ରାଜ୍ୟ ସରକାରଙ୍କ ଅଧିକାରକୁ ଛଡ଼ାଇ ନିଆଯାଇଛି।
୩. **ଧାରା ୧୩ରେ ସଂଶୋଧନ:** ଧାରା ୧୩କୁ ସଂଶୋଧନ କରାଯାଇ, ଖଣି ଓ ଖଣିଜ ଅଞ୍ଚଳରେ ଟିକସ ଲାଗୁ କରିବାର ରାଜ୍ୟ ସରକାରଙ୍କ ଅଧିକାରକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସର୍ତ୍ତ ଉପରେ ନିର୍ଭରଶୀଳ କରିଦିଆଯାଇଛି।
୪. ଏଥିସହିତ, ଏହି ଆଇନ ପ୍ରଣୟନ ପୂର୍ବରୁ ରାଜ୍ୟମାନଙ୍କର ପ୍ରାପ୍ୟ ଥିବା ବକେୟା ଲେଭି ଆଦାୟ କରିବାର ଅଧିକାରକୁ ମଧ୍ୟ ସମାପ୍ତ କରିଦିଆଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ସମ୍ବିଧାନ ଅନୁଯାୟୀ ଖଣି ଓ ଖଣିଜ ଦ୍ରବ୍ୟର ନିୟନ୍ତ୍ରଣ ଓ ବିକାଶ, ଜମି ଉପରେ ଟିକସ ଏବଂ ଖଣିଜ ଅଧିକାର ଉପରେ ଟିକସ ଲାଗୁ କରିବାର କ୍ଷମତା ରାଜ୍ୟ ତାଲିକା (List II – State List)ର Entry 23, Entry 49 ଏବଂ Entry 50ରେ ଅନ୍ତର୍ଭୁକ୍ତ। ଏହି ସାମ୍ବିଧାନିକ ଅଧିକାରକୁ ସୁପ୍ରିମ କୋର୍ଟ ମଧ୍ୟ ସ୍ୱୀକୃତି ଦେଇଛନ୍ତି। MADA v. Steel Authority of India Ltd. ମାମଲାରେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ୨୦୨୪ ମସିହାରେ ଦେଇଥିବା ଐତିହାସିକ ରାୟରେ ଖଣି ଓ ଖଣିଜ ଅଞ୍ଚଳ ଉପରେ ଟିକସ ଲାଗୁ କରିବାର ରାଜ୍ୟ ସରକାରଙ୍କ ସାମ୍ବିଧାନିକ ଅଧିକାରକୁ ସ୍ପଷ୍ଟ ଭାବେ ସ୍ୱୀକୃତି ଦେଇଛନ୍ତି। ମାନ୍ୟବର ସୁପ୍ରିମ କୋର୍ଟ ଏହି ରାୟରେ ଆହୁରି ସ୍ପଷ୍ଟ କରିଥିଲେ ଯେ, ଏପ୍ରିଲ ୨୦୦୫ରୁ ପିଛିଲା ବକେୟା ଟିକସ ଆଦାୟ କରିବାର ଅଧିକାର ରାଜ୍ୟମାନଙ୍କର ରହିଛି ଏବଂ ଏହି ବକେୟା ଟିକସ ଆଦାୟ ପାଇଁ ଆବଶ୍ୟକ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

ଓଡ଼ିଶା ପରିପ୍ରେକ୍ଷୀରେ ଏହା ଗୁରୁତ୍ୱପୂର୍ଣ୍ଣ କାହିଁକି?

ଓଡ଼ିଶାର ଭୂଭାଗ ଭାରତର ମୋଟ ଭୂଭାଗର ମାତ୍ର ୫ ପ୍ରତିଶତ, କିନ୍ତୁ ଦେଶର ମୋଟ ଖଣିଜ ସମ୍ପଦର ପ୍ରାୟ ୪୪ ପ୍ରତିଶତ ଓଡ଼ିଶାରେ ରହିଛି। ଭାରତର ୯୮ ପ୍ରତିଶତ କ୍ରୋମାଇଟ୍, ୯୩ ପ୍ରତିଶତ ନିକେଲ, ୫୯ ପ୍ରତିଶତ ବକ୍ସାଇଟ୍, ୨୮ ପ୍ରତିଶତ ଲୁହାପଥର, ୨୪ ପ୍ରତିଶତ କୋଇଲା ଏବଂ ୩୫ ପ୍ରତିଶତ ମାଙ୍ଗାନିଜ୍ ଓଡ଼ିଶାରେ ଗଚ୍ଛିତ ଅଛି। ଏତଦ୍‌ବ୍ୟତୀତ, ତମ୍ବା, ଗ୍ରାଫାଇଟ୍, ଭାନାଡିଅମ୍ ଭଳି ଅନ୍ୟାନ୍ୟ ମୂଲ୍ୟବାନ ଖଣିଜ ସମ୍ପଦର ମଧ୍ୟ ପ୍ରଚୁର ଭଣ୍ଡାର ଓଡ଼ିଶାରେ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶା ମାଟିରେ ଏହି ବିପୁଳ ଖଣିଜ ସମ୍ପଦ ଗଚ୍ଛିତ ଅଛି। ଏହି ସମ୍ପଦ ଉପରେ ଓଡ଼ିଶାବାସୀ ଏବଂ ଓଡ଼ିଶାର ଭବିଷ୍ୟତ ପିଢ଼ିର ଅଧିକାର ରହିଛି। ମନେ ରଖିବା ଆବଶ୍ୟକ ଯେ, ଖଣିଜ ସମ୍ପଦ ସୀମିତ ଏବଂ ଅଣ-ନବୀକରଣଯୋଗ୍ୟ ସମ୍ପଦ। ଏହା ଚିରଦିନ ରହିବ ନାହିଁ। ଦିନେ ନା ଦିନେ ଏହା ଶେଷ ହୋଇଯିବ। ତେଣୁ ଏହି ସମ୍ପଦ ଉପରେ ଟିକସ ଲାଗୁ କରି ମିଳୁଥିବା ଅର୍ଥକୁ ଲୋକଙ୍କ ବିକାଶ ଏବଂ ଦୀର୍ଘସ୍ଥାୟୀ ଭିତ୍ତିଭୂମି ନିର୍ମାଣରେ ବିନିଯୋଗ କରିବା ହେଉଛି ରାଜ୍ୟ ସରକାରଙ୍କ ଦାୟିତ୍ୱ। କିନ୍ତୁ ଏହି ସଂଶୋଧନ ଆଇନ ପ୍ରଣୟନ ହେବା ଫଳରେ ଓଡ଼ିଶାବାସୀ ଲକ୍ଷ ଲକ୍ଷ କୋଟି ଟଙ୍କା ବକେୟା ଲେଭି ଆଦାୟ କରିବାର ଅଧିକାର ହରାଇଛନ୍ତି। ଏହାସହିତ ଓଡ଼ିଶା ପ୍ରତିବର୍ଷ ପ୍ରାୟ ୧୨ ହଜାର କୋଟି ଟଙ୍କାର ଟିକସ ଆଦାୟରୁ ମଧ୍ୟ ବଞ୍ଚିତ ହେବ।

ତେବେ, ପ୍ରକୃତ କ୍ଷତି ହେଉଛି - ଏହି ଅର୍ଥରେ ଓଡ଼ିଶାର ଲୋକମାନଙ୍କ ପାଇଁ କେତେ କିଛି କରାଯାଇପାରିଥା'ନ୍ତା। ଉଦାହରଣସ୍ୱରୂପ -

- ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ପ୍ରାୟ ୫,୦୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି।
- ସମସ୍ତ ସରକାରୀ ବିଦ୍ୟାଳୟର ରୂପାନ୍ତରଣ ପାଇଁ ପ୍ରାୟ ୧୦,୦୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି।
- ଗଙ୍ଗାଧର ମେହେର ସିଚାଇ ପ୍ରକଳ୍ପ ପଶ୍ଚିମ ଓଡ଼ିଶାର ହଜାର ହଜାର ଚାଷୀଙ୍କୁ ଉପକୃତ କରିବା ସହ ପ୍ରାୟ ୨୫,୦୦୦ ହେକ୍ଟର ମରୁଡ଼ିପ୍ରବଣ ଜମିକୁ ଜଳସେଚନ ସୁବିଧା ଯୋଗାଇଛି। ଏହି ପ୍ରକଳ୍ପର ଖର୍ଚ୍ଚ ପ୍ରାୟ ୧,୦୦୦ କୋଟି ଟଙ୍କା।
- ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ ଚିକିତ୍ସା ପ୍ରତିଷ୍ଠାନରେ ରୂପାନ୍ତରଣ ପାଇଁ ପ୍ରାୟ ୪,୦୦୦ କୋଟି ଟଙ୍କାର ଖର୍ଚ୍ଚ ହୋଇଛି।
- ପାରାଦୀପର IOCL ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ, ଯାହା ଓଡ଼ିଶାର ଅନେକ ଯୁବକଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବ, ତାହା ପାଇଁ ପ୍ରତିବର୍ଷ ପ୍ରାୟ ୩,୦୦୦ କୋଟି ଟଙ୍କାର ସବସିଡି ରାଜ୍ୟ ସରକାର ବହନ କରିବେ।
- ଲକ୍ଷ ଲକ୍ଷ ପରିବାରକୁ ସ୍ୱାସ୍ଥ୍ୟ ସୁରକ୍ଷା ଦେଉଥିବା BSKY ପାଇଁ ପ୍ରତିବର୍ଷ ପ୍ରାୟ ୫,୦୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିଲା।
- ଓଡ଼ିଶାର ପ୍ରାୟ ୬୦ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନରେ ପ୍ରାତଃଭୋଜନ ଯୋଡ଼ିବାକୁ ପ୍ରତିବର୍ଷ ପ୍ରାୟ ୧,୦୦୦ କୋଟି ଟଙ୍କା ଆବଶ୍ୟକ ହେବ।

ଏହି କ୍ଷତି ସତ୍ତ୍ୱେ ଓଡ଼ିଶାର ୨୦ ଜଣ ବିଜେପି ସାଂସଦ ନୀରବ ରହିଲେ। ଏହାଠାରୁ ଅଧିକ ଦୁର୍ଭାଗ୍ୟଜନକ ହେଉଛି ଏହି ସଂଶୋଧନ ବିରୋଧରେ ସ୍ୱର ଉଠାଇବା ବଦଳରେ ସେମାନେ ଖୋଲାଖୋଲି ଭାବେ ଏହାର ସମର୍ଥନ କରୁଛନ୍ତି। କେନ୍ଦ୍ରରେ ଯେଉଁ ଦଳର ସରକାର ଥିଲେ ମଧ୍ୟ ଦୀର୍ଘ ୨୪ ବର୍ଷ ଧରି ଶ୍ରୀନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ଏହି ଅଧିକାରକୁ ସୁରକ୍ଷା ଦେଇ ଆସିଥିଲେ। କିନ୍ତୁ ମାତ୍ର ୨୪ ମାସ ମଧ୍ୟରେ ବିଜେପି ସରକାର ଓଡ଼ିଶାର ଅଧିକାରକୁ ସମର୍ପଣ କରିଦେଇଛନ୍ତି। ଏହି ଗୁରୁତର ପ୍ରସଙ୍ଗରେ ଆଲୋଚନା ପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଶ୍ରୀନବୀନ ପଟ୍ଟନାୟକ ଦେଇଥିବା ପତ୍ରର ଉତ୍ତର ମଧ୍ୟ ମୁଖ୍ୟମନ୍ତ୍ରୀ ଏପର୍ଯ୍ୟନ୍ତ ଦେଇନାହାନ୍ତି। ବିଜେପିର ସାଂସଦମାନଙ୍କ ପରି ବିଜେପିର ରାଜ୍ୟ ସରକାର ମଧ୍ୟ ଏ ପ୍ରସଙ୍ଗରେ ନୀରବ।

ରାଜ୍ୟର ଖଣି ଓ ଖଣିଜ ସମ୍ପଦ ଉପରେ ଟିକସ ଲାଗୁ କରିବାର ସାମ୍ବିଧାନିକ ଅଧିକାରକୁ କେନ୍ଦ୍ର ହାତକୁ ନେବା ଫଳରେ ଓଡ଼ିଶା ନିଜ ସମ୍ପଦ ପାଇଁ କେନ୍ଦ୍ରର ଅନୁଗ୍ରହ ଉପରେ ନିର୍ଭରଶୀଳ ହୋଇପଡ଼ିବ। ଖଣି ଖୋଳାଯିବ ଓଡ଼ିଶାର ମାଟିରେ। ଧୂଳି ଓ ଧୂଆଁ ସହିବେ ଓଡ଼ିଶାର ଲୋକ। ବିସ୍ଥାପିତ ହେବେ ଆମ ଲୋକ। ପ୍ରଭାବିତ ହେବ ଆମ ପରିବେଶ ଓ ସ୍ଥାନୀୟ ସମୁଦାୟ। ଖଣି ଓଡ଼ିଶାର, କ୍ଷତି ଓଡ଼ିଶାର; କିନ୍ତୁ ଟିକସ ଓ ଲେଭି ଉପରେ ଅଧିକାର ଓଡ଼ିଶାର ରହିବ ନାହିଁ। କୋଇଲା ଉପରେ କେନ୍ଦ୍ର ସରକାର ଆଦାୟ କରୁଥିବା 'ସ୍ୱଚ୍ଛ ଶକ୍ତି ସେସ୍'ର ଉଦାହରଣ ନିଅନ୍ତୁ। ଏହି ସେସ୍ ବାବଦରେ ଓଡ଼ିଶାରୁ ହଜାର ହଜାର କୋଟି ଟଙ୍କା ଆଦାୟ ହେଉଛି, କିନ୍ତୁ ସେହି ଅର୍ଥ ଦେଶର ଅନ୍ୟ ଅଞ୍ଚଳରେ ଖର୍ଚ୍ଚ ହେଉଛି। ଏହି ସେସ୍‌ରୁ ଓଡ଼ିଶାକୁ ତା'ର ନ୍ୟାୟସଙ୍ଗତ ଭାଗ ଦେବା ପାଇଁ ବିଜେଡି କେନ୍ଦ୍ରରେ ଥିବା ଉଭୟ କଂଗ୍ରେସ ଓ ବିଜେପି ସରକାରଙ୍କ ନିକଟରେ ବାରମ୍ବାର ଦାବି କରିଆସିଛି। କିନ୍ତୁ ଆଜିପର୍ଯ୍ୟନ୍ତ ଓଡ଼ିଶା ଏ ବାବଦରେ କୌଣସି ଅର୍ଥ ପାଇନାହିଁ।

ବିଜେପି ଦଳ ଦାବି କରୁଛି ଯେ, ଏହି ସଂଶୋଧନର ଉଦ୍ଦେଶ୍ୟ ସମଗ୍ର ଦେଶରେ ଟିକସ ହାରରେ ସମାନତା ଆଣିବା। ତେବେ ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶା ଭଳି ଏକ ରାଜ୍ୟ ପାଖରେ ଶିଳ୍ପକୁ ଆକର୍ଷିତ କରିବା ପାଇଁ ଆଉ କେଉଁ ପ୍ରୋତ୍ସାହନ ରହିବ? ରାଜ୍ୟର ନିଜର ଟିକସ ଲାଗୁ କରିବାର କ୍ଷମତା ଥିଲେ, ତାହାକୁ ବ୍ୟବହାର କରି ରାଜ୍ୟ ବାହାରକୁ ଯାଉଥିବା ଖଣିଜ ଉପରେ ଟିକସ ଲାଗୁ କରିପାରେ। ଆଉ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରୁଥିବା ଉଦ୍ୟୋଗଗୁଡ଼ିକୁ ଆବଶ୍ୟକ ଟିକସ ରିହାତି ମଧ୍ୟ ଦେଇପାରେ। ଏହା ଓଡ଼ିଶାକୁ ନୂଆ ପୁଞ୍ଜିନିବେଶ ଆଣିବା ସହିତ ଶିଳ୍ପ ସ୍ଥାପନ ଏବଂ ରାଜ୍ୟ ମଧ୍ୟରେ ମୂଲ୍ୟଯୋଗକୁ ବଢ଼ାଇଥା'ନ୍ତା। ଅଧିକ ନିଯୁକ୍ତି ସୃଷ୍ଟି ହୋଇଥା'ନ୍ତା ଏବଂ ରାଜ୍ୟର ରାଜସ୍ୱ ମଧ୍ୟ ବହୁଗୁଣିତ ହୋଇପାରିଥା'ନ୍ତା। ତେଣୁ ନିଜ ଖଣିଜ ସମ୍ପଦ ଉପରେ ଟିକସ ଲାଗୁ କରିବାର ଅଧିକାର ହରାଇବା ମାନେ- ପୁଞ୍ଜିନିବେଶ, ଶିଳ୍ପ ବିକାଶ, ମୂଲ୍ୟଯୋଗ ଓ ନିଯୁକ୍ତିର ସୁଯୋଗ ଏକାଥରେ ହରାଇବା।

୧୯୩୬ ମସିହାରେ ଦୀର୍ଘ ଓ ଐତିହାସିକ ସଂଗ୍ରାମ ପରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠିତ ହୋଇଥିଲା - ରାଜ୍ୟ ଗୌରବ ଏବଂ ନିଜ ଭାଗ୍ୟ ନିଜେ ଗଢ଼ିବାର ଦୃଢ଼ ସଂକଳ୍ପରୁ ପ୍ରେରିତ ହୋଇ। ସେହିଦିନଠାରୁ ଗତ ୯୦ ବର୍ଷ ମଧ୍ୟରେ ଓଡ଼ିଶା ଅନେକ ଆହ୍ୱାନ ଓ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇଛି। କିନ୍ତୁ କେବେ ନିଜକୁ ଅସହାୟ ମନେ କରିନାହିଁ। ପ୍ରତ୍ୟେକ ଆହ୍ୱାନକୁ ସାହସର ସହିତ ସାମ୍ନା କରି ଓଡ଼ିଶା ଆଗକୁ ବଢ଼ିଚାଲିଛି ଏବଂ ନିଜ ଲୋକଙ୍କୁ ସଶକ୍ତ କରିଆସିଛି। କିନ୍ତୁ ଏହି ସଂଶୋଧନ ଚିନ୍ତାଜନକ। ଶ୍ରୀନବୀନ ପଟ୍ଟନାୟକ ଠିକ୍ କହିଛନ୍ତି - ଏହା ଓଡ଼ିଶାର ଭାଗ୍ୟରେ ଏକ ନିର୍ଣ୍ଣାୟକ ମୋଡ଼। ଓଡ଼ିଶାର ଦୀର୍ଘଯାତ୍ରାରେ ଏହା ଏକ କଳା ଦିନ।

ଆମ ମଧ୍ୟରେ ମତଭେଦ ଥାଇପାରେ, ରାଜନୈତିକ ମତପାର୍ଥକ୍ୟ ଥାଇପାରେ। କିନ୍ତୁ ଆଜି ଓଡ଼ିଶାର ଅଧିକାର, ସ୍ୱାଭିମାନ ଏବଂ ଆମ ଭବିଷ୍ୟତ ପିଢ଼ିର ହକ୍ ପାଇଁ ଆମେ ସମସ୍ତେ ଏକାଠି ଠିଆ ହୋଇ ଲଢ଼ିବା ଆମର ଦାୟିତ୍ୱ।

(ବିଜେଡି ନେତ୍ରୀ ତଥା ଓଡ଼ିଶାର ପୂର୍ବତନ ପ୍ରଶାସିକା)

ପ୍ରାକୃତିକ ପ୍ରାଚୁର୍ଯ୍ୟ, ଗଠନାତ୍ମକ ଦୁର୍ବଳତା

ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ

ଭାରତର ଖୁବ୍ କମ୍ ରାଜ୍ୟରେ ଓଡ଼ିଶା ପରି ବିକାଶର ଏପରି ବଡ଼ ବିରୋଧାଭାସ ଦେଖାଯାଏ। ପ୍ରଚୁର ବର୍ଷା, ବଡ଼ ବଡ଼ ନଦୀ, ଉର୍ବର ମାଟି ଏବଂ ବିବିଧ କୃଷି-ଜଳବାୟୁ ପରିବେଶ ଥିବାରୁ ଓଡ଼ିଶା ଦେଶର ଅଧିକ ଜଳବାୟୁ-ସହନଶୀଳ କୃଷି ଅର୍ଥନୀତି ମଧ୍ୟରେ ରହିବା କଥା। କିନ୍ତୁ ଏଠାର ଚାଷୀ ବାରମ୍ବାର ମରୁଡ଼ି, ଦୀର୍ଘ ଶୁଖିଲା ସମୟ, ବନ୍ୟା ଓ ବାତ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରାକୃତିକ ସମ୍ପଦରେ ଏତେ ସମୃଦ୍ଧ ରାଜ୍ୟ ଜଳବାୟୁଜନିତ ବିପଦ ପ୍ରତି ଏତେ ଦୁର୍ବଳ କାହିଁକି?

୨୦୨୬ର ମୌସୁମୀ ଋତୁ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଉତ୍ତର ଓଡ଼ିଶାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ପରେ ବାରମ୍ବାର ବନ୍ୟା ହୋଇଥିବା ବେଳେ ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳ, ବିଶେଷକରି ଗଞ୍ଜାମରେ, ଅଗଷ୍ଟ ତୃତୀୟ ସପ୍ତାହ ସୁଦ୍ଧା ନିଅଣ୍ଟିଆ ବର୍ଷା ଯୋଗୁଁ ଖରିଫ ଚାଷ ବାଧାପ୍ରାପ୍ତ ହୋଇଥିଲା। ଏହି ବିରୋଧାଭାସ ସବୁବେଳେ କେବଳ ଭିନ୍ନ ଅଞ୍ଚଳ ମଧ୍ୟରେ ହୁଏ ନାହିଁ। କେତେକ ବର୍ଷରେ ସେହି ଏକା ଅଞ୍ଚଳ ମୌସୁମୀର ଗୋଟିଏ ସମୟରେ ମରୁଡ଼ି ଭଳି ଅବସ୍ଥା ଏବଂ ପରେ ବନ୍ୟାର ସମ୍ମୁଖୀନ ହୋଇପାରେ। ତେଣୁ ଓଡ଼ିଶାର ଜଳ ସମସ୍ୟା କେବଳ କମ୍ ବା ଅଧିକ ବର୍ଷାର ସମସ୍ୟା ନୁହେଁ। ମୂଳ ପ୍ରଶ୍ନ ହେଉଛି ସ୍ଥାନ ଓ ସମୟ ଅନୁସାରେ ବର୍ଷା କିପରି ବଣ୍ଟିତ ହେଉଛି ଏବଂ ଜଳାଭାବ ଓ ଜଳାଧିକ୍ୟ ମଧ୍ୟରେ ଆମେ ଜଳକୁ କେତେ ଭଲ ଭାବେ ପରିଚାଳନା କରୁଛୁ।

ବାତ୍ୟା ଏଥିରେ ଆଉ ଏକ ଦିଗ ଯୋଡ଼ିଛି। ଆଗୁଆ ସତର୍କ ସୂଚନା, ଲୋକଙ୍କୁ ନିରାପଦ ସ୍ଥାନକୁ ନେବା ଏବଂ ବିପର୍ଯ୍ୟୟ ମୁକାବିଲାରେ ଉଲ୍ଲେଖନୀୟ ଉନ୍ନତି ପାଇଁ ଓଡ଼ିଶା ଅନ୍ତର୍ଜାତୀୟ ପ୍ରଶଂସା ପାଇଛି। ଏହା ଦେଖାଇଛି ଯେ ଶକ୍ତିଶାଳୀ ବ୍ୟବସ୍ଥା କ'ଣ କରିପାରେ। ଏବେ ବଡ଼ ଆହ୍ୱାନ ହେଉଛି - ଏହି ସାମର୍ଥ୍ୟକୁ ବିପର୍ଯ୍ୟୟ ପରେ ସଫଳ ମୁକାବିଲାରେ ସୀମିତ ନ ରଖି, ବିପର୍ଯ୍ୟୟ ପୂର୍ବରୁ କୃଷି, ଭିତ୍ତିଭୂମି ଓ ଜୀବିକାର ଦୁର୍ବଳତା କମାଇବାରେ ବ୍ୟବହାର କରିବା। ଜୀବନ ବଞ୍ଚାଇବା ଏବଂ ଲୋକଙ୍କ ଜୀବିକାକୁ ଆର୍ଥିକ କ୍ଷତିରୁ ରକ୍ଷା କରିବା ପରସ୍ପର ସମ୍ପର୍କିତ, କିନ୍ତୁ ଅଲଗା ସଫଳତା। ଏହାର ବ୍ୟାପକ ବ୍ୟାଖ୍ୟା ଏକ ସରଳ କଥାରେ ରହିଛି ଭୂଗୋଳ ସୁଯୋଗ ସୃଷ୍ଟି କରେ; ଅନୁଷ୍ଠାନ ଫଳାଫଳ ସୃଷ୍ଟି କରେ। ପ୍ରକୃତି ବିକାଶର ଭିତ୍ତି ଦିଏ, କିନ୍ତୁ ସମୃଦ୍ଧିର ନିଶ୍ଚୟତା ଦିଏ ନାହିଁ। ପ୍ରାକୃତିକ ସମ୍ପଦ ସ୍ଥାୟୀ କୃଷି ବିକାଶରେ ପରିଣତ ହେବ କି ନାହିଁ, ତାହା ସରକାରୀ ନିବେଶ, ବୈଜ୍ଞାନିକ ନେତୃତ୍ୱ, କାର୍ଯ୍ୟକ୍ଷମ ଅନୁଷ୍ଠାନ ଏବଂ ସୁଯୋଗକୁ ଉତ୍ପାଦନ କ୍ଷମତାରେ ପରିଣତ କରିବାର ସାମାଜିକ ସାମର୍ଥ୍ୟ ଉପରେ ନିର୍ଭର କରେ।

ଓଡ଼ିଶାର ପ୍ରାକୃତିକ ସମ୍ପଦ ଉଲ୍ଲେଖନୀୟ। ରାଜ୍ୟରେ ବାର୍ଷିକ ପ୍ରାୟ ୧,୪୫୦ ମିଲିମିଟର ବର୍ଷା ହୁଏ। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ପରି ବଡ଼ ନଦୀ ରହିଛି। ଭୂତଳ ଜଳ ଓ ବିଭିନ୍ନ ଫସଲ ପାଇଁ ଉପଯୁକ୍ତ ମାଟି ମଧ୍ୟ ରହିଛି। କିନ୍ତୁ ବାର୍ଷିକ ବର୍ଷାର ପ୍ରାୟ ୮୦ ପ୍ରତିଶତ ଦକ୍ଷିଣ-ପଶ୍ଚିମ ମୌସୁମୀର ଚାରିମାସରେ ହୁଏ। ଏହି ସମୟରେ ମଧ୍ୟ ପ୍ରବଳ ବର୍ଷା ମଝିରେ ଦୀର୍ଘ ଶୁଖିଲା ସମୟ ରହିପାରେ। ବର୍ଷାର ଏହି ଅସମ ବଣ୍ଟନ ହିଁ ବନ୍ୟା ଓ ମରୁଡ଼ିର ବିରୋଧାଭାସ ସୃଷ୍ଟି କରେ। ପ୍ରବଳ ବର୍ଷାରୁ ଅଧିକ ଜଳ ପ୍ରବାହ, ନଦୀ ବନ୍ୟା, ଜଳବନ୍ଦୀ ଓ ଫସଲ କ୍ଷତି ହୁଏ। କିଛିଦିନ ପରେ ଶୁଖିଲା ସମୟ ଆସିଲେ ସେହି ଫସଲ ଜଳାଭାବରେ ପଡ଼ିପାରେ। ଗୋଟିଏ ସମୟରେ କ୍ଷତି କରୁଥିବା ଜଳ କିଛି ସପ୍ତାହ ପରେ ଆବଶ୍ୟକ ସମୟରେ ଉପଲବ୍ଧ ନ ହୋଇପାରେ। ତେଣୁ ପ୍ରକୃତ ଆହ୍ୱାନ କେତେ ବର୍ଷା ହେଉଛି ତାହା ନୁହେଁ; ଜଳକୁ କେତେ ଦକ୍ଷତାର ସହ ନିଷ୍କାସନ, ସଂରକ୍ଷଣ, ସଞ୍ଚୟ, ନିୟନ୍ତ୍ରଣ ଓ ଯୋଗାଣ କରାଯାଉଛି, ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଶାର ନିଟ୍ ଚାଷ ଅଞ୍ଚଳ ପ୍ରାୟ ୫୬ ଲକ୍ଷ ହେକ୍ଟର ଏବଂ ଫସଲ ସଘନତା ପ୍ରାୟ ୧୬୫ ପ୍ରତିଶତ। ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜଳସେଚନ ସମ୍ଭାବନାକୁ ବହୁ ପରିମାଣରେ ବଢ଼ାଇଛି। କିନ୍ତୁ ଜଳସେଚନ ସମ୍ଭାବନା ଓ ନିଶ୍ଚିତ ଜଳସେଚନ ଏକ କଥା ନୁହେଁ। ଠିକ୍ ସମୟରେ ଖରିଫ ଚାଷ ଏବଂ ରବି ଚାଷ ପାଇଁ ଏବେ ମଧ୍ୟ ବହୁ ଅଞ୍ଚଳ ମୌସୁମୀ ବର୍ଷାର ଗତିପ୍ରକୃତି ଉପରେ ନିର୍ଭରଶୀଳ। ଅନ୍ୟରାଜ୍ୟର ଅନୁଭବ ଶିକ୍ଷଣୀୟ। ପଞ୍ଜାବରେ ଓଡ଼ିଶାଠାରୁ ବହୁତ କମ୍ ବର୍ଷା ହୁଏ। କିନ୍ତୁ ଦଶନ୍ଧି ଧରି ଜଳସେଚନ, ଗ୍ରାମୀଣ ବିଦ୍ୟୁତୀକରଣ, କୃଷି ଗବେଷଣା ଓ ନିଶ୍ଚିତ କ୍ରୟ ବ୍ୟବସ୍ଥାରେ ନିବେଶ ଏହାର କୃଷିକୁ ସାଧାରଣ ବର୍ଷାର ଅସ୍ଥିରତାରୁ ବହୁ ପରିମାଣରେ ସୁରକ୍ଷିତ କରିଛି। ପ୍ରାୟ ସମାନ ମୌସୁମୀ ଜଳବାୟୁ ଥିବା ପଶ୍ଚିମବଙ୍ଗ ମଧ୍ୟ ନିରନ୍ତର ଆନୁଷ୍ଠାନିକ ସହାୟତାରେ ବିକେନ୍ଦ୍ରୀକୃତ ଜଳସେଚନ ଓ ବହୁଫସଲୀ ଚାଷର ବିସ୍ତାର କରିଛି। ଜଳବାୟୁ କୃଷିର ସମ୍ଭାବନାକୁ ପ୍ରଭାବିତ କରେ; ଅନୁଷ୍ଠାନ କୃଷିର ସହନଶୀଳତା ନିର୍ଣ୍ଣୟ କରେ। ବିକାଶ ଅର୍ଥନୀତି ମଧ୍ୟ ଏହି ନିଷ୍କର୍ଷକୁ ସମର୍ଥନ କରେ।

ଥିଓଡୋର ଡବ୍ଲ୍ୟୁ. ସୁଲ୍ଜ୍ ଦେଖାଇଥିଲେ ଯେ ସହାୟକ ନିବେଶ ବିପଦ କମାଇ ଆଶାଜନକ ଲାଭ ବଢ଼ାଇଲେ ଚାଷୀ ଉନ୍ନତ ପ୍ରଯୁକ୍ତି ଗ୍ରହଣ କରନ୍ତି। ଡଗ୍ଲାସ ସି. ନର୍ଥ ଦେଖାଇଥିଲେ ଯେ କାର୍ଯ୍ୟକ୍ଷମ ଅନୁଷ୍ଠାନ ଅନିଶ୍ଚିତତା କମାଏ ଏବଂ ଉତ୍ପାଦନମୂଳକ ନିବେଶକୁ ଉତ୍ସାହିତ କରେ। ଏଥିରୁ ବୁଝାଯାଏ, ସମାନ ପ୍ରାକୃତିକ ସମ୍ପଦ ଥାଇ ମଧ୍ୟ ଭିନ୍ନ ଅଞ୍ଚଳର ବିକାଶ ଫଳ କାହିଁକି ଭିନ୍ନ ହୁଏ। ଓଡ଼ିଶାର ନିଜ ଅଭିଜ୍ଞତା ମଧ୍ୟ ଏହି କଥାକୁ ସମର୍ଥନ କରେ। ଜଳସେଚନ, କୃଷି ଗବେଷଣା, ସଡ଼କ ଓ କୃଷି ସମ୍ପ୍ରସାରଣରେ ରାଜ୍ୟ ବହୁ ନିବେଶ କରିଛି। କିନ୍ତୁ କେବଳ ଭିତ୍ତିଭୂମି ସହନଶୀଳତାର ନିଶ୍ଚୟତା ଦିଏ ନାହିଁ। ଅର୍ଥନୀତିଜ୍ଞ ନୀଳକଣ୍ଠ ରଥ ଗୁରୁତ୍ୱ ଦେଇଥିଲେ ଯେ ଜଳସେଚନର ସଫଳତା କେତେ ବନ୍ଧ ହେଲା ବା କେତେ ଜଳସେଚିତ ଅଞ୍ଚଳ ସୃଷ୍ଟି ହେଲା, ସେଥିରେ ନୁହେଁ; ଜଳ ନିର୍ଭରଯୋଗ୍ୟ ଭାବେ ଚାଷୀଙ୍କ ଜମିରେ, ବିଶେଷକରି କେନାଲର ଶେଷ ମୁଣ୍ଡରେ ପହଞ୍ଚୁଛି କି ନାହିଁ ତାହା ଉପରେ ନିର୍ଭର କରେ। ଅଶୋକ ଗୁଲାଟି ଓ ତାଙ୍କ ସହଯୋଗୀମାନେ ମଧ୍ୟ ଜଳ, ଶକ୍ତି, ବଜାର ଓ ଅନୁଷ୍ଠାନ ମଧ୍ୟରେ ଥିବା ସମ୍ପର୍କକୁ ଗୁରୁତ୍ୱ ଦେଇଛନ୍ତି। ତେଣୁ ଆମ ଦୃଷ୍ଟିକୋଣ କେବଳ ଜଳସେଚନରେ ସୀମିତ ରହିପାରିବ ନାହିଁ। ଅଧିକ ବର୍ଷା ସମୟରେ ଜଳ ନିଷ୍କାସନ, ଜଳାଧାର ପରିଚାଳନା, ବନ୍ୟାର ପ୍ରଭାବ କମାଇବା ଏବଂ ଅତିରିକ୍ତ ଜଳର ନିରାପଦ ସଞ୍ଚୟ ବା ନିଷ୍କାସନ ଆବଶ୍ୟକ। ଶୁଖିଲା ସମୟ ଓ ମୌସୁମୀ ପରେ ସଞ୍ଚିତ ଭୂପୃଷ୍ଠ ଜଳ, ଭୂତଳ ଜଳ ଓ ନିର୍ଭରଯୋଗ୍ୟ ଜଳସେଚନ ଫସଲକୁ ସହାୟତା କରିବା ଦରକାର। ଓଡ଼ିଶାକୁ ଏପରି ଜଳ ପରିଚାଳନା ବ୍ୟବସ୍ଥା ଦରକାର, ଯାହା ଜଳବାୟୁର ଅସ୍ଥିରତାକୁ ପରିଚାଳନାଯୋଗ୍ୟ କୃଷି ବିପଦରେ ପରିଣତ କରିପାରିବ।

ଏହା ଆମକୁ କ୍ରମିକ ପୁଞ୍ଜି ଗଠନ ଶୃଙ୍ଖଳ ଧାରଣାକୁ ନେଇଯାଏ। ପ୍ରାକୃତିକ ପୁଞ୍ଜି-ବର୍ଷା, ନଦୀ, ଭୂତଳ ଜଳ ଓ ଉର୍ବର ମାଟି ସୁଯୋଗ ସୃଷ୍ଟି କରେ। ସରକାରୀ ନିବେଶ ଜଳ ବ୍ୟବସ୍ଥା, ବିଦ୍ୟୁତ୍, ଗବେଷଣା, ପାଣିପାଗ ଓ ଜଳବାୟୁସେବା, ସଡ଼କ, ସଂରକ୍ଷଣ ଓ ବଜାର ମାଧ୍ୟମରେ ଏହାକୁ ସାର୍ବଜନୀନ ପୁଞ୍ଜିରେ ପରିଣତ କରେ। ବିପଦ କମିଲେ ଚାଷୀ ଉନ୍ନତ ବିହନ, ଜଳସେଚନ ଉପକରଣ, ଯାନ୍ତ୍ରିକୀକରଣ, ମୃତ୍ତିକା ଉନ୍ନତି ଓ ବିବିଧ ଚାଷରେ ନିବେଶ କରନ୍ତି। କାର୍ଯ୍ୟକ୍ଷମ ଶାସନ, ସମ୍ପ୍ରସାରଣ, ଋଣ ଓ ଆର୍ଥିକ ସେବା, କୃଷକ ସଂଗଠନ ଏବଂ କାର୍ଯ୍ୟକ୍ଷମ ବଜାରର ସମର୍ଥନ ମିଳିଲେ ଏହି ନିବେଶ ସ୍ଥାୟୀ ସମୃଦ୍ଧି ଆଣେ। ଗୋଟିଏ କଡ଼ି ଦୁର୍ବଳ ହେଲେ ସମଗ୍ର ଶୃଙ୍ଖଳର ଲାଭ କମିଯାଏ।

ସହନଶୀଳତାକୁ ମାପିବା ଢଙ୍ଗ ମଧ୍ୟ ବଦଳିବା ଦରକାର। କେତେ କିଲୋମିଟର କେନାଲ ହେଲା, କେତେ ଜଳସେଚନ ସମ୍ଭାବନା ସୃଷ୍ଟି ହେଲା, କେତେ ଜଳଭଣ୍ଡାର ନିର୍ମାଣ ହେଲା ବା କେତେ ଅର୍ଥ ବ୍ୟୟ ହେଲା - ଏସବୁ ଗୁରୁତ୍ୱପୂର୍ଣ୍ଣ ସାଧନ, କିନ୍ତୁ ଚୂଡ଼ାନ୍ତ ଫଳ ନୁହେଁ। ପ୍ରକୃତ ପ୍ରଶ୍ନ ହେଉଛି, ଏଗୁଡ଼ିକ ଚାଷୀଙ୍କ ଜଳବାୟୁଜନିତ ଅନିଶ୍ଚିତତା କେତେ କମାଇଛି। ବର୍ଷାର ନିଅଣ୍ଟିଆ ସମୟ ଅବଶ୍ୟ କୃଷି ମରୁଡ଼ିରେ ପରିଣତ ହେବା ଦରକାର ନାହିଁ; ସେହିପରି ପ୍ରବଳ ବର୍ଷା ଅବଶ୍ୟ ଧ୍ୱଂସକାରୀ ବନ୍ୟାରେ ପରିଣତ ହେବା ଦରକାର ନାହିଁ।

ତାପମାତ୍ରା ବୃଦ୍ଧିକୁ ମଧ୍ୟ ଏବେ ଏହି ହିସାବରେ ନେବା ଦରକାର। ଅଧିକ ତାପମାତ୍ରା ଫସଲର ଜଳ ଆବଶ୍ୟକତା ଓ ବାଷ୍ପୀଭବନ-ଉତ୍ସର୍ଜନ ବଢ଼ାଏ। ମରୁଡ଼ି ନ ଥିଲେ ମଧ୍ୟ ଏହା ଫସଲ, ପଶୁସମ୍ପଦ ଓ ବାହାରେ କାମ କରୁଥିବା ଶ୍ରମିକଙ୍କୁ ପ୍ରଭାବିତ କରିପାରେ। ତେଣୁ ଜଳବାୟୁ ସହନଶୀଳତାକୁ କେବଳ ଗୋଟିଏ ବିପଦ ଭିତ୍ତିରେ ନୁହେଁ, ବର୍ଷା, ତାପମାତ୍ରା ଓ ଚରମ ପାଣିପାଗର ମିଳିତ ପ୍ରଭାବ ଭାବେ ଦେଖିବାକୁ ହେବ। ଓଡ଼ିଶାର ଆଗାମୀ କାର୍ଯ୍ୟ କେବଳ ତାହାର ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟକୁ ନେଇ ଗର୍ବ କରିବା ନୁହେଁ; ବରଂ ସେହି ସମ୍ପଦକୁ ନିର୍ଭରଯୋଗ୍ୟ ଉତ୍ପାଦନ, ସୁରକ୍ଷିତ ଜୀବିକା ଓ କମ୍ ଜଳବାୟୁ ବିପଦରେ ପରିଣତ କରିବା। ଏଥିପାଇଁ ନୀତି, ବିଜ୍ଞାନ, ପ୍ରଶାସନ ଓ ସ୍ଥାନୀୟ କାର୍ଯ୍ୟକୁ ଏକାସାଙ୍ଗରେ କାମ କରିବାକୁ ହେବ। ଅଧିକ ବର୍ଷାପ୍ରାପ୍ତ ଏକ ମୌସୁମୀ ରାଜ୍ୟ ପାଇଁ ସହନଶୀଳତାର ଅର୍ଥ ହେଉଛି ଜଳାଭାବ ଓ ଜଳାଧିକ୍ୟ - ଉଭୟକୁ ପରିଚାଳନା କରିବା ଏବଂ ଅନ୍ୟ ଜଳବାୟୁଜନିତ ବିପଦ ପ୍ରତି ଦୁର୍ବଳତା କମାଇବା। ଭୂଗୋଳ ଆମକୁ ସୁଯୋଗ ଦେଇଛି; ଏହାକୁ ସାକାର କରିବା କାର୍ଯ୍ୟକ୍ଷମ ଅନୁଷ୍ଠାନ ଓ ସମନ୍ୱିତ କାର୍ଯ୍ୟ ଉପରେ ନିର୍ଭର କରେ। ପ୍ରାକୃତିକ ସମ୍ପଦ ସମ୍ଭାବନା ସୃଷ୍ଟି କରେ। ଅନୁଷ୍ଠାନ ସେହି ସମ୍ଭାବନାକୁ ସମୃଦ୍ଧିରେ ପରିଣତ କରେ।

ଭୁବନେଶ୍ୱର, ମୋ: ୭୭୩୫୩୭୪୯୭

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି

୮ ଘଣ୍ଟା ୨୩ ମିନିଟ୍ ଚାଲିଲା ଗଣତି

ପୁରୀ,୧।୯ (ସମିସ): ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତି ମଙ୍ଗଳବାର କରାଯାଇଛି। ପୂର୍ବାହ୍ନ ୧୧ଟା ୧୫ରେ ଅଧିକୃତ ବ୍ୟକ୍ତିମାନେ ରତ୍ନଭଣ୍ଡାର ଭିତରକୁ ପ୍ରବେଶ କରିଥିବାବେଳେ ସନ୍ଧ୍ୟା ୭ଟା ୩୮ ପର୍ଯ୍ୟନ୍ତ ଗଣତି କାର୍ଯ୍ୟ ଚାଲିଥିଲା। ଅର୍ଥାତ୍ ଗୋଟିଏ ଦିନରେ ସର୍ବାଧିକ ୮ ଘଣ୍ଟା ୨୩ ମିନିଟ୍ ଧରି ଗଣତି କାର୍ଯ୍ୟ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ କହିଛନ୍ତି। ତେବେ ଭିତର ରତ୍ନଭଣ୍ଡାରରେ ଥିବା ୩ଟି ବଡ଼ କାଠବାକ୍ସର ଗଣତି ଏଯାବତ୍ ହୋଇନାହିଁ। ଏହି କାଠବାକ୍ସ ମଧ୍ୟରେ କ'ଣ ରହିଛି, ତାହାକୁ ନେଇ ଭକ୍ତଙ୍କ ମନରେ ବେଶ୍ ଉତ୍ସୁକତା ପ୍ରକାଶ ପାଇଛି। ସେଥିରେ ଅନେକ ଦୁର୍ମୂଲ୍ୟ ଓ ବୃହତ୍ ରତ୍ନ ଅଳଙ୍କାର ଥିବା ନେଇ ବିଭିନ୍ନ ଆକଳନ ହେଉଥିଲେ ମଧ୍ୟ ଏହାର ପ୍ରକୃତ ତଥ୍ୟ ଗଣତି ପରେ ହିଁ ସ୍ପଷ୍ଟ ହେବ। ହେଉଥିବା ଅଳଙ୍କାରଗୁଡ଼ିକର ଫଟୋଗ୍ରାଫି, ଭିଡିଓଗ୍ରାଫି, ଥ୍ରାଡି ମ୍ୟାପିଙ୍ଗ୍ ସହ ଇ-କାଟାଲଗ୍ ପ୍ରସ୍ତୁତ କରାଯାଉଛି। ଶ୍ରୀମନ୍ଦିରର ନୀତିକାନ୍ତିକୁ ଦୃଷ୍ଟିରେ ରଖି ଚଳିତ ମାସରେ ଆଉ ରତ୍ନ ଗଣତି କାର୍ଯ୍ୟ କରାଯିବ ନାହିଁ। ପରବର୍ତ୍ତୀ ଗଣତି କେବେ ହେବ, ସେ ନେଇ ନିଷ୍ପତ୍ତି ହେବା ପରେ ସୂଚନା ଦିଆଯିବ ବୋଲି

୩ କାଠବାକ୍ସକୁ ନେଇ ଭକ୍ତଙ୍କ ଉତ୍ସୁକତା

ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ସୂଚନା ଅନୁଯାୟୀ, ୧୯୭୮ ମସିହାର ରତ୍ନତାଲିକା ସହ ଏଯାବତ୍ ହୋଇଥିବା ଅଳଙ୍କାରର ଗଣତି ସଠିକ୍ ରହିଛି। ସେହିପରି ୧୯୭୮ ମସିହାର ତାଲିକାରେ ଉଲ୍ଲେଖ ଥିଲେ ମଧ୍ୟ ଚିହ୍ନଟ ହୋଇପାରି ନ ଥିବା କେତେକ ରତ୍ନର ମଧ୍ୟ ଚିହ୍ନଟ ପ୍ରକ୍ରିୟା କରାଯାଇଛି। ନୂଆ। ଏସ୍ଓପି ଅନୁଯାୟୀ, ସମସ୍ତ ଗଣତି କାର୍ଯ୍ୟ ଶେଷ ହେବା ପରେ ଭିତର ରତ୍ନଭଣ୍ଡାରରେ ଥିବା ୬ଟି ଆଲମିରାକୁ ନୀଳାଦ୍ରି ମ୍ୟୁଜିୟମ୍ ପାର୍ଶ୍ୱବର୍ତ୍ତୀ ଗୃହରେ ରଖାଯିବ। ଏହାସହ ଗଣତି ଓ ମେଳକ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସବୁ ମାମଲା...

କେନ୍ଦ୍ର ସରକାର କୋର୍ଟରେ ପ୍ରତିଶ୍ରୁତି ଦେବା ପରେ ସିଜେପି ଏହି ନିଷ୍ପତ୍ତି ନେଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ରାୟକୁ ସ୍ୱାଗତ କରି ସିଜେପି ମୁଖପାତ୍ର ସୌରଭ ଦାସ କହିଛନ୍ତି ।।ଯେ ସରକାରଙ୍କ ଆଶ୍ୱାସନା ଏବଂ କୋର୍ଟଙ୍କ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ସିଜେପି ଏହି ପ୍ରତିବାଦ ଶୋଭାଯାତ୍ରା ପ୍ରତ୍ୟାହାର କରିଛି। ଏହାର ପ୍ରତିକ୍ରିୟାରେ ପ୍ରଧାନ ବିଚାରପତି କହିଛନ୍ତି, 'ଯଦି ଉଭୟ ପକ୍ଷ ଭଲ ମନୋଭାବ ପ୍ରଦର୍ଶନ କରନ୍ତି, ତେବେ ସବୁ ସମସ୍ୟାର ସମାଧାନ ହୋଇପାରିବ'।

ସୂଚନାଯୋଗ୍ୟ, ଗତ ଜୁଲାଇ ୨୦ରେ ଯନ୍ତରମନ୍ତର ଆନ୍ଦୋଳନ ସମୟରେ ରୁଜୁ ହୋଇଥିବା ମାମଲାଗୁଡ଼ିକୁ ପ୍ରତ୍ୟାହାର ସହିତ କ୍ଷତିପୂରଣ ସଂପର୍କରେ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଳମ୍ବ କରୁଥିବାରୁ ଏହାର ପ୍ରତିବାଦରେ ସିଜେପି ସେପ୍ଟେମ୍ବର ୫ରେ ଇଣ୍ଡିଆ ଗେଟ୍‌ରୁ ଦିଲ୍ଲୀ ପୁଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରିବାକୁ ଘୋଷଣା କରିଥିଲା।

ରାହୁଲଙ୍କୁ ନେଇ...

ପ୍ରୟାସକୁ ନେଇ ବିଜେପିର ଶୀର୍ଷ ନେତୃତ୍ୱ ଚିନ୍ତିତ ଥିବା ଭଳି ମନେ ହେଉଛି। ଆଗାମୀ ଦିନରେ ଉତ୍ତରପ୍ରଦେଶ, ପଞ୍ଜାବ ପରି କିଛି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ରାହୁଲ ପ୍ରସଙ୍ଗ ନିର୍ଣ୍ଣାୟକ ହୋଇପାରେ ବୋଲି କୁହାଯାଉଛି। ବର୍ତ୍ତମାନ ସମୟର କେବଳ ଆଦର୍ଶବାଦ ନୁହେଁ; ନିଯୁକ୍ତି, ଶିକ୍ଷା, ଜନସମସ୍ୟାକୁ କେନ୍ଦ୍ରକରି ଯୁବ ସମାଜ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହି ପରିବର୍ତ୍ତିତ ରାଜନୈତିକ ସମୀକରଣରେ ରାହୁଲ ଗାନ୍ଧୀଙ୍କ ଭୂମିକା କେତେ ପ୍ରଭାବଶାଳୀ ହେବ, ତାହା ଆଗାମୀ ନିର୍ବାଚନୀ ରାଜନୀତିରେ ସ୍ପଷ୍ଟ ହେବ।

ସମୂହ ଛୁଟିରେ...

ସେବା ଏବଂ ଅଭିଜ୍ଞତା ସତ୍ତ୍ୱେ ସେମାନେ ଏପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ କାର୍ଯ୍ୟରତ ଅଛନ୍ତି ଏବଂ ମାତ୍ର ୮ ହଜାର ଟଙ୍କା ମାସିକ ପାରିଶ୍ରମିକ ପାଉଛନ୍ତି। ବର୍ତ୍ତମାନର ଦ୍ରବ୍ୟମୂଲ୍ୟ ବୃଦ୍ଧି ପରିସ୍ଥିତିରେ ଏହି ପାରିଶ୍ରମିକରେ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହୋଇପଡ଼ିଛି ବୋଲି ମହାସଂଘ କହିଛି। ତେଣୁ ମହାସଂଘ ସଭାପତି ସଞ୍ଜୀବ ଦାଶଙ୍କ ନେତୃତ୍ୱରେ ପ୍ରାୟ ୩୫୦୦ ଯୋଗାଣ ସହାୟକ ଆସନ୍ତା ସେପ୍ଟେମ୍ବର ୭ ତାରିଖରୁ ପୁଣି ଆନ୍ଦୋଳନ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ଦାବି ଅନୁଯାୟୀ, ଗ୍ରାମ ରୋଜଗାର ସେବକ ବା ଜିଆର୍ଏସ୍ ମାନଙ୍କୁ ପୂର୍ବରୁ ସ୍ଥାୟୀକରଣ କରି ଏଡିଇଓ ପଦବୀ ପ୍ରଦାନ କରାଯାଇଥିବା ବେଳେ, ଯୋଗାଣ ସହାୟକମାନଙ୍କ ପ୍ରତି ମଧ୍ୟ ସମାନ ନ୍ୟାୟ ଦିଆଯିବା ଆବଶ୍ୟକ ରହିଛି। ଏପଟେ ସଂଘ ସରକାରଙ୍କ ନୂତନ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାକୁ ସମର୍ଥନ କରି କାର୍ଯ୍ୟ କରି ଆସୁଛନ୍ତି। ପୂର୍ବରୁ ଜୁଲାଇ ୧୬ ରେ ଆନ୍ଦୋଳନକୁ ଓହ୍ଲାଇ ରାଜରାସ୍ତା ରେ ୧୧ ଦିନ ରହିବା ପରେ ସରକାର ଦାବି ପୂରଣ ନେଇ ମାସେ ସମୟ ନେଇଥିଲେ ମଧ୍ୟ କିଛି ଦାବି ଶୁଣି ନାହାନ୍ତି। ସେଥିପାଇଁ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ମହାସଂଘ ନିଷ୍ପତ୍ତି ନେଇଛି।

ଜେଲ୍‌ରୁ ବାହାରିଲେ...

କହିଥିଲେ, ଧର୍ମର ଜୟ ହୋଇଛି। ପ୍ରଭୁ ଜଗନ୍ନାଥଙ୍କ ଅଶେଷ କୃପାରୁ ଆଜି ନ୍ୟାୟ ପାଇଛି। ନ୍ୟାୟିକ ବ୍ୟବସ୍ଥା ଉପରେ ମୋର ବିଶ୍ୱାସ ରହିଛି। ଏହି ଲଢ଼େଇରେ ସାଥ୍ ଦେଇଥିବା ଅଗଣିତ ଜନସାଧାରଣ ଓ ଗଞ୍ଜାମବାସୀଙ୍କୁ ସେ ସାଧୁବାଦ ଜଣାଇଥିଲେ। ଏଥିସହ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଜଣାଇ ବିକ୍ରମ କହିଥିଲେ ଯେ, ଏହି ଲଢ଼େଇରେ ନବୀନ ତାଙ୍କ ସାଥିରେ ଥିଲେ। ତାଙ୍କୁ ଆକ୍ରୋଶମୂଳକ ଭାବେ ଜେଲ୍‌ରେ ରଖାଯାଇଥିବା ଅଭିଯୋଗ କରି ଶେଷରେ ନ୍ୟାୟର ଜିତ୍ ହୋଇଛି ବୋଲି ସେ କହିଥିଲେ।

ବିକ୍ରମଙ୍କ ମୁକ୍ତି ପରେ ବିଜେଡିର ବରିଷ୍ଠ ନେତାମାନେ ମଧ୍ୟ ଏହାକୁ ନେଇ ନିଜ ନିଜ ପ୍ରତିକ୍ରିୟା ରଖିଥିଲେ। ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଥିଲେ, ଏକ ମିଥ୍ୟା ମାମଲାରେ ବିକ୍ରମଙ୍କୁ ଜେଲ୍ ପଠାଯାଇଥିଲା। ତାଙ୍କୁ ଷଡ଼ଯନ୍ତ୍ରକାରୀ ଭାବେ ଯୋଡ଼ି ଦିଆଯାଇଥିଲା। ଶେଷରେ ମାନ୍ୟବର ହାଇକୋର୍ଟ ନ୍ୟାୟ ପ୍ରଦାନ କରିଛନ୍ତି ବୋଲି ସେ କହିଥିଲେ। ଗଣତନ୍ତ୍ରରେ ସମସ୍ତେ ରାଜନୀତି କରିବା ଉଚିତ, କିନ୍ତୁ ଆକ୍ରୋଶର ରାଜନୀତିରୁ ଦୂରେଇ ରହିବା ଗଣତନ୍ତ୍ରର ସୁସ୍ଥ ପରମ୍ପରା ବୋଲି ମଙ୍ଗରାଜ କହିଥିଲେ। ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ ବିକ୍ରମଙ୍କୁ ମିଥ୍ୟା ମାମଲାରେ ଫସାଇ ଦିଆଯାଇଥିଲା। ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ କହିଥିଲେ, ବିକ୍ରମଙ୍କ ଉପରେ ସମସ୍ତଙ୍କ ବିଶ୍ୱାସ ରହିଛି। ସେ କେବେ ମଧ୍ୟ ଏଭଳି କାର୍ଯ୍ୟ କରିବେନି। ନ୍ୟାୟିକ ବ୍ୟବସ୍ଥା ଉପରେ ବିଶ୍ୱାସ ରଖିବାରୁ ସତ୍ୟର ଜୟ ହୋଇଛି ବୋଲି ସେ କହିଥିଲେ। ବିକ୍ରମଙ୍କ ମୁକ୍ତି ସମୟରେ ବିଜେଡିର ଏକାଧିକ ବରିଷ୍ଠ ଓ ଯୁବ ନେତାଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ। ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସଞ୍ଜୟ ଦାଶବର୍ମା, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳ ସଭାପତି ଇସ୍ମିତା ସାହୁ, ଯୁବ ନେତା ମନ୍ମଥ କୁମାର ରାଉତରାୟ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଡଃ ଭଗବାନ ଗନ୍ତାୟତ, ପୂର୍ବତନ ବିଧାୟକ ସୁବାଷ ବେହେରା, ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧକ୍ଷା ଏସ୍. ରାଜେଶ୍ୱରୀ ଦୋରା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେ‡ୀ, ପୂର୍ବତନ ବିଇଡିଏ ଅଧକ୍ଷ ସୁବାଷ ମହାରଣାଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଗଞ୍ଜାମ ବାର୍ ଆସୋସିଏସନ ସମ୍ପାଦକ ଜଗନ୍ନାଥ ମିଶ୍ରଙ୍କ ସମେତ ଶତାଧିକ ଆଇନଜୀବୀ ମଧ୍ୟ ସାମିଲ ହୋଇଥିଲେ। ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମଙ୍କୁ ଜେଲ୍ ପଠାଯାଇଥିଲା।

ଦିଲ୍ଲୀ ଗଲେ...

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାରେ ବିଭିନ୍ନ କେନ୍ଦ୍ର ପ୍ରାୟୋଜିତ ଯୋଜନାର କାର୍ଯ୍ୟାନ୍ୱୟନର ସ୍ଥିତି ଓ ରାଜ୍ୟର ସଫଳତା ସମ୍ପର୍କରେ ଅବଗତ କରାଇବେ। ବିଶେଷକରି ପାନୀୟଜଳ ଯୋଗାଣ ଏବଂ ସୃଷ୍ଟି ହୋଇଥିବା ଜଳସେଚନ କ୍ଷମତା ସମ୍ପର୍କିତ ତଥ୍ୟ ସେ ଉପସ୍ଥାପନ କରିବେ। ଜଳ ଭଳି ଗୁରୁତ୍ୱପୂର୍ଣ୍ଣ ଓ ଜୀବନଧାରଣ ସହ ଜଡ଼ିତ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଅଧିକ ସମନ୍ୱୟ ଏବଂ ମିଳିତ ପ୍ରୟାସ ଉପରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବ। ଜଳ ଭିତ୍ତିଭୂମିର ଦ୍ରୁତ ବିକାଶ ସହ ଜଳସମ୍ପଦର ଦୀର୍ଘମିଆଦୀ ସୁରକ୍ଷା ଓ ସୁପରିଚାଳନା ପାଇଁ ଏକ ସମନ୍ୱିତ ରଣନୀତି ପ୍ରସ୍ତୁତି ଉପରେ ମଧ୍ୟ ମତବିନିମୟହେବ। ଆସନ୍ତାକାଲି ସମାପନୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଜଳସମ୍ପଦ ମନ୍ତ୍ରୀମାନେ ଯୋଗଦେବେ ବୋଲି ଜଣାପଡ଼ିଛି।

■ ବେଳାଭୂମିରେ ବଡ଼ ଅଘଟଣ

ସମୁଦ୍ରରେ ବୁଡ଼ି ଜଣେ ମୃତ

ପୁରୀ,୧।୯ (ସମିସ): ପୁରୀ ବେଳାଭୂମିରେ ସୋମବାର ଅପରାହ୍ଣରେ ଘଟିଛି ଅଘଟଣ। ଲାଇଟ୍ ହାଉସ୍ ନିକଟ ସମୁଦ୍ରରେ ଗାଧୋଇବା ବେଳେ ୫ ଜଣ ବୁଡ଼ିଯାଇଥିବା ବେଳେ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଛନ୍ତି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ଣରେ ଲାଇଟ୍ ହାଉସ୍ ସମୁଦ୍ର ନିକଟରେ କିଛି ପର୍ଯ୍ୟଟକ ଗାଧୋଉଥିଲେ। ଏହି ସମୟରେ ହଠାତ୍ ୫ ଜଣ ସମୁଦ୍ରରେ ବୁଡ଼ିଯାଇଥିଲେ। ଘଟଣା ଜଣାପଡ଼ିବା ପରେ ଉଦ୍ଧାରକାରୀ ଦଳ ତତ୍ପର ହୋଇଥିଲେ। ୩ ଜଣଙ୍କୁ ସୁରକ୍ଷିତ ଭାବେ ସମୁଦ୍ରରୁ ଉଦ୍ଧାର କରାଯାଇଥିଲା। ତେବେ ଅନ୍ୟ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକ ହେଉଛନ୍ତି ଉତ୍ତରପ୍ରଦେଶ ରାଣୀପୁରର ସୁମିତ୍ ଗୁପ୍ତା। ସେହିପରି ବିହାରର ଅନୀଶ ସିଂହଙ୍କ ଅବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ପୁରୀ ସମୁଦ୍ରରେ ଅସାବଧାନତା ଯୋଗୁଁ ପର୍ଯ୍ୟଟକମାନେ ବିପଦରେ ପଡୁଥିବା ଘଟଣା ଚିନ୍ତାର ବିଷୟ ପାଲଟିଛି। ବିଶେଷକରି ସମୁଦ୍ରରେ ଗାଧୋଇବା ସମୟରେ ନିର୍ଦ୍ଧାରିତ ସୁରକ୍ଷିତ ସୀମା ମଧ୍ୟରେ ରହିବା ଏବଂ ଲାଇଫ୍‌ଗାର୍ଡଙ୍କ ନିର୍ଦ୍ଦେଶ ମାନିବା ନେଇ ସଚେତନତା ଜରୁରୀ ହୋଇପଡ଼ିଛି। ସୋମବାରର ଏହି ଘଟଣା ପୁଣିଥରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି।

ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍‌ଦଣ୍ଡ

ଭଦ୍ରକ,୧।୯ (ସମିସ): ଭଦ୍ରକ ଜିଲ୍ଲା ବାଂଶଡ଼ା ଥାନା ଅନ୍ତର୍ଗତ କରଣପଲ୍ଲା ଗ୍ରାମର ଜଣେ ନାବାଳିକାକୁ ଦୁଷ୍କର୍ମ କରାଯିବା ଘଟଣାର ବିଚାର କରି ସୋମବାର ଭଦ୍ରକ ଆଡିସ୍‌ନାଲ ଜିଲ୍ଲା ଜଜ୍ ମିନତା କୁମାର ପଣ୍ଡା ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ୨୦୧୮ ଜାନୁଆରୀ ୧୮ ତାରିଖ କରଣପଲ୍ଲାର ନାବାଳିକା ଜଣକ ଲୁଣାବନ୍ଧ ପାଖ ଚିଙ୍ଗୁଡ଼ି ଘେରି ନିକଟରେ ଯାଉଥିବାବେଳେ ସେହି ଗ୍ରାମର ବିମଳେଶ୍ୱର ମାଝୀ ନାମକ ଜଣେ ଯୁବକ ନାବାଳିକାକୁ ଆଖିରେ ପୋକ ପଡ଼ିଛି ବାହାର କରିଦେ ବୋଲି କହି ପାଖକୁ ଡାକିଥିଲା। ନାବାଳିକା ବିମଳେଶ୍ୱର ପାଖକୁ ଯିବାରୁ ସେ ଜୋରଜବରଦସ୍ତ କୁଣ୍ଢାଇ ଧରି ହିଡ଼ ତଳକୁ ଟେକି ନେଇ ଦୁଷ୍କର୍ମ କରିଥିଲା। ଏହି ଘଟଣାକୁ ନେଇ ପରିବାର ଲୋକଙ୍କ ପକ୍ଷରୁ ବାଂଶଡ଼ା ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ସେତେବେଳେ ଥାନା କେସ୍ ନଂ୧୫/୧୮ ରେ ଏକ ମାମଲା ରୁଜୁ ହୋଇ ଏହାର ବିଚାର ହୋଇଥିଲା। ସୋମବାର କୋର୍ଟରେ ରାୟ ଶୁଣାଣି ହୋଇ ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍‌ଦଣ୍ଡ ସହିତ ୧୦ ହଜାର ଟଙ୍କାର ଜରିମାନା ଦେବାକୁ ଆଦେଶ ହୋଇଛି। ସରକାରଙ୍କ ତରଫରୁ ସ୍ପେଶାଲ ପିପି ତୁଷାରକାନ୍ତି ଜେନା ମାମଲା ପରିଚାଳନା କରୁଥିଲେ।

Divisional Forest Officer, Brahmapur Forest Division

TENDER CALL NOTICE: 05/2026-27

TENDER CALL NOTICE FOR CONSTRUCTION OF VSS BUILDINGS IN DIFFERENT LOCATIONS UNDER BERHAMPUR FOREST DIVISION

8001/287/2627

The Divisional Forest Officer, Brahmapur Forest Division on behalf of Governor of Odisha invites percentage rate bid in OFF-LINE mode from eligible contractors with valid licenses for execution of Building & other work as detailed in DTCN https://odishaforest.in or https://forest.odisha.gov.in & https://ganjam.odisha.gov.in

The bid calendars under the end-to-end process are:	
1. No. of Work (08 No.):	Construction of VSS buildings at different sites.
2. Tender Form Cost:	Rs. 10000/-
3. Class of Contractor	"C & D" Class Contractor
4. Tender Document available from:	01.09.2026, from 10:00 AM
5. Last Date for Submission of Bid:	21.09.2026, up to 05:00 PM
6. Date of Opening of Technical Bid:	22.09.2026, at 11:00 AM
7. Opening of Financial Bid:	Will intimate after opening of technical bid.

Sd/-
Divisional Forest Officer
Brahmapur Division

OIPR-8001/8038/1/26-27/0006

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ପୂର୍ତ ବିଭାଗ ଅଧିନସ୍ଥ ଏକ ଉଦ୍ୟୋଗ)

ODISHA BRIDGE & CONSTRUCTION CORPORATION LIMITED (A Government of Odisha Undertaking under Works Department)

obcc

ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର – ୭୫୧୦୧୨, ଦୂରଭାଷ – ୦୬୭୪ – ୨୩୯୦୦୪୩, CIN: U45203OR1963SGC001153
Vikash Bhavan, Nayapalli, Bhubaneshwar – 751012, Tel: 0674-2390043, Website: www.obcc.in, Email: md@obcc.in; info@obcc.in

NO. 6647 DATE : 01.09.2026
FILE: OBCC-CIRIII-MISC-0110

NOTICE INVITING TENDER 34001/729/2627

Sl. No.	Name of work	Bid Identification No.	Date of availability of the bid document in e-procurement portal	Last date and time of receipt of the online bid	Bid Processing Fee (through online mode only)
1	Expression of Interest (EoI) for Shortlisting of Consulting Firm for Master Planning & Design Services for "Development of the Mahanadi Island Nature Park and Promenade (MINPP) at Sambalpur".	36/Tender / OBCC/ 2026-27	From 02.09.2026	On or before 5:00 PM of 23.09.2026	₹11,800/- (Including GST)

2. Further details with any addendum, corrigendum, or cancellation can be seen from the e-procurement portal https://www.tendersodisha.gov.in.

3. OBCC has the right to accept or reject the Notice / EOI without **assigning** any reasons thereof.

Chief Engineer-III
OB&CC Ltd.

OIPR-34001/34161/1/26-27/0022

24001/432/2627 REGD. NO.D.L-33004/99

भारत का राजपत्र
The Gazette of India

CG-DL-E-17072026-274582
EXTRAORDINARY
II - Section 3 - Sub-section (ii)
PUBLISHED BY AUTHORITY

No. 3674
No. 3674] NEW DELHI, MONDAY, JULY 13, 2026/ASHADHA 22, 1948

MINISTRY OF ROAD TRANSPORT AND HIGHWAYS
Notification
New Delhi, the 10 July 202

S.O. 3836(E) (E).—Whereas by the notification of the Government of India in the Ministry of Road Transport and Highway, S.O. 1964(E) Dated:20 April 2026 published in Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening /four-laning, etc.), maintenance, management and operation of NH55 in the stretch of land from Km. 279.44 to Km. 292.62 in the village(s) namely- Taluk- ERSAMA and in the village(s) namely- Taluk- Tirtol and in the village(s) namely- Taluk- JAGATSINGHPUR and in the village(s) namely- Anakhia, Anantabrahmapur, Budhapara, Chandpur, Dandilo, Gopinathpur, Hajipur, Kulakaijanga, Madhyasesan, Nuadhana, Nuapari, Pandia, sarheisasan, Tanchanabrahmapur, Uttarasasan Mahajansahi Taluk- Biridi and in the village(s) namely- Taluk- Balikuda and in the village(s) namely- Taluk- Raghunathpur in the district of Jagatsinghpur in the state of ODISHA.

And whereas the substance of the said notification has been published in "SAMAJ AND SAKALA" dated 5 May 2026 under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately;

And whereas, in pursuance of sub-section (1) of section 3D of the said Act, the Competent Authority has submitted its report to the Central Government;

Now, therefore, upon receipt of the said report of the Competent Authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

SCHEDULE

Brief Description of the land to be acquired with or without structures falling NH55 in the stretch of land from Km. 279.44 to Km. 292.62 in the village(s) namely- Taluk- ERSAMA and in the village(s) namely- Taluk-Tirtol and in the village(s) namely- Taluk-JAGATSINGHPUR and in the village(s) namely- Anakhia, Anantabrahmapur, Budhapara, Chandpur, Dandilo, Gopinathpur, Hajipur, Kulakaijanga, Madhyasesan, Nuadhana, Nuapari, Pandia, sarheisasan, Tanchanabrahmapur, Uttarasasan Mahajansahi Taluk-Biridi and in the village(s) namely- Taluk-Balikuda and in the village(s) namely- Taluk-Raghunathpur in the district of Jagatsinghpur in the state of ODISHA.
5318 GI/2026

File Number: F. No. RO/BBSR/11011/NH/IAHE/39/Smbp-Nuagaon/2017/3D1
Shaikh Amin khan, Director.

District: Jagatsinghpur
https://egazette.gov.in
Publication Date: 10/07/2026
https://egazette.gov.in
https://bhoomirashi.gov.in
Note: The physical copy of this notification is also available at the office of CALA/PIU/ PMU/RO/ED and Landowners may also see the notification there.

OIPR-24001/24039/3/26-27/0001

LOST

Notice is hereby given that the original physical share certificates detailed below are reported lost/untraceable: Company: Jaiprakash Hospital & Research Centre Total Shares: 5,39,960 Equity Shares Certificate Nos.: 1 to 8 (8 Certificates) Folio & Distinctive Nos.: Records A police report/FIR has been requested to record the loss for statutory compliance and the issuance of duplicate certificates.

AFFIDAVIT

By virtue of an affidavit

ଗତବର୍ଷ ପଚାଶ, ଏଥର ଶହେ ପ୍ରତିଶତ

ପିଆଜ ବିହନ ଯୋଗାଣ ବନ୍ଦ; ଚଢ଼ା ଦରରେ କିଣୁଛି ଚାଷୀ

ଭବାନୀପାଟଣା, ୧।୯ (ସମିସ)

କଳାହାଣ୍ଡିରେ ପିଆଜ ଚାଷକୁ ନେଇ ଚିନ୍ତାରେ ଚାଷୀ। ଗତ ଦୁଇବର୍ଷଧରି ରାଜ୍ୟ ସରକାରଙ୍କ ପକ୍ଷରୁ ପିଆଜ ବିହନ ଯୋଗାଇବା ଘୋର ଅଣଦେଖା କରାଯାଇଛି। ଗତ ବର୍ଷ ଚାଷୀମାନଙ୍କୁ ସେମାନଙ୍କ ଆବଶ୍ୟକ ତୁଳନାରେ ୫୦ ପ୍ରତିଶତ ବିହନ ଯୋଗାଇ ଦିଆଯାଇଥିବାବେଳେ ଚଳିତ ବର୍ଷ ବିଲକୁଲ ସରକାରୀଭାବେ ପିଆଜ ବିହନ ଜିଲ୍ଲାରେ ପହଞ୍ଚି ନଥିବା ଉଦ୍ୟାନ ବିଭାଗ ପ୍ରକାଶ କରିଛି। ସରକାର ବିହନ କେ.ଜି. ପ୍ରତି ୧୮୦୦/୧୯୦୦ ଟଙ୍କାରେ ଦେଉଥିବା ସମୟରେ ଚାଷୀ ଏବେ ୨୬୦୦ ରୁ ୩୦୦୦ ଟଙ୍କା ଦରରେ କିଣିବାକୁ ବାଧ ହେଉଛି।ଖାଉଟିଙ୍କ ଆବଶ୍ୟକତା ପୂରଣ କରିବା ସହିତ ବାହାର ରାଜ୍ୟରେ କଳାହାଣ୍ଡି ପିଆଜ ବିକ୍ରି କରି ଚାଷୀ ରୋଜଗାରକ୍ଷମ। ଏବେ ଧୀରେଧୀରେ ପିଆଜ ଚାଷୀ ସଙ୍କଟରେ ପଡୁଥିବା ଲକ୍ଷ୍ୟ କରାଯାଇଛି। କଳାହାଣ୍ଡି ଜିଲ୍ଲା ପ୍ରଥମେ ଧାନ ଏବଂ କପା ପରେ ପିଆଜ ଚାଷ ପାଇଁ ସମଗ୍ର ଓଡ଼ିଶାରେ ଅନ୍ୟାନ୍ୟ ଜିଲ୍ଲା ଅପେକ୍ଷା ନିଜ ସ୍ଥିତିକୁ ମଜଭୁତ କରି ଆସିଛି। ଚଳିତବର୍ଷ ରାଜ୍ୟ ଉଦ୍ୟାନ ବିଭାଗ ପିଆଜ ବିହନ ଯୋଗାଇନାହାନ୍ତି। ଫଳରେ ଚାଷୀ ନିଜ ଚେଷ୍ଟାରେ ବିହନ ସଂଗ୍ରହ କରି କାଁ ଭାଁ କେତେକ ବ୍ଲକରେ ଚାଷ କରିଥିବା ଜଣାପଡ଼ିଛି। ଏଥର ବିହନ ଅଭାବ କାରଣରୁ କେବଳ ନିର୍ଦ୍ଦିଷ୍ଟ କିଛି ଚାଷୀ ପିଆଜ ଚାଷ ପାଇଁ ଅଣ୍ଟା ଭିଡ଼ିଛନ୍ତି। ସରକାର ସବସିଡି ଅନୁଯାୟୀ ଏବେ ଚାଷୀ ଘରୋଇ ବଜାରରେ ବିହନ କେଜି ଚଢ଼ା ଦରରେ କିଣୁଛନ୍ତି। ଗୋଟିଏ ଏକର ଜମିରେ ୩/୪ କେଜି ବିହନ ଲୋଡ଼ା ପଡୁଥିଲେ ହେଁ ଚାଷୀ ଚଢ଼ା ଦରରେ ବିହନ କିଣିବା ସରକାରଙ୍କ ପାରିବାପାଣିଆକୁ ପଦାରେ ପକାଇଛି। ସେପଟେ ପିଆଜ କେ.ଜି. ୬୦ଟଙ୍କା ଡେଇଁଲା। ସରକାରଙ୍କ ଅବହେଳା କାରଣରୁ ମହାରାଷ୍ଟ୍ରର ନାସିକ ଅଞ୍ଚଳରୁ ପିଆଜ ଆସିଥାଏ। ତା ସହିତ ଉନ୍ନତମାନର ବିହନ ମଧ୍ୟ ମିଳୁଥିଲା କିନ୍ତୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ

ସରକାର ଧାନ ଚାଷରେ ମାତିଲେ, ପିଆଜ କଥା ଭୁଲିଗଲେ

ପିଆଜ ଦର ୬୦ ଟଙ୍କା ଉପରେ

ପାଇଁ ବାହାରୁ ବିହନ ନଆସିବାରୁ ସମସ୍ୟା ଦେଖାଦେଇଛି ବୋଲି ଉଦ୍ୟାନ ବିଭାଗ ପକ୍ଷରୁ କୁହାଯାଇଛି। କେତେକ ଚାଷୀ ନିଜ ପାଖରେ ମହଜୁଦ ରଖିଥିବା ବିହନ ଉପରେ ଭରସା କରି ଚାଷ କରୁଥିବା ସୂଚନା ମିଳିଛି। ପୂର୍ବବର୍ଷ ମାନଙ୍କରେ ଜିଲ୍ଲାରେ ଉଦ୍ୟାନ ବିଭାଗର ପରିଚାଳନାରେ ୧୮ ହଜାର ଚାଷୀ ପ୍ରାୟ ୨୭୭୪୪ ଟନ୍ ପିଆଜ ଉତ୍ପାଦନ ହେଉଥିବା ନଜିର ରହିଛି। ଯାହାକି ଜିଲ୍ଲାରେ ଖାଉଟିଙ୍କ ଆବଶ୍ୟକତାକୁ କିଛି ପରିମାଣରେ ପୂରଣ କରୁଥିଲା। ବଳକା ସମୟରେ ନାସିକ ପିଆଜ ହିଁ କଳାହାଣ୍ଡି ପାଇଁ ଏକମାତ୍ର ଭରସା ସାଜି ପିଆଜ ଦରକୁ ନିୟନ୍ତ୍ରଣ କରୁଥିଲା। ବର୍ତ୍ତମାନ ନାସିକ ଏବଂ ଅନ୍ୟ ଅଞ୍ଚଳରୁ ପିଆଜ ଆସିବାର ଧାରା ଧିମେଇଯିବା ଯୋଗୁଁ ପିଆଜ ଦର ବୃଦ୍ଧି

ପାଉଥିବା କୁହାଯାଉଛି। କିନ୍ତୁ ପିଆଜ ଚାଷ ଦେଖିବାକୁ ଗଲେ କଳାହାଣ୍ଡି ଜିଲ୍ଲାର ଚାଷୀ ପୁଞ୍ଜି ଯୋଗାଡରୁ ଆରମ୍ଭ କରି ଉତ୍ପାଦିତ ପିଆଜର ବିକ୍ରିବଟାକୁ ନେଇ ସବୁବେଳେ ଚିନ୍ତାରେ ଥାଏ କାରଣ କଳାହାଣ୍ଡି ଜିଲ୍ଲାରେ ପିଆଜ ଅଧିକ ଉତ୍ପାଦନ ହେଉଥିଲେ ମଧ୍ୟ ସାଇତି ରଖିବା ପାଇଁ କୌଣସି ପ୍ରକାର ସୁବିଧା ହୋଇପାରୁନାହିଁ। ବିଶେଷ କରି ପିଆଜ ଷ୍ଟୋରେଜ୍ ପଏଣ୍ଟର ଉପଲବ୍ଧତାର ଅଭାବ କାରଣରୁ ଚାଷୀ ଫସଲ ଉତ୍ପାଦିତ ହେବା କ୍ଷଣି ବଜାର ବ୍ୟବସ୍ଥାକୁ ନେଇ ଚିନ୍ତାରେ ପଡୁଛି। ଶାଗ ମାଛ ଦରରେ ତରବରିଆ ହୋଇ ବିକ୍ରି କରିଆସୁଛି। ଏଥି ପୂର୍ବରୁ କଳାହାଣ୍ଡି ଜିଲ୍ଲାରେ ଅନ୍ୟୁନ ୨୫୦୦ ମେଟ୍ରିକ୍ ଟନ୍ ପିଆଜ ସାଇତା ଘରର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୫୦୦ ମେଟ୍ରିକ୍ ଟନର ଦୁଇଟି ପଏଣ୍ଟ ଯଥାକ୍ରମେ ଗୋଟିଏ ଭବାନୀପାଟଣା ବ୍ଲକର ବୋର୍ଡା ଠାରେ ଏବଂ ଅନ୍ୟଟି ଜୁନାଗଡ଼ ବ୍ଲକରେ କରିବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ ସେ ଫାଇଲ ଶୀତଳଭଣ୍ଡାରରେ ରହିଛି। ଆଗାମୀ ଦିନରେ କି ପ୍ରକାର ସ୍ଥିତିରେ ପହଞ୍ଚିବ ତାହା ଦେଖିବା କଥା। କଳାହାଣ୍ଡି ବଜାରରେ ବର୍ତ୍ତମାନ ପିଆଜ କେଜି ପିଛା ୬୦ଟଙ୍କାରେ ବିକ୍ରି ହେଉଥିବାବେଳେ ଦର ଆଉ ତଳକୁ ଖସିବା ନା ଧରୁନି। ସ୍ଥାନୀୟଚାଷୀ ପିଆଜ ସାଇତା ଘରେ ରଖି ଆରମରେ ବିକ୍ରିକରି ଦୁଇ ପଇସା ଲାଭ ପାଇଥାନ୍ତା। କିନ୍ତୁ ପିଆଜ ରଖିବା ସମସ୍ୟା କାରଣରୁ ଚାଷୀ ପୂର୍ବରୁ ବାଧହୋଇ କମ୍ ଦରରେ ତରବରିଆ ଭାବେ ବିକ୍ରି କରୁଥିଲା। ଚଳିତବର୍ଷ ବିହନ ଜିଲ୍ଲାକୁ ନଆସିବା କାରଣରୁ ପୂର୍ବବର୍ଷ ତୁଳନାରେ ପିଆଜଚାଷ ହ୍ରାସ ପାଇଛି। ଗତ ୨୦୨୨/୨୩ ଏବଂ ୨୦୨୩/୨୪ ରେ ୨୭୬୮ ହେକ୍ଟର ଜମିରେ ପିଆଜ ଚାଷ ହୋଇଥିଲା। ଏଥର ଚାଷୀ ନିଜ ଉଦ୍ୟମରେ ସ୍ୱଳ୍ପ ଜମିରେ ଚାଷ କରିଛି। ହଜାର ହଜାର ପିଆଜ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇଦିଆଗଲେ ଚାଷୀକୂଳ ଉପକୃତ ହୁଅନ୍ତେ। ପିଆଜ ଚାଷ ପାଇଁ ଚାଷୀ ସମ୍ବଳ ଯୋଗାଡ କରୁ କରୁ ନିରାଶ ହେଉଥିବା ବେଳେ ଠିକଣା ସମୟରେ ବିହନ ନମିଳିବା ଓ ପିଆଜ ସାଇତା ଘରର ଘୋର ଅଭାବ ଜିଲ୍ଲାରେ ଥିବା ଚାଷୀଙ୍କ ମନକୁ ବିଚଳିତ କରୁଥିବା ଅନୁମାନ କରାଯାଉଛି। ଅନ୍ୟପଟେ ଏବେ ମଧ୍ୟ ନାସିକ ପିଆଜ ରାୟପୁର ଦେଇ ଜିଲ୍ଲାରୁ ପହଞ୍ଚିବା ପରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସମସ୍ତ ବ୍ୟବସାୟୀ ନାସିକ ପିଆଜ ପ୍ରତି ଭରସା କରିବା ସାର ହେଉଛି। ଗୋଲାମୁଣ୍ଡା, ଜୁନାଗ?, ନର୍ଲା, କେସିଙ୍ଗା, ଭବାନୀପାଟଣା, କୋକସରା ବ୍ଲକରେ ପିଆଜ ଚାଷ ପ୍ରଚୁର ପରିମାଣରେ ହୋଇଥାଏ। ଉଦ୍ୟାନ ବିଭାଗ ଏହି ଚାଷ ପାଇଁ ଅଧିକ ଧାନ ଦେବା ସହ ସବସିଡି ଯୋଗାଣ ପ୍ରକ୍ରିୟାକୁ ଅଧିକ ଗୁରୁତ୍? ଦେବାର ସମୟ ଆସିଛି। ଉଦ୍ୟାନ ବିଭାଗ ଉଚିତ ପଦକ୍ଷେପ ଗ୍ରହଣ କଲେ କଳାହାଣ୍ଡି ଚାଷୀ ପିଆଜ ବିକ୍ରି ସମସ୍ୟାରୁ ମୁକ୍ତ ହେବେ। ଜିଲ୍ଲା ପ୍ରଶାସନ ଚାଷୀର ସ୍ୱାର୍ଥରକ୍ଷା ନିମିତ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ମତପ୍ରକାଶ ପାଇଛି। କିନ୍ତୁ ରାଜ୍ୟରେ ସରକାରଙ୍କ ଉଦ୍ୟାନ ବିଭାଗ ବିହନ ଯୋଗାଣ ବନ୍ଦ କରି ଚୁପ୍ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜିଲ୍ଲାରେ ପିଆଜ ଚାଷୀଙ୍କ ସ୍ୱପ୍ନ ସାକାର ହେବାରେ ସରକାର ବିହନ ନଦେଇ କେଉଁ କାରଣରୁ ବାଟ ଓଗାଳିଛନ୍ତି ତାହା ଜାଣିବା ସବୁଠାରୁ ବଡ଼ ବିସ୍ମୟ।

ଅର୍ଥ ଅଭାବ; ଡାକ୍ତରୀ ପାଠ ପଢ଼ିପାରୁନାହାନ୍ତି ଦୁଇ ଭଉଣୀ

କର୍ଲାମୁଣ୍ଡା, ୧।୯ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ା ଗ୍ରାମର ଏକ ପରିବାରର ଦୁଇ ଭଉଣୀ ଏକାସାଙ୍ଗେ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିବା ଅଞ୍ଚଳ ପାଇଁ ଗର୍ବର ବିଷୟ ପାଲଟିଛି। ହେଲେ ଡାକ୍ତରୀ ପାଠ ପଢ଼ିବା ପାଇଁ ଆବଶ୍ୟକ ଖର୍ଚ୍ଚ ଏବେ ସେମାନଙ୍କ ସ୍ୱପ୍ନରେ ବାଧକ ସାଜିଛି। ରେଗଡ଼ା ଗ୍ରାମର ଜୟଦ୍ରଥ କମ୍ପ ଓ ରମ୍ଭାବତୀ କମ୍ପଙ୍କ ଦୁଇ ଝିଅ ପ୍ରେମଲତା ଓ ପୁଷ୍ପଲତା। ପ୍ରେମଲତା ନିଟ୍‌ରେ ୬୧୩ ମାର୍କ ଏବଂ ପୁଷ୍ପଲତା ୫୭୭ ମାର୍କ ରଖି ସଫଳ ହୋଇଛନ୍ତି। ଉଭୟ ପୂର୍ବରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ମାଟ୍ରିକ ପରୀକ୍ଷାରେ ଜିଲ୍ଲା ଟପ୍ପର ହୋଇଥିଲେ। ବର୍ତ୍ତମାନ ବହୁ କଷ୍ଟରେ ପ୍ରେମଲତାଙ୍କ ବୁର୍ଲା ମେଡିକାଲ କଲେଜରେ ନାମଲେଖା ସରିଛି। ହେଲେ ପୁଷ୍ପଲତାଙ୍କ ନାମଲେଖା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବାରେ ପରିବାର ଅସମର୍ଥ ହୋଇପଡ଼ିଛି। ଫଳରେ ମେଧାବୀ ପୁଷ୍ପଲତାଙ୍କ ଡାକ୍ତର ହେବାର ସ୍ୱପ୍ନ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ପୁଷ୍ପଲତାଙ୍କ ବାପା ଜୟଦ୍ରଥ କମ୍ପ ସରକାରୀ ସ୍ତରରେ ଆର୍ଥିକ ସହାୟତା ପାଇଁ କଳାହାଣ୍ଡି ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି। ଏହି ମେଧାବୀ ଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ଆର୍ଥିକ ସହାୟତା ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଆଣ୍ଠୁଏ କାଦୁଅରେ ଯାଉଛନ୍ତି କୋର୍ଟ କର୍ମଚାରୀ, ଛାତ୍ରଛାତ୍ରୀ

କୋମନା, ୧।୯ (ସମିସ): ଲଗାଣ ବର୍ଷା ଯୋଗୁଁ ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ଗ୍ରାମ ନ୍ୟାୟାଳୟକୁ ଯିବାକୁ ଥିବା ମୁଖ୍ୟ ରାସ୍ତାଟି ଅତ୍ୟନ୍ତ କଦର୍ଯ୍ୟ ଓ ଶୋଚନୀୟ ହୋଇପଡ଼ିଛି। କ୍ରମାଗତ ବର୍ଷା ହେତୁ ରାସ୍ତା ସାରା କାଦୁଅ ଏବଂ ବଡ଼ବଡ଼ ଗାତ ସୃଷ୍ଟି ହୋଇ ପାଣି ଜମି ରହିଛି, ଯାହାଫଳରେ ଦୈନନ୍ଦିନ ଯାତାୟାତ ଏକ ପ୍ରକାର ନର୍କଦଶା ପାଲଟିଛି। ଏହି ରାସ୍ତାଦେଇ କୋର୍ଟର ସମସ୍ତ ଷ୍ଟାଫ୍, ବହୁ ଆଇନଜୀବୀ ଏବଂ ସାଧାରଣ ସାଧାରଣ କ୍ଷେତ୍ରର ଲୋକେ ପ୍ରତିଦିନ ବାଧ ହୋଇ ଏହି କାଦୁଅ ରାସ୍ତାରେ ଯିବା ଆସିବା କରୁଛନ୍ତି। ରାସ୍ତାର ଅବସ୍ଥା ଏତେ ଖରାପ ଯେ, ପାଦରେ ଚାଲିବା କିମ୍ବା ଦୁଇଚକିଆ ଯାନ ଚଳାଇବା ମଧ୍ୟ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ବିଶେଷକରି ଏହି ରାସ୍ତାଦେଇ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କୁନି କୁନି ଛାତ୍ରଛାତ୍ରୀମାନେ ପ୍ରତିଦିନ ବିଦ୍ୟାଳୟକୁ ଯା'ଆସ କରିଥାନ୍ତି। ଖରାପ ରାସ୍ତା ଓ କାଦୁଅ ଭିତରେ ଯିବା ସମୟରେ ଛୋଟ ପିଲାମାନେ ଖସିପଡ଼ି ଆହତ ହେବାର ଆଶଙ୍କା ରହିଛି। ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଏହି ସମସ୍ୟାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି।ତୁରନ୍ତ ଏହି ରାସ୍ତାର ମରାମତି କରା ନଗଲେ ଆଗାମୀ ଦିନରେ ବଡ଼ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଏଣୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗପକ୍ଷରୁ ଦୃଷ୍ଟି ଦିଆଯାଇ ଯଥାଶୀଘ୍ର ରାସ୍ତାଟିକୁ ସଂସ୍କାର କରାଯିବାକୁ ସ୍ଥାନୀୟ ଜନସାଧାରଣ, ଆଇନଜୀବୀ ଓ ଅଭିଭାବକମାନେ ଦୃଢ଼ ଦାବି କରିଛନ୍ତି।

ବୋଡେନରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଖଡ଼ିଆଳ, ୧।୯ (ସମିସ): ବୋଡ଼େନ ବ୍ଲକ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିବା ସହ ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରୁ ୬୧ଟି ବ୍ୟକ୍ତିଗତ ଓ ୧୯ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ପୂର୍ବ ଶିବିରର ଅଭିଯୋଗଗୁଡ଼ିକର ଫଇସଲା ସ୍ଥିତି ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରି ଶୀଘ୍ର ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପ୍ରେମ ସୁନାନୀ ଓ ବିଳାସି ବେହେରାଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ଏବଂ ଦେମତି ପରାଭାଇଙ୍କୁ ୫ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଥିଲା। ଶିବିରରେ ବରିଷ୍ଠ ନାଗରିକ, ଆୟୁଷ୍ମାନ ଆରୋଗ୍ୟ ଓ ସ୍ୱଚ୍ଛତା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ବନଖଣ୍ଡ ଅଧିକାରୀ ଏ. ମାଧବୀଲତା, ଅଜିଜ୍ ଖାନ, ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଡିଓ ଚିନ୍ମୟ ସାଗର, ତହସିଲଦାର ସରିତା ଗୁପ୍ତା ଓ ବ୍ଲକସ୍ତରୀୟ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

ପାଣିରେ ଭାସୁଛି ବିକାଶ

କାଦୁଅ ରାସ୍ତାରେ ନାକେଦମ୍ କୁସୁମଖୁଣ୍ଟିବାସୀ

କୋକସରା, ୧।୯ (ସମିସ) : ରାସ୍ତା ନା କୃତ୍ରିମ ପୋଖରୀ? କୋକସରା ବ୍ଲକ ମେଟେର ପଞ୍ଚାୟତର କୁସୁମଖୁଣ୍ଟି ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାକୁ ଦେଖିଲେ ଏବେ ଏପରି ପ୍ରଶ୍ନ ଉଠୁଛି। ପ୍ରଶାସନିକ ଅବହେଳା ଓ ଦୀର୍ଘଦିନର ମରାମତି ଅଭାବରୁ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ଏବେ ସମ୍ପୂର୍ଣ୍ଣ ଆସୁରକ୍ଷିତ ହୋଇପଡ଼ିଛି, ଯାହା ଯାତାୟାତ କରୁଥିବା ଶହ ଶହ ପଥଚାରୀ ହଇରାଣ ହେଉଛନ୍ତି। ସୂଚନା ଯେ' ୨୬ ନମ୍ବର

ଜାତୀୟ ରାଜପଥରୁ ବାହାରି କୁସୁମଖୁଣ୍ଟି ଗ୍ରାମ ମଧ୍ୟଦେଇ ଇନ୍ଦ୍ରାବତୀ କେନାଲ ଛକ ପର୍ଯ୍ୟନ୍ତ ବିସ୍ତାରିତ ଏହି ରାସ୍ତାଟି ପୂର୍ତ୍ତବିଭାଗ ରାସ୍ତା ସହ ମିଶି ଡହଗାଁକୁ ଯୋଡୁଛି। ଗ୍ରାମର ମୁଖ୍ୟରାସ୍ତା କୁହାଯାଉଥିବା ଏହି ପଥର ସଂସ୍କାର ପାଇଁ ବିଭାଗୀୟ ଆନ୍ତରିକତା ନ ଥିବା ଅଭିଯୋଗ ହୋଇଛି। ରାସ୍ତା ସାରା ସୃଷ୍ଟି ହୋଇଥିବା ବଡ଼ ବଡ଼ ଗାତରେ ବର୍ଷାଜଳ ଜମି ରହୁଛି। ପ୍ରତିଦିନ ସ୍କୁଲ, କଲେଜ ଯାଉଥିବା କୋମଳମତି ଛାତ୍ରଛାତ୍ରୀ, ଦୈନନ୍ଦିନ ଖାଟିଖିଆ ଜନସାଧାରଣ ଅତ୍ୟନ୍ତ ନାକେଦମ୍ ହେଉଛନ୍ତି। ନିର୍ମାଣର ମାତ୍ର ଦୁଇ ବର୍ଷ ନପୂରୁଣୁ ରାସ୍ତାର ଅବସ୍ଥା ବେହାଲ ହୋଇଯାଇଛି। ନାଁ ସ୍ଥାନୀୟ ବିଧାୟକ, ନାଁ ସମ୍ପୃକ୍ତ ବିଭାଗ ଏଦିଗରେ ଦୃଷ୍ଟି ଦେଉ ନାହାନ୍ତି, ତେଣୁ ଲୋକେ ବିଜେପି ଅମଳରେ ପାଣିରେ ଭାସୁଛି ବିକାଶ ବୋଲି କଟାକ୍ଷ କରିଛନ୍ତି। ଏଣେ ସାଧାରଣ ଯାତାୟାତ ସ୍ୱାଭାବିକ କରିବା ପାଇଁ ସମ୍ପୃକ୍ତ ଆରଡ଼ି ବିଭାଗ ଓ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାର ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦୃଢ଼ ଦାବି କରାଯାଇଛି।

ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ସଭା

ଗୋଲାମୁଣ୍ଡା, ୧।୯ (ସମିସ): ନିଶାମୁକ୍ତ ସମାଜ ଗଠନ ଓ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ଗୋଲାମୁଣ୍ଡା ଥାନା ପରିସରରେ 'ନିଶାମୁକ୍ତ ଅଭିଯାନ' ଓ 'ଆମ ପୁଲିସ' ସମିତି ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମାଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ପୁଲିସ କର୍ମଚାରୀ, ବରିଷ୍ଠ ନାଗରିକ, ପିଆରଆଇ ସଦସ୍ୟ, ସମାଜସେବୀ ଓ ସ୍ଥାନୀୟ ଲୋକେ ଯୋଗଦେଇଥିଲେ। ସଭାରେ ନିଶାସେବନ ଯୋଗୁଁ ପରିବାର, ସମାଜ ଓ ଯୁବପିଢ଼ି ଉପରେ ପଡୁଥିବା ବିଭିନ୍ନ କୁପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ନିଶା କାରବାରକୁ ରୋକିବା ସହ ନିଶାସକ୍ତ ବ୍ୟକ୍ତିମାନଙ୍କୁ ନିଶା ଛାଡ଼ିବା ପାଇଁ ପ୍ରୋତ୍ସାହିତ କରିବା, ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରଖିବା ଏବଂ ଏଥିପାଇଁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ଆମ ପୁଲିସ' ସଭା ଅବସରରେ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ମଧ୍ୟ ଶୁଣାଯାଇଥିଲା। ଜନସାଧାରଣଙ୍କ ସହ ପୁଲିସର ଉତ୍ତମ ଜନସମ୍ପର୍କ ସ୍ଥାପନ କରିବା ସହ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ସମ୍ଭବ ସହଯୋଗ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ସଭାରେ ପୂର୍ବତନ ଗୋଲାମୁଣ୍ଡା ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ବୃଷଭ ନାଏକ, ଗଙ୍ଗାଧର ମୁଣ୍ଡ, ଜନ୍ମେଜୟ ମାଝୀ, ଚତୁର୍ଭୁଜ ନାଏକ, ବରିଷ୍ଠ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲାଙ୍କ ସମେତ ଏସ୍ଆଇ ଚଞ୍ଚଳା ତାଣ୍ଡି, ଏସ୍ଆଇ ଅରୁଣ ଭତ୍ରିଆ, ରାଇଟର ରଞ୍ଜନ କୁମାର ରାଉତ, ପୁଲିସ କର୍ମଚାରୀ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ନିଶାମୁକ୍ତ ସମାଜ ଗଠନ ପାଇଁ ପୋଲିସ ସହ ଜନସାଧାରଣ ମିଳିମିଶି କାର୍ଯ୍ୟକଲେ ଅଭିଯାନ ଅଧିକ ସଫଳ ହୋଇପାରିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା।

ଗୁଣାତ୍ମକ ଧାନ ବିହନ ଉତ୍ପାଦନ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କୋମନା, ୧।୯ (ସମିସ): କୋମନା ବ୍ଲକ ପଲସିପାଣି ପଞ୍ଚାୟତ ସୁବିଧାକେନ୍ଦ୍ର ଠାରେ ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ଦ୍ୱାରା ଗୁଣାତ୍ମକ ଧାନ ବିହନ ଉତ୍ପାଦନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସହଜେଠ, କାସିପଲା, ପାଲସିପାଣି, ସିଲଭା, ପଟପରପାଲି, ଛିଣ୍ଡପାଣି ଏମିତି ୬ଟି ଗ୍ରାମର ୫୦ଚାଷୀଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଣତି ରାଣୀ ପ୍ରଧାନ ଅନ୍ତର୍ଜାତୀୟ ଧାନ ଗଭୀଷଣା କେନ୍ଦ୍ରର ବିଶେଷଜ୍ଞ ଦିଲ୍ଲୀପ ରାଉତ, ସମ୍ପଦ ନାୟକ, ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ରବି ସୋରେନ ଓ ବୈଜ୍ଞାନିକ ଅନୁଜ କୁମାର ରାୟ, ଗୋଷ୍ଠୀ କୃଷି ଅଧିକାରୀ ସଙ୍ଗୀତା ମେହେର ଉପସ୍ଥିତ ରହି ଚାଷୀମାନଙ୍କୁ ଧାନ ଚାଷ ଓ ଆଗାମୀ ଦିନରେ କିପରି ଗୁଣାତ୍ମକ ଧାନ ବିହନ ଉତ୍ପାଦନ କରି ପାରିବେ ତାର ବୈଷୟିକ ଜ୍ଞାନକୌଶଳ ଉପରେ ତାଲିମ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିହନ ବିଶୋଧନ, ତଳି ରୋପଣ, ମୁଖ୍ୟ କ୍ଷେତ ରୋପଣ, ସାର ପରିଚାଳନା, ରୋଗ ଓ ପୋକ ପରିଚାଳନା, ଜଳ ପରିଚାଳନା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ତରଫରୁ ରୋଗ ଓ ପୋକ ପରିଚାଳନା ଓ ବିହନ ଉତ୍ପାଦନ ପ୍ରସ୍ତୁତି ପୁସ୍ତକ ପ୍ରଦାନ କରାଯାଇଥିଲା, ଭରସା ଅନୁଷ୍ଠାନ ମୁଖ୍ୟ ଛାତ୍ରଧର ଦଣ୍ଡସେନା ପରିଚାଳନା କରିଥିବା ବେଳେ ଆଶିଷ କୁମାର ଖମାରୀ, ଜଗନ୍ନାଥ ଜେନା, ଦିବାକର ଠେଲା, ବିଶ୍ୱାମିତ୍ର ସାହୁ, ଅନନ୍ତ ଦୀପ, ଋଷି ନାଗ, କୃଷି ପର୍ଯ୍ୟବେକ୍ଷକ କୁଶ ଧରୁଆ, କୃଷି ଗ୍ରାମ ସେବକ ଶୀତମ ମୋଟାରୀ, ସରସ୍ୱତୀ ରାଓ ଉପସ୍ଥିତ ଥିଲେ।

ଜୋନ୍ସ ମହାରଣାଙ୍କୁ ଶ୍ରଦ୍ଧାଞ୍ଜଳି

ଭବାନୀପାଟଣା, ୧।୯ (ସମିସ): ଭବାନୀପାଟଣା ସହର ଅଧୀନ ରାଧାକୃଷ୍ଣ ମନ୍ଦିର ପରିସରରେ ମନ୍ଦିର ସମୂହ କମିଟି ପକ୍ଷରୁ ଜୋନ୍ସ ମହାରଣାଙ୍କ ଅକାଳ ବିୟୋଗ ଘଟଣାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ସମୂହ କମିଟି ସଭାପତି ଇନ୍ଦ୍ରଜିତ ମହାଖୁଡ଼ଙ୍କ ଅଧ୍ୟକ୍ଷତାରେ ପୁଷ୍ପ ମାଲ୍ୟ ପ୍ରଦାନ କରାଯାଇଥିଲା। ଏହି ଶୋକ ସଭାରେ ଭାବଗ୍ରାହୀ ନାୟକ, ପ୍ରଶାନ୍ତ ପ୍ରଧାନ, ପ୍ରଦୀପ ପ୍ରଧାନ, ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ଦାମ ମହାରଣା, ପ୍ରଶନ ମହାରଣା, ପରକ୍ଷିତ ବିଶ୍ୱାଳ, ସନ୍ତୋଷ ପ୍ରଧାନ, ସୁଦେଶ ନାୟକ, ରାଜୁ ନାୟକ, ସୁବାଷ ପ୍ରଧାନ, ରବି ସ୍ୱାଇଁ ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କଳାହାଣ୍ଡି ଲେଖକ କଳା ପରିଷଦର ଗଙ୍ଗାଧର ମେହେର ଜୟନ୍ତୀ

ଭବାନୀପାଟଣା, ୧।୯ (ସମିସ): କଳାହାଣ୍ଡି ଲେଖକ କଳା ପରିଷଦର ଜନ୍ମସ୍ଥାନ ଧର୍ମଗଡ଼ଠାରେ କଳାହାଣ୍ଡି ଲେଖକ କଳା ପରିଷଦ ଭବାନୀପାଟଣା ଏବଂ ପଞ୍ଚାୟତ ମହାବିଦ୍ୟାଳୟ ଧର୍ମଗଡ଼ ମିଳିତ ଆନୁକୂଲ୍ୟରେ ଗଙ୍ଗାଧର ମେହେର ଜୟନ୍ତୀ ଅଧ୍ୟାପକ ନିମାଇଁ ଚାରଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସାହିତ୍ୟିକ ପ୍ରତାପ କିଶୋର ମୁଣ୍ଡ ମୁଖ୍ୟ ଅତିଥି, ଡ. ହରେକୃଷ୍ଣ ମେହେର, ଦାଶରଥି ଆଚାର୍ଯ୍ୟ, ଉମେଶ ଚନ୍ଦ୍ର ପଣ୍ଡା, ଭବନାଥ ରାୟଗୁରୁ ମଞ୍ଚାସୀନ ଥିଲେ। ଗୁରୁ ସୁଧୀର ଚନ୍ଦ୍ର ପଣ୍ଡାଙ୍କ ସ୍ୱର ସଂଯୋଜନାରେ ଚିତ୍ତ ରଞ୍ଜନ ପଣ୍ଡା, ନରେନ୍ଦ୍ର ପଣ୍ଡା, ତାପସ ପଟେଲ ବାଦ୍ୟଯନ୍ତ୍ର ରେ ଥିବାବେଳେ ଶିଳ୍ପୀ ବୈଷ୍ଣବୀ ପଲକ୍, ଶ୍ରେୟାଞ୍ଜଳି, କାଜଲ ମହାରଣା, ସାଗରିକା ଓ ନିକିତା ମିଶ୍ର କଣ୍ଠଦାନ କରିଥିଲେ। ଗୋପୀନାଥ ବାଗ ମଞ୍ଚ ପରିଚାଳନା କରିଥିବା ବେଳେ ଓଡ଼ିଆ ବିଭାଗର ଅଧ୍ୟାପକ ସଦୟ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସୁରେନ୍ଦ୍ର ପ୍ରସାଦ ନେଗୀ, ଭାଗୀରଥି ବେହେରା, ହରେକୃଷ୍ଣ ଭୋଇ, ସୋହନଲାଲ ଅଗ୍ରୱାଲ, ସୌରଭ ମହାପାତ୍ର ଓ ରାଜେଶ କୁମାର ଦାଶ ସହଯୋଗ କରିଥିଲେ।

୮୦ ବର୍ଷ ପରେ ବି କୁଆଁଙ୍ଗ ଗାଁରେ ବିକାଶ ଅପହଞ୍ଚ

ଥୁଆମୂଳ ରାମପୁର, ୧।୯ (ସମିସ)

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର କର୍ଲାପାଟ ଅଭୟାରଣ୍ୟ ଏବଂ ଖଣିଜ ସମ୍ପଦରେ ସମୃଦ୍ଧ ଖଣ୍ଡୁଆଳ ମାଳି ପାଦଦେଶରେ ଥିବା କୁଆଁଙ୍ଗ ଗାଁ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ। କର୍ଲାପାଟ ପଞ୍ଚାୟତ ଅଧୀନ ଏହି ଆଦିବାସୀ ରାଜସ୍ୱ ଗାଁରେ ପ୍ରାୟ ୩୦ଟି ଆଦିବାସୀ ପରିବାର ବସବାସ କରୁଥିଲେ ମଧ୍ୟ ସ୍ୱାଧୀନତାର ଆଠ ଦଶକ ପରେ ବି ଗାଁକୁ ପକ୍କା ସଡ଼କ ପହଞ୍ଚିପାରିନାହିଁ। ଗାଁଠାରୁ ପେରମଞ୍ଜି-ଭେଜିଗୁଡ଼ା ପ୍ରଧାନମନ୍ତ୍ରୀ ସଡ଼କ ଅମଠାଗୁଡ଼ା ନିକଟରେ ପ୍ରାୟ ଏକ କିଲୋମିଟର ଦୂରରେ ଥିଲେ ମଧ୍ୟ ଏହି ଦୂରତା ଗ୍ରାମବାସୀଙ୍କ ପାଇଁ ବିକାଶର ଏକ ବଡ଼ ପ୍ରତିବନ୍ଧକ ପାଲଟିଛି। ପକ୍କା ସଡ଼କ

ଖଣ୍ଡୁଆଳ ମାଳି ପାଦଦେଶରେ ୩୦ ଆଦିବାସୀ ପରିବାରଙ୍କ ଦୁର୍ଦ୍ଦଶା

ପକ୍କା ସଡ଼କ ନ ଥିବାରୁ ଆମ୍ବୁଲାନ୍ସ ସେବା ଅପହଞ୍ଚ, ପାନୀୟଜଳ ବି ଅଭାବ

ବିକାଶ ହେଲେ ପ୍ରକୃତିର ଜଳପ୍ରପାତ ପାଲଟିପାରେ ପର୍ଯ୍ୟଟନସ୍ଥଳୀ

ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ପହଞ୍ଚିବା କଷ୍ଟକର। ଫଳରେ ଜରୁରୀ ସମୟରେ ରୋଗୀ ଓ ଗର୍ଭବତୀଙ୍କୁ ଖଟିଆରେ ବୋହି ମୁଖ୍ୟ ସଡ଼କ ପର୍ଯ୍ୟନ୍ତ ନେବାକୁ ପଡୁଛି। ଏଭଳି ପରିସ୍ଥିତିରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବାର ସୁବିଧା ଗ୍ରାମବାସୀଙ୍କ ପାଇଁ ଏକ ପ୍ରଶ୍ନବାଚୀ ହୋଇଛି।

କେବଳ ଯାତାୟତ ନୁହେଁ, ଗାଁର ଆବାସିକ ସ୍ଥିତି ମଧ୍ୟ ଅନେକ କିଛି କହୁଛି। ଅଧିକାଂଶ ପରିବାର ଆଜି ବି ଚାଳଛପର ଓ ମାଟି ଘରେ ଜୀବନ କାଟୁଛନ୍ତି। ପିଡିଏସ୍ ଚାଉଳ ଆଣିବା, ବାର୍ଦ୍ଧକ୍ୟ ଭତ୍ତା ସମ୍ବନ୍ଧୀୟ କାମ କରିବା କିମ୍ବା ଅନ୍ୟ କୌଣସି ଜରୁରୀ କାମରେ ପଞ୍ଚାୟତ କାର୍ଯ୍ୟାଳୟ ଯିବା ପାଇଁ ମଧ୍ୟ ସେମାନଙ୍କୁ ଦୀର୍ଘ ରାସ୍ତା ଓ ଦୁର୍ଗମ ପଥର ଯନ୍ତ୍ରଣା ସହିବାକୁ ପଡୁଛି। ଗାଁଠାରୁ ପଞ୍ଚାୟତ କାର୍ଯ୍ୟାଳୟର ଦୂରତା ପ୍ରାୟ ୪ କିଲୋମିଟର ହୋଇଥିଲେ ମଧ୍ୟ କର୍ଲାପାଟ ଅଭୟାରଣ୍ୟ ଅଞ୍ଚଳ ହୋଇଥିବାରୁ ଜଙ୍ଗଲ ଆଇନ ପକ୍କା ସଡକ ନିର୍ମାଣରେ ବାଧକ ସାଜିଛି। ଫଳରେ ଗ୍ରାମବାସୀଙ୍କୁ ପେରମଞ୍ଜି-କର୍ଲାପାଟ ଛକ ଦେଇ ପ୍ରାୟ ୧୦ କିଲୋମିଟର ରାସ୍ତା ବୁଲି ଯିବାକୁ ପଡୁଛି।

କୁଆଁଙ୍ଗ ଗାଁର ଆଉ ଏକ ପ୍ରମୁଖ ସମସ୍ୟା ହେଉଛି ବିଶୁଦ୍ଧ ପାନୀୟଜଳ। ଆଖପାଖରେ ପ୍ରକୃତିର ଅପାର ଜଳସମ୍ପଦ ଥିଲେ ମଧ୍ୟ ଗ୍ରାମବାସୀଙ୍କ ଘର ପାଖରେ ସୁବ୍ୟବସ୍ଥିତ ପାନୀୟଜଳ ଯୋଗାଣର ଅଭାବ ରହିଛି। ତିନି ବର୍ଷ ହେବ ଆଜିଯାଏ 'ବସୁଧା' ପ୍ରକଳ୍ପ ସମ୍ପୂର୍ଣ୍ଣ ହେଇପାରିନି।

ଅନ୍ୟପଟେ ଖଣ୍ଡୁଆଳ ମାଳି ପାହାଡ଼ରୁ ଝରି ଆସୁଥିବା ଝରଣା ଏକ ସୁନ୍ଦର ଜଳପ୍ରପାତର ରୂପ ନେଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ସ୍ଥାନଟି ପର୍ଯ୍ୟଟନର ଏକ ନୂଆ ସମ୍ଭାବନା ବହନ କରୁଛି। କିନ୍ତୁ ଏହି ଜଳପ୍ରପାତରେ ପହଞ୍ଚିବା ପାଇଁ ଗାଁଠାରୁ ପ୍ରାୟ ଦେଢ଼ କିଲୋମିଟର ଦୁର୍ଗମ ଜଙ୍ଗଲ ଓ ପାଦଚଲା ରାସ୍ତା ଦେଇ ଯିବାକୁ ପଡୁଛି। ଯଦି ସରକାରଙ୍କ ପକ୍ଷରୁ କୁଆଁଙ୍ଗ ଗାଁକୁ ଏକ ପକ୍କା ସଡ଼କ ନିର୍ମାଣ କରାଯିବା ସହିତ ଜଳପ୍ରପାତ ପର୍ଯ୍ୟନ୍ତ ସୁରକ୍ଷିତ ଯାତାୟତ ବ୍ୟବସ୍ଥା ଓ ଆବଶ୍ୟକ ପାରିପାର୍ଶ୍ୱିକ ବିକାଶ କରାଯାଏ, ତେବେ ଏହି ଅଞ୍ଚଳ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ ହୋଇପାରିବ। ଏହାଦ୍ୱାରା ଗ୍ରାମବାସୀଙ୍କ ଜୀବନମାନ ସୁଧାରିବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ।

ଖଣିଜ ସମ୍ପଦ, ଜଙ୍ଗଲ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ସମୃଦ୍ଧ ଏହି ଅଞ୍ଚଳର ଲୋକେ ଆଜି ବି ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଛନ୍ତି। ଏକ ପଟେ ପକ୍କା ସଡ଼କ ଓ ଆମ୍ବୁଲାନ୍ସ ଭଳି ମୌଳିକ ଆବଶ୍ୟକତା, ଅନ୍ୟପଟେ ପାନୀୟଜଳ ଓ ଆବାସଭଳି ସମସ୍ୟା ଏସବୁ ମିଶି କୁଆଁଙ୍ଗ ଗାଁର ବିକାଶର ଚିତ୍ରକୁ ପ୍ରଶ୍ନବାଚୀ କରିଛି।

ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଯଦି ଏକ ଆଦିବାସୀ ଗାଁର ଲୋକେ ରୋଗୀଙ୍କୁ ଖଟିଆରେ ବୋହି ମୁଖ୍ୟ ସଡ଼କକୁ ନେବାକୁ ବାଧ ହୁଅନ୍ତି, ତେବେ ଏହା ବିକାଶର ଦାବି ଉପରେ ନିଶ୍ଚିତ ଭାବେ ଏକ ବଡ଼ ପ୍ରଶ୍ନଚିହ୍ନ। ତେଣୁ କୁଆଁଙ୍ଗ ଗାଁର ମୌଳିକ ସମସ୍ୟାର ସମାଧାନ ସହିତ ଏହାର ପ୍ରାକୃତିକ ଜଳପ୍ରପାତକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ପାଇଁ ପ୍ରଶାସନ ଓ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଯମୁନା କନ୍ଧୁଣୀ ଓ ବାରଭାଇ ବେଣ୍ଟକାରଙ୍କ ମନ୍ଦିର ନିର୍ମାଣ ଓ ଇତିହାସ ସଂରକ୍ଷଣ ଦାବି

● ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ୧୦ ଜଣିଆ ପ୍ରତିନିଧି ଦଳ ଗଠିତ

ପଦ୍ମପୁର, ୨।୯ (ସମିସ): ପଦ୍ମପୁର ଡ଼ାକ ବଙ୍ଗଳାଠାରେ ଯମୁନା କନ୍ଧୁଣୀ ଅଦିକନ୍ଧ ସମାଜର ପ୍ରମୁଖ ବ୍ୟକ୍ତିମାନେ ଓ ବିଞ୍ଝାଲ ସମାଜର ପ୍ରମୁଖ ବ୍ୟକ୍ତି ବିଶେଷ ପଦ୍ମପୁର ଉପଖଣ୍ଡ ସାଂସଦ ପ୍ରତିନିଧି ପ୍ରୀତମ ମେହେରଙ୍କ ନେତୃତ୍ୱରେ ଓ ପୂର୍ବତନ କାଉନସିଲର ନବକିଶୋର ବରିହାଙ୍କ ସହ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବରଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ ଦେଖାକରି କନ୍ଧ ସମାଜର ଐତିହ୍ୟ ଓ ଯମୁନା କନ୍ଧୁଣୀଙ୍କ ସ୍ମୃତିରେ ଏକ ମନ୍ଦିର ନିର୍ମାଣ ପାଇଁ ତଥା ବିଞ୍ଝାଲ ସମାଜ ତରଫରୁ ବୋଡ଼ାସମ୍ବର ଅଞ୍ଚଳକୁ ପ୍ରତିଷ୍ଠିତ କରିଥିବା ବାରବାଇ ବେଣ୍ଟକାରଙ୍କ ଇତିହାସକୁ ପୁନର୍ଜୀବିତ ରଖିବାକୁ ଆଲୋଚନା ଓ ଦାବି ଜଣାଇଥିଲେ। ଉଭୟ ଦଳ କନ୍ଧ ଓ ବିଞ୍ଝାଲ ସମାଜରୁ ପକ୍ଷରୁ ଏକ ୧୦ ଜଣ ପ୍ରତିନିଧି ଦଳ ଗଠନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏସମ୍ପର୍କରେ ଦାବି କରାଯିବାର ନିଷ୍ପତ୍ତି ନେଇଥିଲେ। ଆଲୋଚନା ସମୟରେ କନ୍ଧ ସମାଜ ତରଫରୁ ନିର୍ମଳ ଚାହିର, ଭଗବତିଆ ମଲ୍ଲିକ, ବିଶି ଚାହିର, ମୁକ୍ତି ମୁଟକିଆ, ହୃଦାନନ୍ଦ ଭୋଇ ଓ ବିଞ୍ଝାଲ ସମାଜ ତରଫରୁ ବିକ୍ରମ ବେଟକାର ମହେନ୍ଦ୍ର ବେଟକାର, ଭିକାରି ବରିହା, ଚନ୍ଦ୍ରମଣି ସାମିନି, ଅନାଦି ବରିହା, ରିଙ୍କୁ ବରିହା, ପ୍ରଶାନ୍ତ ବରିହା ବାଦୀମାଲ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଆର୍‌ଏସ୍‌ଏସ୍ ତରଫରୁ ଯୁବ ସମ୍ମିଳନୀ

ପଦ୍ମପୁର, ୨।୯ (ସମିସ): ସ୍ଥାନୀୟ ବିଦ୍ୟାମନ୍ଦିର ପଦ୍ମପୁରଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ଶତାବ୍ଦୀ ବର୍ଷ ପାଳନ ଉପଲକ୍ଷେ ଶେଷ କାର୍ଯ୍ୟକ୍ରମ ଯୁବା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲାର ସହଜିଲ୍ଲା ଗୋସେବା ପ୍ରମୁଖ ଝସକେତନ ନାୟକ ଏବଂ ମୁଖ୍ୟବକ୍ତା ଭାବେ ସହଜିଲ୍ଲା ବୌଦ୍ଧିକ ପ୍ରମୁଖ ଭୀଷ୍ମଦେବ ସାହୁ ଯୋଗଦାନ କରିଥିଲେ। ଅତିଥି ପରିଚୟ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ଏବଂ ଉଦ୍ଦେଶ୍ୟ ଜ୍ଞାପନ ଜିଲ୍ଲା ପ୍ରଚାର ପ୍ରମୁଖ ରିତେଶ ରଞ୍ଜନ ମେହେର ପ୍ରଦାନ କରିଥିଲେ। ସମାରୋହ କାର୍ଯ୍ୟକ୍ରମରେ ଅତିଥି ଭାବେ ଡକ୍ଟର ବାଞ୍ଛାନିଧି ପଣ୍ଡା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁରେଶ ରାମଚନ୍ଦାନି, ଚୈତନ୍ୟ ଭୋଇ, କମଳାକାନ୍ତ ମହଲା, ମାର୍ତ୍ତଣ୍ଡଦେବ ସାହୁ, ଗୁଣମଣୀ ପଟେଲ, ଦେବରାଜ ଡନସନା ପ୍ରମୁଖ ସହଯୋଗ କରିଥିଲେ।

ଭାରତୀୟ ଜନତା ଦଳ ମଣ୍ଡଳର ବୈଠକ

ବରପାଲି, ୨।୯ (ସମିସ): ବରପାଲି କଲ୍ୟାଣ ମଣ୍ଡପ ପରିସରରେ ନଗର ମଣ୍ଡଳ ସଭାପତି ପ୍ରତାପ ସିଂଙ୍କ ସଭାପତିତ୍ୱରେ ଭାରତୀୟ ଜନତା ଦଳ ମଣ୍ଡଳ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲା ବିଜେପି ପ୍ରଭାରି ବାସୁଦେବ ବାରିକ, ସମ୍ମାନିତ ଅତିଥି ଭାବରେ ଧିରଜ ପ୍ରଧାନ, ଚୁମକି ମେହେର ଯୋଗ ଦେଇ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ଓ ଏନ୍‌ଏସି ନିର୍ବାଚନ ସମ୍ପର୍କିତ ଆଲୋଚନା କରିଥିଲେ।

ନେତ୍ରଦାନ ପକ୍ଷରୁ ସଚେତନତା ସଭା ଓ ରାଲି

ବରଗଡ଼, ୨।୯ (ସମିସ): ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମିଳନୀ, ଉତ୍କଳ ପ୍ରଦେଶର ବରଗଡ଼ ଶାଖା ପକ୍ଷରୁ ନେତ୍ରଦାନ ନେଇ ଏକ ସଚେତନତା ସଭା ଓ ବିଶାଳ ରାଲି ଆୟୋଜିତ ହୋଇଯାଇଛି। ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ନର୍ସିଂ ମହାବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସଭାରେ ଡା. ସୁଶୀଲ କୁମାର କର ଯୋଗଦେଇ ନେତ୍ରଦାନର ଗୁରୁତ୍ୱ, ଏହାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏହି ଅବସରରେ ଡା. କର ଓ ମହାବିଦ୍ୟାଳୟର ଅଧ୍ୟକ୍ଷା ନିରୁପମା ସେନାପତିଙ୍କୁ ସମ୍ମାନିତ କରାଯାଇଥିଲା। ପରେ ନେତ୍ରଦାନ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏକ ରାଲି ବାହାରିଥିଲା। ଏଥିରେ ମହାବିଦ୍ୟାଳୟର ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ବରଗଡ଼ ଶାଖାର ଅଧ୍ୟକ୍ଷା ନିଲମ ପଟୱାରୀ, ପ୍ରକଳ୍ପ ପ୍ରମୁଖ ଅଞ୍ଜୁ ମିତ୍ତଲ ଓ ସଦସ୍ୟା ରେଖା ଅଗ୍ରୱାଲଙ୍କ ମିଳିତ ପ୍ରୟାସରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

ଅଞ୍ଚଳ ମହାବିଦ୍ୟାଳୟରେ ଗଙ୍ଗାଧର ମେହେର ଜୟନ୍ତୀ

● ପ୍ରାଚୀର ପତ୍ରିକା 'ଅନ୍ୱେଷା' ଉନ୍ମୋଚିତ

ପଦ୍ମପୁର, ୨।୯ (ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସର ନୂତନ ସମ୍ମେଳନ କକ୍ଷରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଭାତ କୁମାର ମହାପାତ୍ରଙ୍କ କରକମଳରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପ୍ରକାଶିତ ପ୍ରାଚୀର ପତ୍ରିକା 'ଅନ୍ୱେଷା'ର ସ୍ୱତନ୍ତ୍ର 'ଗଙ୍ଗାଧର ବିଶେଷାଙ୍କ' ଉନ୍ମୋଚିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଭାଗ ମୁଖ୍ୟ ଡ. ସରୋଜ କୁମାର ନାଏକ ଯୋଗ ଦେଇ ଗଙ୍ଗାଧରଙ୍କ କୃତୀ ସମ୍ପର୍କରେ ହୃଦୟସ୍ପର୍ଶୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟାପକ କ୍ୟାପଟେନ ଜୟକୁମାର ଭୁଏ ଉଦ୍ଦେଶ୍ୟ ଜ୍ଞାପନ ପୂର୍ବକ ସଭାର ଆଭିମୁଖ୍ୟ ଉପସ୍ଥାପନ କରିଥିବା ବେଳେ ଅଧ୍ୟାପିକା ରୀନା ଧର୍ମବିନାୟକ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ନିର୍ମଳ କୁମ୍ଭାର ଓ ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ବିସ୍ମୃତ ଖାଦ୍ୟ ଓ ବିଲୁପ୍ତପ୍ରାୟ ଶସ୍ୟକୁ ନେଇ ସଚେତନତା

ପରବର୍ତ୍ତୀ ପିଢ଼ି ପର୍ଯ୍ୟନ୍ତ ପାରମ୍ପରିକ ଖାଦ୍ୟ ପହଞ୍ଚାଇବାକୁ ଗୁରୁତ୍ୱ

ଗାଇସିଲେଟ, ୨।୯ (ସମିସ)

ଓଡ଼ିଶାର ପାରମ୍ପରିକ ଖାଦ୍ୟ, ଦେଶୀ ଶସ୍ୟ ଓ ପୁରାତନ ଖାଦ୍ୟ ପରମ୍ପରାକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ସ୍ଥିତ ନେତାଜୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଦେବଦତ୍ତ କ୍ଲବର ପରିଚାଳନାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ମମତା ରାଣୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଅନ୍ୟତମ ଅତିଥି ଭାବେ ସହକାରୀ କୃଷି ନିର୍ଦ୍ଦେଶକ ଡ. ଅଞ୍ଜନ କୁମାର ନାୟକ, ଉଦ୍ୟାନ କୃଷି ପ୍ରସାର କର୍ମଚାରୀ ଦିଲ୍ଲୀପ କୁମ୍ଭାର, ଗାଇସିଲେଟ ସହକାରୀ କୃଷି ଅଧିକାରୀ ସାଇ ଆଶିଷ ପଣ୍ଡା, ସରପଞ୍ଚ ଅର୍ପିତା ପଣ୍ଡା, ଦେବଦତ୍ତ କ୍ଲବ କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ ପଣ୍ଡା, ପ୍ରଧାନଶିକ୍ଷକ ସୁଦର୍ଶନ ବାରିକ, ବିଜ୍ଞାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ସାହୁ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଦେବରଞ୍ଜନ ଦାଶ, ଶ୍ରୀଅନ୍ନ ଅଭିଯାନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଜୁବକ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କୁ ଓଡ଼ିଶାର ବିସ୍ମୃତ ହେବାକୁ ବସିଥିବା ପାରମ୍ପରିକ ଖାଦ୍ୟ ଏବଂ ବିଲୁପ୍ତପ୍ରାୟ ଦେଶୀ ଶସ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା। ପୂର୍ବପୁରୁଷଙ୍କ ଖାଦ୍ୟ ପରମ୍ପରାରେ ବ୍ୟବହୃତ ମାଣ୍ଡିଆ, କାଙ୍ଗୁ, କୁଦୋ, ସୁଆଁ, ଗୁଆଁର ଆଦି ଦେଶୀ ଶସ୍ୟର ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ଏଥିସହ ଅଞ୍ଚଳରେ ପ୍ରଚଳିତ ପାରମ୍ପରିକ ଖାଦ୍ୟ, ପିଠାପଣା ଓ ଦେଶୀଖାଦ୍ୟ ପ୍ରସ୍ତୁତି ପଦ୍ଧତିକୁ ପରବର୍ତ୍ତୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଧୁନିକ ଖାଦ୍ୟ ଅଭ୍ୟାସ ଯୋଗୁଁ ଅନେକ ପାରମ୍ପରିକ ଖାଦ୍ୟ ଓ ଦେଶୀ ଶସ୍ୟ ଧୀରେ ଧୀରେ ଲୋକଙ୍କ ଖାଦ୍ୟ ତାଲିକାରୁ ଦୂରେଇ ଯାଉଥିବାରୁ ଦେଶୀ ବିହନ, ପାରମ୍ପରିକ ଚାଷ ପଦ୍ଧତି ଓ ଖାଦ୍ୟ ସଂସ୍କୃତି ମଧ୍ୟ ବିପଦରେ ପଡ଼ିଛି ବୋଲି ମତ ପ୍ରକାଶ ପାଇଥିଲା। ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ପରିବାର ଓ ସମାଜରେ ଦେଶୀ ଖାଦ୍ୟ ଓ ଶସ୍ୟର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଛାତ୍ରଛାତ୍ରୀମାନେ ପାରମ୍ପରିକ ଖାଦ୍ୟ ଓ ଶସ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହ ଏହାର ସୁରକ୍ଷା ପାଇଁ ଶପଥ ନେଇଥିଲେ। ଅତିଥିମାନେ କହିଥିଲେ ଯେ, ଦେଶୀ ଶସ୍ୟ ଓ ପାରମ୍ପରିକ ଖାଦ୍ୟ କେବଳ ଆମ ଖାଦ୍ୟ ସଂସ୍କୃତିର ପରିଚୟ ନୁହେଁ, ଏହା ଆମ ଗ୍ରାମୀଣ ଜୀବନ, କୃଷି ପରମ୍ପରା ଓ ସାଂସ୍କୃତିକ ଐତିହ୍ୟର ଅମୂଲ୍ୟ ଅଂଶ। ଏଭଳି କାର୍ଯ୍ୟକ୍ରମ ନିୟମିତ ଆୟୋଜନ କରାଗଲେ ନୂଆପିଢ଼ି ମଧ୍ୟରେ ଦେଶୀ ଶସ୍ୟ ଓ ପାରମ୍ପରିକ ଖାଦ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବା ସହ ଏହାର ସୁରକ୍ଷା ଓ ପ୍ରଚାରରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ। ପରେ ଏହି ବିଷୟବସ୍ତୁକୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିପିନ ବିହାରୀ ନନ୍ଦ ଓ କଂଗ୍ରେସ ପ୍ରଧାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ପରିଶେଷରେ ଶିକ୍ଷକ ନବୀନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଲୋକଙ୍କ ସମସ୍ୟା ଶୁଣିଲେ ଉପଜିଲ୍ଲାପାଳ

ଗାଇସିଲେଟ, ୨।୯ (ସମିସ): ଲୋକଙ୍କ ସମସ୍ୟାକୁ ନିକଟରୁ ଶୁଣି ତାହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେଇ ପ୍ରଶଂସା ସାଉଁଟିଛନ୍ତି ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ। ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଜେନକେଡ଼ାସ୍ଥିତ ଗୋପବନ୍ଧୁ ସେବାଶ୍ରମରେ ଆଜି ଏକ ବିଶେଷ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀ ଭୋଇ ପହଞ୍ଚି ସେଠାରେ ସେବାଶ୍ରମର କର୍ମଚାରୀ ଓ କମିଟି ସଦସ୍ୟମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଆଲୋଚନା ସମୟରେ ସେବାଶ୍ରମ ସମେତ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଲୋକମାନେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଡିଓ ଲକ୍ଷ୍ମଣ ମାଝୀ, ତହସିଲଦାର ନାମ୍ବି ଖାଲଖୋ, ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଉପାଧ୍ୟକ୍ଷା ଯଶୋବନ୍ତି ପ୍ରଧାନ, କଟାବାହାଲ ସରପଞ୍ଚ ଅର୍ପିତା ପଣ୍ଡା, ତାଲପାଲି ସରପଞ୍ଚ ସଞ୍ଜୀବ ସାହୁ, ସମିତି ସଭ୍ୟା ମିନତୀ ମାଝୀ, ୟୁଥ୍ କ୍ଲବ ସଭାପତି ରଞ୍ଜନ ପଣ୍ଡା, ଅନାଦି ସାହୁ, ତେଜରାଜ ସାହୁ, ବିନାୟକ ଗୁରୁ, ଚୈତନ୍ୟ ସାହୁ, ବିପିନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅଞ୍ଚଳବାସୀ ଦୀର୍ଘଦିନ ଧରି ପଡ଼ିରହିଥିବା ତାଲପାଲି ଛକରୁ କଟାବାହାଲକୁ ସଂଯୋଗ କରୁଥିବା ପ୍ରାୟ ୨୦୦ ମିଟର ରାସ୍ତା ସମସ୍ୟା ଉପଜିଲ୍ଲାପାଳଙ୍କ ନଜରକୁ ଆଣିଥିଲେ। ଉପଜିଲ୍ଲାପାଳ ଉକ୍ତ ସ୍ଥାନରେ ପହଞ୍ଚି ରାସ୍ତାର ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ। ତହସିଲଦାରଙ୍କ ସହ ଆଲୋଚନା କରି ରାସ୍ତା ସମସ୍ୟାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଏହାପରେ ତାଲପାଲିସ୍ଥିତ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ଧାନମଣ୍ଡିରେ ବିଦ୍ୟୁତ ସଂଯୋଗ ସମସ୍ୟା ନେଇ ମଧ୍ୟ ଲୋକେ ଉପଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଉପଜିଲ୍ଲାପାଳ ତୁରନ୍ତ ଫୋନ ଯୋଗେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରି ବିଦ୍ୟୁତ ସଂଯୋଗ ପାଇଁ ନିର୍ଦ୍ଦେଶ ଦେଇଥିଲେ।

କବି ଭୋଜରାଜ ବୁଡେକଙ୍କୁ 'ମଧୁମୟ ସାରସ୍ୱତ ସମ୍ମାନ'

ପାଇକମାଲ, ୨।୯ (ସମିସ): ପାଇକମାଲ ବ୍ଲକ ମାଣ୍ଡୋସିଲ ଅଞ୍ଚଳର ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ଶିକ୍ଷକ ଭୋଜରାଜ ବୁଡେକଙ୍କୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ 'ମଧୁମୟ ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲା ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଆୟୋଜିତ ସାରସ୍ୱତ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀ ବୁଡେକ ମାଣ୍ଡୋସିଲ ଅଞ୍ଚଳର ଜଣେ ଜଣାଶୁଣା କବି ଓ ଲେଖକ ଭାବେ ପରିଚିତ। ଶିକ୍ଷକତା ବୃତ୍ତି ସହିତ ସେ ଦୀର୍ଘଦିନ ଧରି ସାହିତ୍ୟ ସାଧନାରେ ନିଜକୁ ନିୟୋଜିତ ରଖିଛନ୍ତି।

ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ଝାରବନ୍ଧ, ୨।୯ (ସମିସ): ଝାରବନ୍ଧ ବ୍ଲକ କଂଗ୍ରେସ କମିଟିର ଆୟୋଜନ କ୍ରମେ ଝାରବନ୍ଧଠାରେ ପୂର୍ବତନ ବିଧାୟକ ସ୍ୱର୍ଗତ ସତ୍ୟଭୂଷଣ ସାହୁଙ୍କ ସ୍ମୃତିରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ଝାରବନ୍ଧ ବ୍ଲକ ସଭାପତି ନରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ବସନ୍ତ ନନ୍ଦ ପରିଚାଳନା କରିଥିଲେ। ମୋହନ ନାୟକ, ବୀରଦୈତ୍ୟ ସାହୁ, ମୋହନ ପ୍ରଧାନ, ଜଗଦୀଶ ସାହୁ, ଗୋବିନ୍ଦ ପଟେଲ, ପୂର୍ବତନ ନଗର ସଭାପତି ଉଦ୍ଧବ ପ୍ରଧାନ, ହରିହର ସାହୁ, ଅଜିତ ପୋଡ଼, ଦୁର୍ଗା ପ୍ରସାଦ ଅଗ୍ରୱାଲ, ରଜନୀକାନ୍ତ ପ୍ରଧାନ, ସାନନ୍ଦ ସାହୁ, ନବୀନ ପ୍ରଧାନଙ୍କ ସମେତ ବହୁ ଅଞ୍ଚଳ ବାସୀ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ବ୍ୟକ୍ତିମାନେ ସ୍ୱର୍ଗତ ସତ୍ୟଭୂଷଣ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ।

ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତା ପାଇଁ ୭ରୁ ଖେଳାଳୀ ଚୟନ

ବରଗଡ଼, ୨।୯ (ସମିସ): ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ହେବାକୁ ଥିବା ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତା ପାଇଁ ବରଗଡ଼ ଜିଲ୍ଲା ଦଳର ଚୟନ ପ୍ରକ୍ରିୟା ଆସନ୍ତା ୭, ୮ ଓ ୯ ତାରିଖ ୩ ଦିନ ଧରି ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଭାଗ ନେବାକୁ ଇଚ୍ଛୁକ ଖେଳାଳୀ ଆଧାର କାର୍ଡ ସହ ୭ ତାରିଖ ସକାଳ ୭ଟାରେ ଷ୍ଟାଡିୟମ୍‌ରେ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଓ ଫୁଟବଲ୍ ସମ୍ପାଦକ ସେକ ସବଦର ଜଣାଇଛନ୍ତି।

ହସ୍ତଶିଳ୍ପୀ ଗୋପାଳକୃଷ୍ଣ ଭୋଇଙ୍କ ଦେହାନ୍ତ



ଅମ୍ବାଭୋନା, ୨।୯ (ସମିସ): କପାଶିରା ଗ୍ରାମର ବିଶିଷ୍ଟ ହସ୍ତଶିଳ୍ପୀ ଗୋପାଳକୃଷ୍ଣ ଭୋଇଙ୍କ ୭୪ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ବର୍ଷଧରି ମଧୁମେହ ରୋଗରେ ପୀଡିତ ଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ମହାଦେବ ଭୋଇଙ୍କ ସେ ଥିଲେ ଜ୍ୟେଷ୍ଠ ସନ୍ତାନ। ଉପାନ୍ତ ଅଞ୍ଚଳରେ ସେ ୧୯୭୦ ମସିହାରେ ପ୍ରଥମେ 'ଜନତା ୱେଲ୍ ବୋରିଂ ୱାର୍କସ୍' ନଳକୂପ ଖନନ କମ୍ପାନୀ ଆରମ୍ଭ କରିଥିଲେ। କପାଶିରା ଗାଁ ପୋଷ୍ଟ ଅଫିସ୍‌ରେ ଶାଖା ଡାକମାଷ୍ଟର ଭାବରେ କାର୍ଯ୍ୟ କରିଥିଲେ। ଏହାସହିତ ଗୋପାଳକୃଷ୍ଣ ଏକଧାରରେ ଜଣେ ପ୍ରବୀଣ ଚିତ୍ରକର, ମୃଣ୍ମୟ ଶିଳ୍ପ କାରିଗର ଥିଲେ। ପଶ୍ଚିମ ଓଡ଼ିଶାର ଏକମାତ୍ର ପଥର ମୂର୍ତ୍ତି ଖୋଦେଇ ହସ୍ତଶିଳ୍ପ କେଦାରନାଥ ଷ୍ଟୋନ୍ କାରଭିଂ ସୋସାଇଟି କପାଶିରାର ସେ ସଭାପତି ଥିଲେ ଏବଂ କପାଶିରାକୁ କ୍ରାଫ୍ଟ ଭିଲେଜ୍ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ଯୁବସ୍ଥପତି ଅମୂଲ୍ୟ ଭୋଇ ତାଙ୍କ କନିଷ୍ଠ ପୁତ୍ର। ତାଙ୍କ ଜ୍ୟେଷ୍ଠପୁତ୍ର କୃପାସିନ୍ଧୁ ଭୋଇ ମୁଖାଗ୍ନି ଦେଇଥିଲେ। ଅନ୍ତ୍ୟେଷ୍ଟିରେ ବ୍ଲକ ଚେୟାରମେନ୍ କୀର୍ତ୍ତି ଚନ୍ଦ୍ର ଦୁଆନ, ଡ. ନେପାଳ ପ୍ରଧାନ, ସୁରେନ୍ଦ୍ର ଦେହେରୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜନତା ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ସୁବାସ ଦେହେରୀ, ସଂକୀର୍ତ୍ତନ ଗୁରୁ ପ୍ରସନ୍ନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

ଅଞ୍ଚଳ ମହାବିଦ୍ୟାଳୟରେ 'ସଂସ୍କୃତ ସପ୍ତାହ' ଉଦ୍‌ଯାପିତ

ପଦ୍ମପୁର, ୨।୯ (ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରଠାରେ ଅଗଷ୍ଟ ୨୫ରୁ ଆରମ୍ଭ ହୋଇଥିବା 'ସଂସ୍କୃତ ସପ୍ତାହ' ସମାରୋହ ଅଗଷ୍ଟ ୩୧ରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଦିଗମ୍ବର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସେ ନିଜର ବକ୍ତବ୍ୟ ରଖି କହିଥିଲେ ଯେ 'ସଂସ୍କୃତ କେବଳ ଏକ ଭାଷା ନୁହେଁ, ଏହା ହେଉଛି ଭାରତୀୟ ଜୀବନ ଦର୍ଶନ, ସଂସ୍କାର ଏବଂ ସମୃଦ୍ଧ ସଭ୍ୟତାର ପ୍ରାଣକେନ୍ଦ୍ର। ଆଧୁନିକ ଯୁଗରେ ସଂସ୍କୃତର ଜ୍ଞାନ ହିଁ ଯୁବପିଢ଼ିଙ୍କୁ ଚରିତ୍ରବାନ, ଆଦର୍ଶବାନ ଏବଂ ସଂସ୍କାରିତ ନାଗରିକ ଭାବେ ଗଢ଼ି ତୋଳିବାରେ ମାର୍ଗଦର୍ଶନ କରିପାରିବ। ସଂସ୍କୃତ ବିଭାଗର ପ୍ରାଧ୍ୟାପକ ପ୍ରଭାତ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଂଯୋଜନାରେ ସପ୍ତାହବ୍ୟାପୀ ବିଭିନ୍ନ ପ୍ରତିଯୋଗିତା ଓ ଆଲୋଚନାଚକ୍ର ସଫଳତାର ସହ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

ବିଭିନ୍ନ ବ୍ଲକ୍‌ରେ ସାଇନିଂ ଷ୍ଟାର୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଗାଇସିଲେଟ, ୨।୯ (ସମିସ)

ଗାଇସିଲେଟ ବ୍ଲକ ସାଇନିଂ ଷ୍ଟାର କାର୍ଯ୍ୟକ୍ରମ ପିଏମଶ୍ରୀ ନୋଡାଲ ହାଇସ୍କୁଲ ଗାଇସିଲେଟ ଠାରେ ଶୁଭାରମ୍ଭ ହୋଇଛି। ପ୍ରଧାନ ଶିକ୍ଷକ ଅନିଲ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଘାସିରାମ ଭୋଇ ଓ ଜିଲ୍ଲା ସାଧନ କର୍ମୀ ମୋହନ ରଣା ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ୨୭ ଜଣ ସାଧନକର୍ମୀ ତଥା ପ୍ରବେଶିକା ପରୀକ୍ଷାରେ ଚୟନ ହୋଇଥିବା ସମସ୍ତ ୫୦ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ।

ଝାରବନ୍ଧ: ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଝାରବନ୍ଧ ପରିସରରେ ଝାରବନ୍ଧ ବ୍ଲକସ୍ତରୀୟ ସାଇନିଂ ଷ୍ଟାର୍ କର୍ମଶାଳା ସ୍ଥାନୀୟ ପ୍ରଧାନ ଶିକ୍ଷକ କିଶୋର କୁମାର ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ଭୋଇ ଯୋଗ ଦେଇଥିଲେ। ଜିଲ୍ଲା ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ନନ୍ଦଲାଲ ନାୟକ ଉପସ୍ଥିତ ଥିବାବେଳେ ଗଣିତ ଶିକ୍ଷକ ଆଲୋକ କୁମାର ପଧାନ ମଞ୍ଚ ପରିଚାଳନା କରିଥିଲେ।

ଅମ୍ବାଭୋନା: ଅମ୍ବାଭୋନା କେଦାରନାଥ ଆଦିବାସୀ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ 'ସାଇନିଂ ଷ୍ଟାର' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ପ୍ରଧାନଶିକ୍ଷକ ସୁବାସ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ ଭାବନା ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲ୍ଲା ସାଧନକର୍ମୀ ଅଗସ୍ତି ପ୍ରଧାନ, ବୃନ୍ଦାବନ ଠେଠୁଆର, ସୁରେନ୍ଦ୍ର ଲୁହା, ମନୋଜ ସାହୁ, ଯୋଗେଶ କୁମାର ପ୍ରଧାନଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ସାଧନକର୍ମୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମନୋହର ସାହୁ ଓ ପ୍ରସନ୍ନ ଭୋଇ ସଂଯୋଜନା କରିଥିବା ବେଳେ ସିଆରସିସି ସନ୍ତୋଷ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିନରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୦ ଜଣ ଛାତ୍ରଛାତ୍ରୀ ପାଠପଢ଼ିଥିଲେ।

ପାଇକମାଲ: ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସାଇନିଂ ଷ୍ଟାର ପ୍ରବେଶିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚକାମନ ସୁନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୩୨ ଜଣ ଛାତ୍ରଛାତ୍ରୀ ଓ ୩୨ ଜଣ ଅଭିଭାବକଙ୍କ ସମେତ ୨୦ ଜଣ ବ୍ଲକ ସାଧନ କର୍ମୀ ଓ ୨ ଜଣ ଜିଲ୍ଲା ସାଧନକର୍ମୀ ଅଂଶଗ୍ରହଣ କରିଥିଲେ। ଶେଷରେ ବବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

ଘେଁସ, ୨।୯ (ସମିସ): ଘେଁସ, ବଡ଼ଜୋର ପେଟୁପାଲି ମଧ୍ୟସ୍ଥ ବରଛକ ଭାଗବତ ଗାଦିରେ ଆଞ୍ଚଳିକ ସତସଙ୍ଗ ଗୋଷ୍ଠୀ ତଥା ଶ୍ରୀକୃଷ୍ଣ ଭାଗବତ ଟୁଙ୍ଗି ପକ୍ଷରୁ ଭାଗବତ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିଳେଇମାଲ ନିବାସୀ କୈଳାସ ସାହୁ ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇ ଥିବାବେଳେ ପଣ୍ଡିତ ବାଚସ୍ପତି ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ୨୩ ଖଣ୍ଡ ଗ୍ରାମ ର ଭକ୍ତ ମାନେ ଉପସ୍ଥିତ ରହି ହୋମ, ଯଜ୍ଞ, ପୂଜା ଅର୍ଚ୍ଚନା ସହିତ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ସମାପନ କରିଥିଲେ। କେରମେଲୀ ନିବାସୀ ବନିତା ପଧାନ ଭାଗବତ ପାରାୟଣ କରିବା ସହିତ ବକ୍ତବ୍ୟ ମଧ୍ୟ ପ୍ରଦାନ କରିଥିଲେ। ଉକ୍ତ ଭାଗବତ ସଭାରେ ଗଜରାଜ ମେହେର ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ବକ୍ତା ବ୍ୟାସଦେବ ମହାରାଜ (ସୋନପୁର, ଗୁଳିହା ପଦର), ପ୍ରବଚିକା ସଙ୍ଗୀତା ମହାପାତ୍ର (ମଳମଣ୍ଡା), ପ୍ରବଚକ ସାର୍ବେଶ୍ୱର ବାରିକ (କୁଆମନିଆ) ତାଙ୍କରି ବକ୍ତବ୍ୟ ମାନ ପ୍ରଦାନ କରିଥିଲେ।

● ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଅମଠି ଜୋନ୍ ଛାତ୍ରଛାତ୍ରୀଙ୍କ ସଫଳତା

ଝାରବନ୍ଧ, ୨।୯ (ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକସ୍ତରୀୟ ୧୪ ବର୍ଷରୁ କମ୍ ବୟସ ବର୍ଗର ଯୋଗ ପ୍ରତିଯୋଗିତାରେ ବୈତାଲି କ୍ଲଷ୍ଟର ତଥା ଅମଠି ଜୋନର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ବିଭାଗରେ ବୈତାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସମୀର ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ଏହି ସଫଳତା ପାଇଁ ବୈତାଲି କ୍ଲଷ୍ଟର ସିଆରସିସି ଦିବସ କୁମାର ସାହୁ ବିଦ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ସେହିପରି ଡୁମୁରିପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆଦିତ୍ୟ ଜଗତ ତୃତୀୟ ସ୍ଥାନ ଅର୍ଜନ କରିଛନ୍ତି। ବାଳିକା ବିଭାଗରେ ପୁଟୁକିଡୁଙ୍ଗୁରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସ୍ନେହା ନାଏକ ଦ୍ୱିତୀୟ ସ୍ଥାନ ଏବଂ ସଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ନବ୍ୟା ପାଣ୍ଡେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବୈତାଲି କ୍ଲଷ୍ଟର ତଥା ଅମଠି ଜୋନର ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ସିଆରସିସି ବିଷ୍ଣୁ ଚରଣ ସାହୁ, କ୍ରୀଡ଼ା ଶିକ୍ଷକ ଯୋଗେନ୍ଦ୍ର ପ୍ରଧାନ, ଉଜଳ ନାୟକ, ଆକାଶ ମାହାର, ଅମିତା ନାଏକ, ଶିକ୍ଷକ ଜଗନ୍ନାଥ ପ୍ରଧାନ, ଜୟଦେବ ପ୍ରଧାନ, ଲକ୍ଷ୍ମୀକାନ୍ତ ରଣା ଓ ମହେନ୍ଦ୍ର ବାରିକ ପ୍ରମୁଖ ଖୁସି ପ୍ରକାଶ କରିଛନ୍ତି।

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

'ସାମ୍ପ୍ରତିକ ସ୍ଥିତିରେ ସରଳ ଓ ସହଜ ହେବା ସବୁଠାରୁ ଜଟିଳ'

ଭବାନୀପାଟଣା, ୧।୯ (ସମିସ)

ଭବାନୀପାଟଣା ସ୍ଥିତ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳନ ହୋଇଯାଇଛି। ଏଥିରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଆମେ ଏମିତି ଘଡିସନ୍ଧିମୂହୁର୍ତ୍ତରେ ଗତି କରୁଛୁ ଯେ ଜଣେ ଚାହିଁଲେ ମଧ୍ୟ ସହଜ ଓ ସରଳ ହେବା ସବୁଠାରୁ ଜଟିଳ। କିନ୍ତୁ ଆଜିର ଛାତ୍ର ସମାଜ ନିଜ ଭାଗ୍ୟ ନିର୍ମାଣ କରିବା ସହିତ ଅନ୍ୟକୁ ନିଯୁକ୍ତି ଦେଇ ଭାଗ୍ୟ ବଦଳାଇବାର କୌଶଳକୁ ଆପଣେଇବାକୁ ଦରକାର। ଆକୃତିରେ ନୁହେଁ ଭଲ ପ୍ରକୃତିର ମଣିଷ ହୋଇପାରିଲେ ବିଶ୍ୱବିଦ୍ୟାଳୟର ଉଦ୍ଦେଶ୍ୟ ଚରିତାର୍ଥ ହେବବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ। ଏହି କଥା

କଳାହାଣ୍ଡିର ସ୍ୱତନ୍ତ୍ର ପରିଚୟ ଆତ୍ମୀୟତା ଓ ମିତ୍ରତା

ମଧ୍ୟ କହିଥିଲେ ବିଶୁଦ୍ଧ ଆତ୍ମୀୟତା ଓ ମିତ୍ରତା କଳାହାଣ୍ଡି ମାଟିର ଭିନ୍ନ ଏକ ପରିଚୟ। ମୁଖ୍ୟଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥିଭାବେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ କେଏପିସି ଓ ଆଇଇସିର ଅଧ୍ୟକ୍ଷ ଅବସରପ୍ରାପ୍ତ ଆଇଏଏସ ଡ. ଅଶୋକ କୁମାର ଦଲଓ୍ୱାଇ ଯୋଗଦେଇ ଥିଲେ। ଆରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରିବା ପାଇଁ ଛାତ୍ରୀଛାତ୍ର ମାନେ ଘୁମୁରା ନୃତ୍ୟ ପରିବେଷଣ କରିଥିଲେ। ପରେ କୁଳସଚିବ ଡ. ଗୁଣନିଧି ନାୟକ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଅଗ୍ରୱାଲ ନିଜ ବକ୍ତବ୍ୟରେ ବିଶ୍ୱବିଦ୍ୟାଳୟର ସଫଳତା ଏବଂ ଛାତ୍ରୀଛାତ୍ରଙ୍କ ପାଇଁ 'ହାବସପୁରୀ' ହସ୍ତତନ୍ତ ଉପରେ ଏକ ନୂତନ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ବିଷୟରେ ଉଲ୍ଲେଖ କରିଥିଲେ। ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବା ପାଇଁ ନୂତନ କେନ୍ଦ୍ରୀୟ ମୂଲ୍ୟାୟନ ବ୍ୟବସ୍ଥା ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ସେହିପରି କେଏପିସି ଓ ଆଇଇସିର ଅଧ୍ୟକ୍ଷ ଡ. ଦଲଓ୍ୱାଇ ପ୍ରତିଷ୍ଠା ଦିବସର ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସେ ୧୯୯୦ ଦଶକରେ କଳାହାଣ୍ଡି ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ସମୟର ନିଜର ଅନୁଭୂତି ବାଣ୍ଟିଥିଲେ। ଏହି ପ୍ରତିଷ୍ଠା ଦିବସ ସମାରୋହରେ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ର ସଦସ୍ୟ, ଅବସରପ୍ରାପ୍ତ ଅଧ୍ୟକ୍ଷ, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ, ଅଧ୍ୟୟନରତ ଛାତ୍ରୀଛାତ୍ର, ଅବସରପ୍ରାପ୍ତ ସରକାରୀ ଅଧିକାରୀ ଏବଂ ମାନଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଇତିହାସ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାଶ ସଭା ପରିଚାଳନା କରିଥିବାବେଳେ ଉପ-କୁଳସଚିବ ମେଜର ଡ. ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାଳବିକା ଦେବୀଙ୍କ ଦ୍ୱାରା ୩ଶହ ସିଟ୍ ବିଶିଷ୍ଟ ଉତ୍ତେଇ ବାଳିକା ହଷ୍ଟେଲର ଉଦ୍‌ଘାଟନ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

ଚିକିତ୍ସା ଅବହେଳାରୁ ନବଜାତ ଶିଶୁର ମୃତ୍ୟୁ ଅଭିଯୋଗ

ଭବାନୀପାଟଣା, ୧।୯ (ସମିସ): ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁର ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ସୋମବାର ରାତିରେ ଚିକିତ୍ସା ଅବହେଳାରୁ ଜଣେ ନବଜାତ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣା ନେଇ ମୃତକଙ୍କ ପରିବାର ଲୋକେ ପ୍ରତିବାଦ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ପରେ ଖବର ପାଇ ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ବୁଝାସୁଝା ପରେ ପରିସ୍ଥିତି ସ୍ୱାଭାବିକ୍ ହୋଇଥିଲା। ସୂଚନା ଅନୁସାରେ, କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଥାନା ଅଧୀନ ପ୍ରତାପପୁର ଗ୍ରାମର ମାର୍କଣ୍ଡ ବରଗ୍ଡାଙ୍କ ପତ୍ନୀଙ୍କୁ ପ୍ରସବ ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ପରେ ସେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ତେବେ ଶିଶୁ ଜନ୍ମ ହେବା ପରେ ତା'ର ସ୍ୱାସ୍ଥ୍ୟାବସ୍ଥା ନେଇ ମେଡିକାଲ ପକ୍ଷରୁ ଆବଶ୍ୟକ ଚିକିତ୍ସା ମିଳିପାରି ନ ଥିଲାବୋଲି କୁହାଯାଇଛି। ଚିକିତ୍ସା ପାଇଁ ଦୀର୍ଘ ସମୟ ଧରି ନବଜାତ ଶିଶୁକୁ କୋଳରେ ଧରି ପରିବାରଲୋକେ ଅପେକ୍ଷା କରିଥିଲେ ବି ଡାକ୍ତର ତାକୁ ଦେଖି ନ ଥିଲେ। ପରେ ଶିଶୁର ସ୍ଥିତି ଜଟିଳ ହେବାରୁ ତାକୁ ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ କେନ୍ଦ୍ର (ଏସଏନସିୟୁ) କୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ତେବେ ଓଟି (ଅପ୍ରେସନ ଥିଏଟର) ରିପୋର୍ଟ ଦିଆଯାଇ ନ ଥିବାରୁ ଶିଶୁକୁ ଏସ୍ଏନ୍ସିୟୁ ଆଡମିଟ୍ କରାଯାଇ ନ ଥିଲା। ଯାହାର କିଛି ସମୟ ପରେ ନବଜାତ ଶିଶୁର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ହୋଇଥିବା ମୃତକଙ୍କ ବାପା ମାର୍କଣ୍ଡ ବରଗ୍ଡା ଓ ମାମୁ ଘନଶ୍ୟାମ ଗଉଡ଼ ଅଭିଯୋଗ ଆଣିଛନ୍ତି। ସେହିପରି ଚିକିତ୍ସାରେ ଅବହେଳା କରି ଥିବା ଡାକ୍ତରଙ୍କ ବିରୋଧରେ ତଦନ୍ତ କରାଯାଇ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ହରେକୃଷ୍ଣ ଶତପଥୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।

ପଏର ଗାଁରେ ଗୁଳି ଫୁଟିବା ଘଟଣା ; ୪ ଗିରଫ, ବନ୍ଧୁକ ଓ ଗୁଳି ଜବତ

କୋମନା, ୧।୯ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ପଏର ଗାଁରେ ଗୁଳିକାଣ୍ଡ ଘଟଣାରେ ପୁଲିସ ୪ ଜଣକୁ ଗିରଫ କରିଛି। କୋମନା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗୁଜୁରାଟର ଜାମନଗରରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ଗୋଟିଏ ଅଫୁଟା ଗୁଳି ଓ ଗୋଟିଏ ଖୋକା ଜବତ କରିଛି। ୪ ଅଭିଯୁକ୍ତମାନେ ହେଲେ ମନ ଶବର, ଆସିକ୍ ଶବର, ରମେଶ ଶବର ଓ ସୂରଜ କୈବର୍ତ୍ତ। ସୂଚନା ଅନୁସାରେ, ଗତ ଜୁଲାଇ ୨୦ତାରିଖ ସନ୍ଧ୍ୟାରେ ପଏର ଗାଁର କେମନ୍ତ ନାଗ

ନିଜଘରେ ପରିବାର ସହ ଥିବାବେଳେ ୪ ଜଣ ଯୁବକ ତାଙ୍କ ଘରକୁ ପଶିଥିଲେ। କେମନ୍ତଙ୍କ ଛାତିରେ ପିସ୍ତଲ ରଖି ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ପରେ ଦୁଇଜଣଙ୍କୁ ଛଡ଼ାଇ ଆସିଥିବା କେମନ୍ତଙ୍କ କାକା ତ୍ରିଲୋଚନଙ୍କୁ ମଧ୍ୟ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏହାପରେ ଏକ ଫାଙ୍କା ଗୁଳି ଚାଳନା କରିଥିଲେ। ଏହାଏକ ପ୍ରେମ ବ୍ୟାପାରକୁ ନେଇ ଫାଙ୍କା ଗୁଳିଚାଳନା ହୋଇ ଥିବା ଅଭିଯୋଗ ହୋଇଥିଲା। ଜୀବନକୁ ଭୟ ଥିବାରୁ ଘଟଣାର ୨ ଦିନ ପରେ କେମନ୍ତ ନାଗ କୋମନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୋମନା ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

ଶ୍ରୀସାଇ କଲେଜରେ ଗଙ୍ଗାଧର ମେହେର ଜୟନ୍ତୀ

କୋମନା, ୧।୯ (ସମିସ): କୋମନା ବ୍ଲକ କୁରୁମପୁରିସ୍ଥିତ ଶ୍ରୀ ସାଇ କଲେଜ ପରିସରରେ ଓଡ଼ିଆ ବିଭାଗ ତରଫରୁ ମହାନ କବି, ସାହିତ୍ୟିକ ତଥା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ଅଶୋକ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, କବି ଗଙ୍ଗାଧର ମେହେର ଥିଲେ ଓଡ଼ିଶାର କାଳିଦାସ। ତାଙ୍କ ସାହିତ୍ୟରେ ପ୍ରକୃତି, ପ୍ରେମ, ମାନବିକତା, ସାମାଜିକ ଚେତନା ଓ ଓଡ଼ିଆ ମାଟିର ମହକ ସ୍ପଷ୍ଟ

ଭାବେ ପ୍ରତିଫଳିତ ହୋଇଛି। ଏହି ଅବସରରେ ସମାଜସେବୀ ଯାଜ୍ଞସେନୀ ମହାପାତ୍ର ଏବଂ ସମାଜସେବୀ ପ୍ରତିଭା ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଙ୍ଗାଧର ମେହେରଙ୍କ ଜୀବନାଦର୍ଶ ଓ ସାହିତ୍ୟିକ ଚେତନା ଉପରେ ଆଲୋକପାତ କରିଥିଲେ। ସେମାନେ ଛାତ୍ରଛାତ୍ରୀମାନେ ଗଙ୍ଗାଧରଙ୍କ ସାହିତ୍ୟ ପଢ଼ି ତାଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଜଗନ୍ନାଥ ଫାର୍ମାସୀ କଲେଜର ଅଧ୍ୟକ୍ଷ ଡ. ସଚିନନ୍ଦନ ଦାସ ମଧ୍ୟ ଅତିଥି ଭାବେ ଯୋଗଦେଇ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟିକ ଅବଦାନ ଓ ଓଡ଼ିଆ ଭାଷା ପ୍ରତି ତାଙ୍କର ଅନନ୍ୟ ଭଲପାଇବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରକ୍ଷାବନ୍ଧନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଓଡ଼ିଆ ଅଧ୍ୟାପିକା ପ୍ରିୟମ୍ବଦା ବିଶି ପରିଚାଳନା କରିଥିବାବେଳେ ଅଧ୍ୟାପିକା ତପସ୍ୱିନୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

ସମାଜସେବା ପାଇଁ ଅର୍ଣ୍ଣବ ଶଙ୍କର ଦାସ ସମ୍ମାନିତ

ଖଡ଼ିଆଳ, ୧।୯ (ସମିସ): ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ଜନକଲ୍ୟାଣ ପାଇଁ ନିରନ୍ତର ଅବଦାନ ରଖିଥିବା ଡାକ୍ତର ଅର୍ଣ୍ଣବ ଶଙ୍କର ଦାସଙ୍କୁ ଖଡ଼ିଆଳ ଏନ୍ଏସି ପକ୍ଷରୁ ସମ୍ମାନିତ କରାଯାଇଛି। ସ୍ୱାୟତ୍ତ ଶାସନ ଦିବସ ଅବସରରେ ଆୟୋଜିତ ସମ୍ମିଳନୀରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଡାକ୍ତର ଦାସ ଚିକିତ୍ସା ସେବା ସହ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଜନସେବା କାର୍ଯ୍ୟ କରିଆସୁଥିବାରୁ ତାଙ୍କର ଅବଦାନକୁ ଏନ୍ଏସି ପକ୍ଷରୁ ପ୍ରଶଂସା କରାଯାଇଥିଲା। ସମାଜର ଆବଶ୍ୟକତା ସମୟରେ ସହଯୋଗର ହାତ ବଢ଼ାଇବା ସହ ଜନସାଧାରଣଙ୍କ ସେବା ପ୍ରତି ତାଙ୍କର ନିଷ୍ଠା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ଏନଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଓ ଉପାଧ୍ୟକ୍ଷା କାଉନସିଲର ମାନେ ମତପ୍ରକାଶ କରିଥିଲେ।

ନୂତନ କୋଠାକୁ ସ୍ଥାନାନ୍ତର ହେଲା କେନ୍ଦ୍ରୀୟ ବିଦ୍ୟାଳୟ

ଖଡ଼ିଆଳ, ୧।୯ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟ ନିଜସ୍ୱ ନୂତନ ସ୍କୁଲ ବିଲ୍ଡିଂକୁ ସ୍ଥାନାନ୍ତରିତ ହୋଇଛି। ଏହି ଅବସରରେ ସୋମବାର ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମଧୁସୂଦନ ଦାସ ଏଥିରେ ଯୋଗଦେଇ କହିଥିଲେ ଯେ, ଜିଲ୍ଲାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଏକ ମାଇଲଖୁଣ୍ଟ ସଦୃଶ। ନୂତନ ପରିବେଶରେ ଛାତ୍ରଛାତ୍ରୀମାନେ ନୂଆ ଆଶା ଓ ଆକାଂକ୍ଷା ନେଇ ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଚଳିତବର୍ଷ ଜାନୁଆରୀ ୨ ତାରିଖରେ ନୂଆପଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ନୂତନ ବିଲ୍ଡିଂକୁ ସ୍ଥାନାନ୍ତର ହୋଇଥିବାବେଳେ ସେପ୍ଟେମ୍ବର ୧ ତାରିଖରେ ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟ ନୂତନ ବିଲ୍ଡିଂକୁ ସ୍ଥାନାନ୍ତର ହେବା ନିଶ୍ଚିତ ଭାବେ ଏକ ଖୁସି ଓ ଗର୍ବର ବିଷୟ ବୋଲି ସେ କହିଥିଲେ। ନୂତନ ସ୍କୁଲ ବିଲ୍ଡିଂରେ ଶିକ୍ଷାଦାନ ବ୍ୟବସ୍ଥା ଅଧିକ ଉନ୍ନତ ହେବାସହ ଆବଶ୍ୟକ ଆନୁଷଙ୍ଗିକ ସୁବିଧା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ପ୍ରତି ଅଧିକ ରୁଚି ଓ ଆଗ୍ରହ ସୃଷ୍ଟି କରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

ଏହି ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ନାମିତ ଅଧ୍ୟକ୍ଷ ନରସିଂହ ଗଡ଼ବା, ଖଡ଼ିଆଳ ବିଡିଓ ମିଳନ କୁମାର ଝଙ୍କାର, ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଏବଂ ବରିଷ୍ଠ ସାମ୍ବାଦିକ ତପନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଭଡ଼ାଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର; ନୂତନ କେନ୍ଦ୍ର ନିର୍ମାଣ ଦାବି

କୋକସରା, ୧।୯ (ସମିସ): ଗ୍ରାମାଞ୍ଚଳରେ କୋମଳମତି ଶିଶୁମାନଙ୍କୁ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ସହ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ଏବଂ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ସ୍ୱାସ୍ଥ୍ୟସେବା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ

କାର୍ଯ୍ୟକାରୀ କରୁଛନ୍ତି। ମାତ୍ର କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ଅଧୀନ ଭାଲିଆଯୋର ଗ୍ରାମରେ ଏହି ଯୋଜନାର ଏକ ନିରାଶାଜନକ ଚିତ୍ର ସାମ୍ନାକୁ ଆସିଛି। ନିଜସ୍ୱ ଗୃହ ଅଭାବରୁ ଏଠାରେ ଦୀର୍ଘ ଦିନ ହେବ ଏକ ସଙ୍କୁଚିତ ଭଡ଼ା ଘରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ୧୯୮୪-୮୫ ମସିହାରେ ସରକାରଙ୍କ ପକ୍ଷରୁ ଭାଲିଆଯୋର ଗ୍ରାମର ଏକ ସରକାରୀ ଜମିରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରାଯାଇ ଦୀର୍ଘ ବର୍ଷ ଧରି ସେବା ଯୋଗାଇ ଦିଆଯାଉଥିଲା। ତେବେ ଗତବର୍ଷ ଉକ୍ତ ଜାଗାଟି ଜଣେ ସ୍ଥାନୀୟ ବ୍ୟକ୍ତିଙ୍କ ରୟତି (ନିଜସ୍ୱ) ଜମି ବୋଲି ଚିହ୍ନଟ ହେବା ପରେ, ସମ୍ପୃକ୍ତ ବ୍ୟକ୍ତିଜଣକ କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଗ୍ରାମବାସୀଙ୍କ ବାରମ୍ବାର ବୁଝାସୁଝା ଲଢ଼େଇ ସେ ଜମି ଛାଡ଼ିବାକୁ ନାରାଜ ହେବାରୁ ପିଲାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ଶିଶୁଙ୍କ ପାଠପଢ଼ା ଜାରି ରଖିବା ପାଇଁ ବାଧ୍ୟ ହୋଇ ଗ୍ରାମର ଏକ କ୍ଷୁଦ୍ର ଭଡ଼ା କୋଠରୀରେ କେନ୍ଦ୍ର ଚଳାଯାଉଛି। ମାତ୍ର ଏହି ଛୋଟ ଘରଟିରେ ଶିଶୁମାନଙ୍କ ଖେଳକୁଦ ଓ ପାଠପଢ଼ାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏହାସହିତ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ଟିକାକରଣ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପୋଷକ ଖାଦ୍ୟ ବଣ୍ଟନରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଗ୍ରାମରେ ଏକ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଗ୍ରାମବାସୀ ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଦାବି କରିଆସୁଥିଲେ ବି ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ନୂତନ ଗୃହ ନିର୍ମାଣ ପାଇଁ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

କୋମନା, ୧।୯ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ରଜନା ପଞ୍ଚାୟତର ବେଲଗାଁ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ଘର ଛାତ ଉପରେ କାମ କରୁଥିବା ସମୟରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ୨୦ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବେଲଗାଁ ଗ୍ରାମର ଦେବାରଚନ ହରିଜନ। ସୂଚନା ଅନୁସାରେ, ଦେବାରଚନ ହରିଜନ ସୋମବାର ସକାଳେ ନିଜଘର ଛାତ ଉପରେ କାମ କରୁଥିଲେ। କାମ କରୁଥିବା ସମୟରେ ଘର ନିକଟ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସହ ହଠାତ୍ ତାଙ୍କର ସଂସ୍ପର୍ଶ ଘଟିଥିଲା। ଫଳରେ ସେ ବିଦ୍ୟୁତ୍ ଆଘାତ ପାଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଭେଲାଇସ୍ଥିତ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ପରୀକ୍ଷା କରି ଦେବାରଚନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ବେଲଗାଁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଘଟଣା ସମ୍ପର୍କରେ ଖବର ପାଇ କୋମନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ବିଦ୍ୟୁତ୍ ତାରର ସ୍ଥିତି ଓ ଘଟଣାର ପ୍ରକୃତ କାରଣ ସମ୍ପର୍କରେ ମଧ୍ୟ ତଦନ୍ତ କରାଯାଉଛି।

ଟ୍ରକ୍ ଧକ୍କାରେ ସାଇକଲ ଆରୋହୀ ମୃତ

ଜୁନାଗଡ଼, ୧।୯ (ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ତହସିଲ ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ସାଇକଲ ଆରୋହୀଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବୃଦ୍ଧ ଜଣକ ସାଇକଲରେ ତହସିଲ ଛକ ଦେଇ ଯାଉଥିବାବେଳେ ଏକ ଟ୍ରକ ତାଙ୍କ ଉପରେ ମାଡ଼ି ଯାଇଥିଲା। ଖବରପାଇ ଜୁନାଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍କୁ ଜବତ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ନିଷିଦ୍ଧ ପ୍ଲାଷ୍ଟିକ୍ ବିରୋଧରେ କଡ଼ା ପଦକ୍ଷେପ; ୩.୪୩ ଲକ୍ଷ ଟଙ୍କା ଜରିମାନା ଆଦାୟ

ସିନାପାଲି, ୧।୯ (ସମିସ): ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା 'ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ (ଏସ୍ୟୁପି) ମୁକ୍ତ ନୂଆପଡ଼ା ଅଭିଯାନ' ଅଧୀନରେ ଅଗଷ୍ଟ ମାସରେ ସ୍ୱଚ୍ଛ ଟିମ୍ ପକ୍ଷରୁ ବ୍ୟାପକ ସଚେତନତା, ସ୍ୱଚ୍ଛତା ଓ ଏନ୍ଫୋର୍ସମେଣ୍ଟ କାର୍ଯ୍ୟକ୍ରମ କରାଯାଇଛି। ଅଗଷ୍ଟ ମାସରେ ଜିଲ୍ଲାର ବିଭିନ୍ନ ବ୍ଲକ, ଏନ୍ଏସି ଓ ସାର୍ବଜନୀନ ସ୍ଥାନରେ ସ୍ୱଚ୍ଛ ଟିମ୍‌ଗୁଡ଼ିକ ୧୯୦ଟି ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ସ୍କୁଲ, କଲେଜ, ଅଙ୍ଗନବାଡ଼ି କେନ୍ଦ୍ର, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ ପ୍ଲାଷ୍ଟିକ୍ର କୁପ୍ରଭାବ ଏବଂ ପରିବେଶ ଅନୁକୂଳ ବିକଳ୍ପ ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି। ଏଥିସହ ୧୩୭ଟି ପ୍ଲାଷ୍ଟିକ୍ ଆବର୍ଜନା ପ୍ରବଣ ସ୍ଥାନ ସଫା କରାଯାଇଛି। ସ୍ୱଚ୍ଛତା ଅଭିଯାନ ସମୟରେ ମୋଟ ୨୪, ୪୮୫ କିଲୋଗ୍ରାମ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ କରାଯାଇଛି। ଏଥିମଧ୍ୟରୁ ଖରିଆର ରୋଡ୍ ଏନ୍ଏସି ଅଞ୍ଚଳରୁ ୧୧, ୭୫୦ କିଲୋଗ୍ରାମ ଏବଂ ଖରିଆର ଏନ୍ଏସିରୁ ୬, ୮୦୦ କିଲୋଗ୍ରାମ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ ହୋଇଛି। ପ୍ଲାଷ୍ଟିକ୍ ଆବର୍ଜନାର ଉତ୍ସସ୍ଥଳରେ ନିୟନ୍ତ୍ରଣ, ସଂଗ୍ରହ ଓ ସଠିକ୍ ପରିଚାଳନା ଉପରେ ମଧ୍ୟ ଟିମ୍ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ନିଷିଦ୍ଧ ଏସ୍ୟୁପି ବିରୋଧରେ ଏନ୍ଫୋର୍ସମେଣ୍ଟକୁ ଅଧିକ କଡ଼ା କରାଯାଇଛି। ଅଗଷ୍ଟ ମାସରେ ୧, ୨୧୧.୫ କିଲୋଗ୍ରାମ ନିଷିଦ୍ଧ ଏସ୍ୟୁପି ଜବତ କରାଯାଇଥିବାବେଳେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟ ୩, ୪୩, ୮୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ନୂଆପଡ଼ା ବ୍ଲକରେ ୨, ୪୮, ୩୦୦ ଟଙ୍କା ଏବଂ କୋମନା ବ୍ଲକରେ ୭୨, ୨୫୦ ଟଙ୍କା ଜରିମାନା ଆଦାୟ ହୋଇଛି। ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନରେ ମଧ୍ୟ ନିୟମିତ ଯାଞ୍ଚ କରାଯାଇଛି। ମୋଟ ୬୮୨ଟି ଦୋକାନ, ଷ୍ଟକିଷ୍ଟ ଓ ମାର୍କେଟ୍ ପରିଦର୍ଶନ କରାଯାଇ ବ୍ୟବସାୟୀମାନଙ୍କୁ ନିଷିଦ୍ଧ ପ୍ଲାଷ୍ଟିକ୍ ପରିବର୍ତ୍ତେ କପଡ଼ା ବ୍ୟାଗ୍, ଖଲି, ଦୋନା ଭଳି ପରିବେଶ ଅନୁକୂଳ ବିକଳ୍ପ ଗ୍ରହଣ କରିବାକୁ ସଚେତନ କରାଯାଇଛି।

ସେଣ୍ଟ୍ରିଂ ଖୋଲୁଥିବାବେଳେ ଚାପି ହୋଇ ଶ୍ରମିକ ମୃତ

ଖଡ଼ିଆଳ, ୧।୯ (ସମିସ): ନୂତନ ଗୃହନିର୍ମାଣ କାର୍ଯ୍ୟରେ ପାହାଚ ସେଣ୍ଟ୍ରିଂ ଖୋଲୁଥିବାବେଳେ ସେଣ୍ଟ୍ରିଂ ତଳେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଖଡ଼ିଆଳ ୱାର୍ଡ ନଂ-୧୧ ପୁଟୁପଡ଼ାର ହୃଷିକେଶ ଶବର (୩୮)। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସକାଳେ ଖଡ଼ିଆଳ ଥାନା ଅଧୀନ ଚନାବେଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ନିର୍ମାଣ କାର୍ଯ୍ୟରେ ହୃଷିକେଶ ଶ୍ରମିକ ଭାବେ କାମ କରୁଥିଲେ। ସେ ପାହୁଚର ସେଣ୍ଟ୍ରିଂ ଖୋଲୁଥିବା ସମୟରେ ହଠାତ୍ ସେଣ୍ଟ୍ରିଂ ଭୁଶୁଡ଼ି ତାଙ୍କ ଉପରେ ପଡ଼ି ଯାଇଥିଲା। ଘଟଣା ପରେ ଖଡ଼ିଆଳ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହୃଷିକେଶଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ହୃଷିକେଶଙ୍କ ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ସ୍ତ୍ରୀ ସବିତା ଶବର ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ହୃଷିକେଶଙ୍କ ପରିବାର ଆର୍ଥିକ ଭାବେ ଦୁର୍ବଳ ହୋଇଥିବାରୁ ତାଙ୍କ ପରିବାରର ଜୀବିକା ଉପରେ ଗୁରୁତର ପ୍ରଭାବ ପଡ଼ିଛି। ତେଣୁ ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ପରିବାର ଲୋକ ଓ ଗ୍ରାମବାସୀ ଦାବି କରିଛନ୍ତି। ପରିବାର ପକ୍ଷରୁ ଅଭିଯୋଗ ପରେ ଏସ୍ଆଇ ସହଦେବ ଯୋଶୀ ଅଧିକ ତଦନ୍ତ ଚାଲୁଥିବା ଜଣାପଡ଼ିଛି।

● ନୂଆପଡ଼ାରେ 'ମାଇଁ ଭାରତ' ଜିଲ୍ଲା ପରାମର୍ଶଦାତା କମିଟି ବୈଠକ

ଯୁବପିଢ଼ିଙ୍କୁ ଦେଶର ସମ୍ପଦ ଭାବେ ଗଢ଼ିତୋଳିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ସିନାପାଲି, ୧।୯ (ସମିସ): ନୂଆପଡ଼ାରେ 'ମାଇଁ ଭାରତ' ଜିଲ୍ଲା ପରାମର୍ଶଦାତା କମିଟିର ପ୍ରଥମ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଯୁବ ଅଧିକାରୀ ଅଙ୍କିତ କୁମାର ଶର୍ମା ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଯୁବପିଢ଼ିଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ଦେଇ ଦେଶର ସମ୍ପଦ ଭାବେ ଗଢ଼ିତୋଳିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। 'ମାଇ ଭାରତ'ରେ ଅଧିକରୁ ଅଧିକ ଯୁବକ-ଯୁବତୀଙ୍କ ପଞ୍ଜୀକରଣକୁ ଉତ୍ସାହିତ କରିବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବ୍ୟାପକ ଅଭିଯାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲାର ପ୍ରମୁଖ ସାମାଜିକ ସମସ୍ୟାଗୁଡ଼ିକୁ ନେଇ ପ୍ରତି ମାସରେ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ବାଲ୍ୟବିବାହ, ପ୍ରବାସ ଶ୍ରମିକ ଆଦି ବିଷୟରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ କହିଥିଲେ। ବୈଠକରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼ାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରେମଲତା ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ସମ୍ପୃକ୍ତ ଅଧିକାରୀ ଓ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
୦୨.୦୯.୨୦୨୬ (ବୁଧବାର)
ଶ୍ରଦ୍ଧାଞ୍ଜଳି

୰ ପ୍ରମିଳା ସୁବୁଦ୍ଧି
ସ୍ୱାମୀ: ମଧୁସୂଦନ ସୁବୁଦ୍ଧି
ପୂର୍ବତନ ସରପଂଚ (୨୦୦୨-୨୦୦୭),
ବାଘମାରୀ, ବେଗୁନିଆ, ଖୋର୍ଦ୍ଧା
ଆବିର୍ଭାବ: ୨୨.୦୬.୧୯୫୯ , ତିରୋଧାନ: ୨୪.୦୮.୨୦୨୪

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ତ୍ୟାଗ ତଥା ନୀତି ଆଦର୍ଶ ସଦାସର୍ବଦା ଚିରସ୍ମରଣୀୟ ହୋଇରହିବ । ଆପଣଙ୍କ ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ପୁଅ- କୃଷ୍ଣପ୍ରସାଦ,
ଜ୍ୱାଇଁ- ସରୋଜ କୁମାର, ଯଜ୍ଞଦେବ, ସୁରେଶ କୁମାର,
ପୁତ୍ରବଧୂ- ଧୃତିଦିପ୍ତା, କନ୍ୟା- କମଳା, ବିମଳା,
ବୈଜୟନ୍ତୀମାଳା, ନାତି ନାତୁଣୀ- ଡୁଗୁଲା,
ଅତୁ, ଆଶୁ ଓ ଟିଙ୍ଗୁ

ଆଜିର ରାଶିଫଳ

ମେଷ: ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

ବୃଷ: କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

ମିଥୁନ: ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

କର୍କଟ: ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ।

ସିଂହ: ଦିନଟି ଶୁଭଫଳ ପ୍ରଦାନ କରିବ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

କନ୍ୟା: ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

ତୁଳା: ଯୋଜନା ଅନୁଯାୟୀ କାମ କରିବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

ବିଛା: ପାରିବାରିକ ସମସ୍ୟା ଲାଗି ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

ଧନୁ: ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

ମକର: ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ।

କୁମ୍ଭ: ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ରଖି ଚାଲନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

ମୀନ: ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ପୁରୁଣା ନିବେଶରୁ ଲାଭ ମିଳିପାରେ।

ଆଜିର ଇତିହାସ

- ୧୭୮୯- ଆମେରିକା ତା'ର ରାଜସ୍ୱ ବିଭାଗ ଗଠନ କଲା।
- ୧୮୦୬- ସୁଇଜରଲ୍ୟାଣ୍ଡରେ ଭୂସ୍ଖଳନ ଯୋଗୁଁ ୪୫୭ ଜଣଙ୍କ ମୃତ୍ୟୁ।
- ୧୯୧୯- ଇଟାଲୀରେ ସର୍ବସାଧାରଣଙ୍କୁ ମତଦାନ ଅଧିକାର ଦିଆଗଲା।
- ୧୯୪୫- ଭିଏତନାମ ସ୍ୱାଧୀନ ହୋଇଥିଲା।
- ୧୯୭୦- କନ୍ୟାକୁମାରୀରେ ବିବେକାନନ୍ଦ ସ୍ମାରକୀର ଉଦ୍‌ଘାଟନ ହେଲା।

ବିଶ୍ୱ ନାରିକେଳ ଦିବସ

ସେପ୍ଟେମ୍ବର ୨ ତାରିଖକୁ ସମଗ୍ର ବିଶ୍ୱରେ ବିଶ୍ୱ ନାରିକେଳ ଦିବସ ଭାବରେ ପାଳନ କରାଯାଏ। ନଡ଼ିଆ ବା ନାରିକେଳର ବହୁବିଧ ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହି ଦିବସ ଉତ୍ସର୍ଗୀକୃତ। ଏସିଆନ୍ ପାସିଫିକ୍ କୋକୋନଟ୍ କମ୍ୟୁନିଟି ଦ୍ୱାରା ପ୍ରଥମେ ୨୦୦୯ ମସିହା ସେପ୍ଟେମ୍ବର ୨ ତାରିଖରେ ଏହି ଦିବସ ପାଳନ କରାଯାଇଥିଲା। ଭାରତ ମଧ୍ୟ ଏହି ସଂଗଠନର ଏକ ପ୍ରମୁଖ ସଦସ୍ୟ। ନଡ଼ିଆରୁ ବିଭିନ୍ନ ପ୍ରକାର ଉତ୍ପାଦ ପ୍ରସ୍ତୁତି ସହିତ ଏହାର ନରମ ଶସ ଓ ପାଣିଠାରୁ ଆରମ୍ଭ କରି ଖୋଳପା ଓ କତା ପର୍ଯ୍ୟନ୍ତ ପ୍ରତ୍ୟେକ ଅଂଶର ବ୍ୟାପକ ବ୍ୟବହାର କରାଯାଇଥାଏ। ଅସାଧାରଣ ପୁଷ୍ଟିକର ଗୁଣ ପାଇଁ ଖ୍ୟାତ ନଡ଼ିଆର ଔଷଧୀୟ ଗୁଣ ମଧ୍ୟ ଅଦ୍ୱିତୀୟ। ନଡ଼ିଆ ସଂସ୍କୃତରେ 'କଳ୍ପବୃକ୍ଷ' ବା 'ସ୍ୱର୍ଗବୃକ୍ଷ' ଭାବେ ପରିଚିତ। ଏହି ଗଛ ଆମ ପାଇଁ ଖାଦ୍ୟ, ଇନ୍ଧନ, ଔଷଧ, ପ୍ରସାଧନ ଓ ନିର୍ମାଣ ସାମଗ୍ରୀ ସହିତ ଆବଶ୍ୟକ ସମ୍ବଳ ମଧ୍ୟ ଯୋଗାଇଥାଏ। ଓଡ଼ିଶାରେ ନଡ଼ିଆକୁ ଏକ ପବିତ୍ର ଫଳ ବା 'ଶ୍ରୀଫଳ' କୁହାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାଠାରୁ ଆରମ୍ଭ କରି ଯେକୌଣସି ଶୁଭ କାର୍ଯ୍ୟରେ ନଡ଼ିଆର ବ୍ୟବହାର ଅପରିହାର୍ଯ୍ୟ। ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବହୁ ପରିମାଣରେ ନଡ଼ିଆ ଚାଷ କରାଯାଇଥାଏ। ସମ୍ପ୍ରତି ବିଶ୍ୱର ୮୦ରୁ ଅଧିକ ଦେଶରେ ନଡ଼ିଆ ଚାଷ କରାଯାଉଥିବା ବେଳେ ଭାରତ ହେଉଛି ତୃତୀୟ ସର୍ବାଧିକ ନଡ଼ିଆ ଉତ୍ପାଦନକାରୀ ରାଷ୍ଟ୍ର। ଭାରତରେ ବିଶେଷ କରି କେରଳ, ତାମିଲନାଡୁ, କର୍ଣ୍ଣାଟକ, ଗୋଆ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ ଏହି ଦିବସ ଉତ୍ସାହର ସହ ପାଳନ କରାଯାଇଥାଏ। ଏହି ଦିବସ ପାଳନ ଅବସରରେ କୃଷି ବିଭାଗ ଏବଂ ନଡ଼ିଆ ବିକାଶ ବୋର୍ଡମିଳିତ ଭାବରେ ଚାଷୀମାନଙ୍କ ପାଇଁ ବିଭିନ୍ନ ସଚେତନତା ଶିବିର ଏବଂ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି।

ରାକେଶଙ୍କ ସହ କାମ କରିବେ ବିକ୍ରାନ୍ତ

ରାକେଶ ଓମ୍‌ପ୍ରକାଶ ମେହେରା ଏକ୍ସେଲ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ 'କର୍ଣ୍ଣ' ଫିଲ୍ମର ନିର୍ମାଣରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମ ଉପରେ ବିଗତ ୫ ବର୍ଷ ହେବ କାମ ଚାଲିଛି ଏବଂ ପ୍ରଯୋଜକମାନେ ଶେଷରେ ୨୦୨୭ ରେ ଏହାର ସୁଟିଂ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ବଲିଉଡ୍ ସୁପରଷ୍ଟାର୍ ସଲମାନ୍ ଖାନ୍ ମହାଭାରତର ସବୁଠାରୁ ଜଟିଳ ଚରିତ୍ର ଉପରେ ଆଧାରିତ ଏହି ୱାର୍ ଡ୍ରାମାରେ ଲିଡ୍ ରୋଲରେ ନଜର ଆସିବେ। 'କର୍ଣ୍ଣ' ଫିଲ୍ମ ପାଇଁ କଳାକାର ଚୟନ ଏବଂ ପ୍ରି-ପ୍ରଡକ୍ସନ କାମ ଜାରି ରହିଛି। ରାକେଶ ଇତିମଧ୍ୟରେ ବିକ୍ରାନ୍ତ ମେସିଙ୍କ ସହ ଏକ ସର୍ଟ ଫିଲ୍ମ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏହି ଫିଲ୍ମଟି ୩୦ ଦିନ ମଧ୍ୟରେ ପ୍ରସ୍ତୁତ କରାଯିବ। ଏଥିରେ ଏକ ଛୋଟ ସହରର ପ୍ରେମ କାହାଣୀକୁ ଦେଖାଯିବ। ତେବେ ରାକେଶ 'କର୍ଣ୍ଣ' ପୂର୍ବରୁ ଏହି ଫିଲ୍ମର ନିର୍ମାଣ ଶେଷ କରିବାକୁ ଚାହୁଁଛନ୍ତି। 'ମୁସାଫିର କେଫେ' ସଫଳ ହେବା ପରେ ରାକେଶ ଏହି ସର୍ଟ ଫିଲ୍ମର ଅଫର୍ ବିକ୍ରାନ୍ତଙ୍କୁ ଦେଇଥିବା ଚର୍ଚ୍ଚା ହେଉଛି। ବିକ୍ରାନ୍ତଙ୍କ ଅଭିନୀତ ଏହି ରୋମାଣ୍ଟିକ୍ ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ରାକେଶ ଆଶାବାଦୀ ଅଛନ୍ତି।

ଚକଲେଟ୍ ଭୋଗ

ସାଧାରଣତଃ ଦେବଦେବୀଙ୍କୁ ଫଳମୂଳ, ଲଡ୍ଡୁ, ପେଡ଼ା ଆଦି ପ୍ରସାଦ ଭାବେ ଚଢ଼ାଯାଏ। ହେଲେ ଆମ ଦେଶରେ ଏମିତି ଏକ ମନ୍ଦିର ଅଛି ଯେଉଁଠାରେ ଭଗବାନଙ୍କୁ କୌଣସି ପାରମ୍ପରିକ ମିଠା ନୁହେଁ, ବରଂ 'ମଞ୍ଚ୍' ଚକଲେଟ୍ ଭୋଗ ଲଗାଯାଏ। କେରଳର ଆଲାପୁଜା ଜିଲ୍ଲା ଅନ୍ତର୍ଗତ ଥାଲାଭାଡି ଗାଁରେ ଥିବା 'ଚେମ୍ପୋଥ୍ ଶ୍ରୀ ସୁବ୍ରମଣ୍ୟ ସ୍ୱାମୀ ମନ୍ଦିର' ଏହି ଅନନ୍ୟ ପରମ୍ପରା ପାଇଁ ସାରା ଦେଶରେ ପ୍ରସିଦ୍ଧି ଅର୍ଜନ କରିଛି। ଏଠାରେ ଆରାଧ୍ୟ ଦେବତା ଭଗବାନ କାର୍ତ୍ତିକେୟଙ୍କୁ ବାଲ୍ୟ ରୂପରେ ପୂଜା କରାଯାଏ, ଯାହାଙ୍କୁ ସ୍ଥାନୀୟ ଲୋକେ ଆଦରରେ 'ମଞ୍ଚ୍ ମୁରୁଗାନ୍' ବୋଲି ସମ୍ବୋଧନ କରନ୍ତି। ଏହି ଚକଲେଟ୍ ଚଢ଼ାଇବା ପଛରେ ଏକ ରୋଚକ କାହାଣୀ ରହିଛି। କୁହାଯାଏ ଯେ, ପ୍ରାୟ କିଛି ବର୍ଷ ତଳେ ଜଣେ ଛୋଟ ପିଲା ବହୁତ ଅସୁସ୍ଥ ହୋଇପଡ଼ିଥିଲା ଏବଂ ସେ ସବୁବେଳେ ଭଗବାନ ମୁରୁଗାନଙ୍କୁ ମନେ ପକାଉଥିଲା। ଯେତେବେଳେ ତାର ପିତାମାତା ତାକୁ ମନ୍ଦିରକୁ ଆଣିଲେ, ସେ ଫୁଲ ବା ମିଠା ବଦଳରେ ଭଗବାନଙ୍କୁ ନିଜର ପ୍ରିୟ 'ମଞ୍ଚ ଚକଲେଟ୍' ଖୁଆଇବାକୁ ଜିଦ୍ କରିଥିଲା। ପିଲାଟିର ସେହି ଚକଲେଟ୍ ଲାଗି ହେବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିଲା। ଏହି ଖବର ପ୍ରସାରିତ ହେବା ପରେ ଅନ୍ୟ ପିଲା ଏବଂ ଭକ୍ତମାନେ ମଧ୍ୟ ନିଜର ମାନସିକ ପୂରଣ ପାଇଁ ଭଗବାନଙ୍କୁ ଚକଲେଟ୍ ଚଢ଼ାଇବା ଆରମ୍ଭ କଲେ। ଆଜି ଏହି ମନ୍ଦିରର ସ୍ୱରୂପ ସମ୍ପୂର୍ଣ୍ଣ ବଦଳି ଯାଇଛି। ବର୍ତ୍ତମାନ ଭକ୍ତମାନେ ଏଠାକୁ ଆସିବା ସମୟରେ ଫୁଲମାଳ ବଦଳରେ ମଞ୍ଚ ଚକଲେଟ୍‌ର ବଡ଼ ବଡ଼ ହାର ନେଇ ଆସନ୍ତି। ଭଗବାନଙ୍କ ବିଗ୍ରହକୁ ଚକଲେଟ୍ ହାରରେ ସଜାଯାଏ। କେବଳ ଗୋଟିଏ କିମ୍ବା ଦୁଇଟି ନୁହେଁ, ଭକ୍ତମାନେ ବାକ୍ସ ବାକ୍ସ ଚକଲେଟ୍ ନେଇ ଭଗବାନଙ୍କ ଦରବାରରେ ପହଞ୍ଚନ୍ତି। ଏହି ମନ୍ଦିରରେ ଏକ ସ୍ୱତନ୍ତ୍ର ପୂଜା ହୁଏ, ଯାହାକୁ 'ତୁଲାଭାରମ୍' କୁହାଯାଏ। ଏଠାରେ ଭକ୍ତମାନେ ନିଜ ମାନସିକ ପୂରଣ ପାଇଁ ଦେବତାଙ୍କ ଆଗରେ ଥିବା ଏକ ବଡ଼ ନିକିତିର ଗୋଟିଏ ପଟେ ନିଜେ ବସନ୍ତି ଏବଂ ଅନ୍ୟପଟେ ନିଜ ଓଜନ ସମାନ ପରିମାଣର 'ମଞ୍ଚ୍ ଚକଲେଟ୍' ଓଜନ କରି ଭଗବାନଙ୍କୁ ଅର୍ପଣ କରନ୍ତି। ସେହିଭଳି ପରୀକ୍ଷା ସମୟ ଆସିଲେ ଏହି ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳେ। ବିଶେଷ କରି ସ୍କୁଲ ଓ କଲେଜ ପଢୁଆ ପିଲାମାନେ ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ 'ମଞ୍ଚ୍ ମୁରୁଗାନ୍'ଙ୍କ ଶରଣାପନ୍ନ ହୁଅନ୍ତି। ପିଲାମାନେ ପରୀକ୍ଷା ପୂର୍ବରୁ ଏଠାକୁ ଆସି ଚକଲେଟ୍ ଚଢ଼ାନ୍ତି ଏବଂ ପୂଜା ସରିବା ପରେ ପ୍ରସାଦ ସ୍ୱରୂପ ସେହି ଚକଲେଟ୍ ହିଁ ପାଇଥାନ୍ତି। ମନ୍ଦିର ପ୍ରଶାସନ ତରଫରୁ ବଳକା ଚକଲେଟ୍‌ଗୁଡ଼ିକୁ ସ୍ଥାନୀୟ ପିଲାମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ।

ସମ୍ଭାବନା

ନିଯୁକ୍ତି ସମୟରେ ପାରିଶ୍ରମିକ ଆଲୋଚନା

ସାଧାରଣତଃ ସାକ୍ଷାତକାର ସମୟରେ ବେତନ ବା ପାରିଶ୍ରମିକ ଉପରେ ନିଯୁକ୍ତିଦାତା ବେଶି ଆଲୋଚନାକୁ ପ୍ରାଥମିକତା ଦେଇ ନ ଥାନ୍ତି। ତେବେ ନିଯୁକ୍ତି ସମୟରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଦିଗ। ତେଣୁ ନିଯୁକ୍ତି ସମୟରେ ନିଜର ପାରିଶ୍ରମିକ ସମ୍ପର୍କିତ ମତ ସ୍ପଷ୍ଟ ଭାବେ କହିବା ଉଚିତ।

ମୁଖ୍ୟତଃ ପ୍ରଥମ ଚାକିରି ସାକ୍ଷାତକାରରେ ବେତନ ଉପରେ କଥା ହେବା ପାଇଁ ଅଧିକାଂଶ କମ୍ପାନି ପ୍ରସ୍ତୁତ ଥାନ୍ତି। ହେଲେ ଏଭଳି କ୍ଷେତ୍ରରେ ଅଧିକାଂଶ କର୍ମଚାରୀ ଏହାକୁ ନେଇ ଆଲୋଚନା କରିପାରନ୍ତି ନାହିଁ। ତେଣୁ ଏ ଲାଗି ପୂର୍ବରୁ ହିଁ କିଛି ପ୍ରସ୍ତୁତି କରି ରଖିବା ଦରକାର। ପୂର୍ବରୁ ଏକଥା ଜାଣନ୍ତୁ ଯେଉଁ ପଦ ପାଇଁ ଆବେଦନ କରିଛନ୍ତି, ତାହା ଲାଗି କେତେ ପାରିଶ୍ରମିକ ଦିଆଯାଉଛି।

ଏ ପ୍ରକାର ଆଲୋଚନାରେ ନିଯୁକ୍ତିଦାତା ତୁରନ୍ତ ସହମତି ପ୍ରକାଶ କରି ନ ଥାନ୍ତି। ତେଣୁ ସେମାନେ କିଛି ନ କହି ଚାକିରିରେ ଯୋଗ ଦେବାକୁ କହନ୍ତି। ତା'ସହ ସମ୍ପୃକ୍ତ ପଦ ପାଇଁ ଏକ ନିର୍ଦ୍ଦିଷ୍ଟ ବଜେଟ୍ ଥିବା କଥା କହି ଆଲୋଚନା ଶେଷ କରିବାକୁ ଚେଷ୍ଟା କରନ୍ତି।

ସାକ୍ଷାତକାର ସମୟରେ ଯଦି ଏଭଳି କିଛି କଥା କୁହାଯାଉଛି, ତେବେ ଏହାକୁ ଶୁଣି ପଛଘୁଞ୍ଚା ଦେବା ଅନୁଚିତ। ସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ଲାଗି ଉତ୍ସାହ ଦେଖାଇ ନିଜ ଭିତରେ ଆତ୍ମବିଶ୍ୱାସ ବଜାୟ ରଖିବା ଦରକାର।

ସେହିପରି ଯଦି ନିଯୁକ୍ତିଦାତା ପାରିଶ୍ରମିକକୁ ନେଇ କିଛି ପ୍ରଶ୍ନ କରନ୍ତି, ସଙ୍କୋଚ ନ କରି ଖୋଲାଖୋଲି ଏ ବିଷୟରେ ଆଲୋଚନା କରିବା ଉଚିତ। ଏହା ହିଁ ପାରିଶ୍ରମିକ ସମ୍ପର୍କରେ ଜଣାଇବାର ଅବସର ସୃଷ୍ଟି କରେ।

କର୍ମକ୍ଷେତ୍ରରେ କିଭଳି ରହିବେ ଖୁସି

କୌଣସି କାର୍ଯ୍ୟାଳୟରେ କାମ କରିବାକୁ ହେଲେ ସୁଦକ୍ଷ କର୍ମଚାରୀ ଭାବେ ଅଫିସ୍ ପରିସ୍ଥିତି ସହିତ ଖାପଖୁଆଇ ଚଳିବାକୁ ହୁଏ। ଅଫିସ୍‌ରେ ବିଭିନ୍ନ ପରିସ୍ଥିତିରେ ଚିନ୍ତାରେ ନ ରହି ହସଖୁସିରେ କାମ କରିବା ଦ୍ୱାରା କାମ ସହଜ ଓ ଶୀଘ୍ର ହୋଇଥାଏ। କର୍ମକ୍ଷେତ୍ରରେ କିପରି ଖୁସି ରହିବେ ସେ ବିଷୟରେ ଜାଣନ୍ତୁ।

- ନକାରାତ୍ମକ ଲୋକଙ୍କ ଯୋଗୁଁ ନକାରାତ୍ମକ ପ୍ରଭାବ ପଡ଼ିବା ସ୍ୱାଭାବିକ କଥା। ତେଣୁ ଏପରି ସ୍ଥିତିରେ ଏହି ଲୋକଙ୍କ ସହିତ ଅଧିକ ମିଳାମିଶା ନ କରି ସକାରାତ୍ମକ ଲୋକଙ୍କ ସହିତ ମିଶନ୍ତୁ।
- କର୍ମକ୍ଷେତ୍ରରେ ଯଦି କାହା କଥା ପସନ୍ଦ ଆସୁନି ସେହି ମାମଲାକୁ ସେଇଠି ଛାଡି ଦେବା ଭଲ। ସେହି କଥାକୁ ମନରେ ବାରମ୍ବାର ଭାବି ମାନସିକ ଚିନ୍ତାର ସମ୍ମୁଖୀନ ହୁଅନ୍ତୁନି।
- ଯଦି କାମରେ ମନ ଲାଗୁନି, ନିଜ ଡେସ୍କକୁ ସଜାଡ଼ନ୍ତୁ। ଏହାଦ୍ୱାରା ମାନସିକ ଶାନ୍ତି ମିଳେ।
- ଅଫିସ୍‌ରେ କାମ କରିବା ସମୟରେ ଗୀତ ଶୁଣିଲେ, ମନ ପ୍ରଫୁଲ୍ଲିତ ରୁହେ। ଲଗାତାର କମ୍ପ୍ୟୁଟରକୁ ଚାହିଁ କାମ କରିବା ଦ୍ୱାରା ଏହାର ପ୍ରଭାବ ଆଖି ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ତେଣୁ ମଝିରେ ମଝିରେ ୫ରୁ ୧୦ ମିନିଟ୍ ବ୍ରେକ୍ ନିଅନ୍ତୁ।
- ଯଦି ଅଧିକ କାମ ଚାପ ଯୋଗୁଁ ବିଚଳିତ ହେଉଛନ୍ତି, ତେବେ ନିଜ ପସନ୍ଦର ଖାଦ୍ୟ ଖାଆନ୍ତୁ।
- ଲଞ୍ଚ ବ୍ରେକ୍ ତଥା ଟି-ବ୍ରେକ୍‌ରେ ସହକର୍ମୀଙ୍କ ସହିତ ସମୟ ଅତିବାହିତ କରନ୍ତୁ।



ବଢୁଛି ଫୁଡ୍ ଟେକ୍ନୋଲୋଜି କ୍ଷେତ୍ର

ସମ୍ପ୍ରତି ଫାଷ୍ଟ ଫୁଡ୍, ଇନଷ୍ଟାଣ୍ଟ ଫୁଡ୍, ଫ୍ରୋସେସ୍ ଫୁଡ୍ ଖାଦ୍ୟର ଚାହିଦା ଦିନକୁ ଦିନ ବଢୁଛି। ଏପରିକି କ୍ଷୀର, ମାଛ, ମାଂସ ଭଳି ଖାଦ୍ୟପଦାର୍ଥକୁ ପ୍ରୋସେସ୍ କରାଯାଇ ଏବେ ବିକ୍ରି କରାଯାଉଛି। ସେଥିପାଇଁ ଫୁଡ୍ ଟେକ୍ନୋଲୋଜି କ୍ଷେତ୍ର ମଧ୍ୟ ବୃଦ୍ଧି ପାଉଛି। ତେବେ ଏହି କ୍ଷେତ୍ର ଏବେ କୁଶଳୀ ଯୁବପିଢ଼ିଙ୍କ ପାଇଁ ସୁନ୍ଦର ଏକ କ୍ୟାରିୟର ବିକଳ୍ପ ଭାବେ ଉଭା ହୋଇଛି।

ଯୁକ୍ତ ଦୁଇ ବିଜ୍ଞାନ (ଫିଜିକ୍ସ, କେମେଷ୍ଟ୍ରି, ଗଣିତ) ପାସ୍ କରିବା ଅନିବାର୍ଯ୍ୟ। ଏହାପରେ ବିଇ/ବିଟେକ୍ ଫୁଡ୍ ସାଇନ୍ସ, ଫୁଡ୍ ସାଇନ୍ସ ଏବଂ ଟେକ୍ନୋଲୋଜି, ଫୁଡ୍ ଟେକ୍ନୋଲୋଜି ଓ ମ୍ୟାନେଜମେଣ୍ଟ, ଫୁଡ୍ ଟେକ୍ନୋଲୋଜି, ଫୁଡ୍ ପ୍ରୋସେସ୍ ଇଞ୍ଜିନିୟରିଂ, ଫୁଡ୍ ଇଞ୍ଜିନିୟରିଂ, ଏଗ୍ରିକଲଚର୍ ଆଣ୍ଡ ଫୁଡ୍ ଇଞ୍ଜିନିୟରିଂ ଆଦି ଅନ୍ୟାନ୍ୟ କୋର୍ସକୁ କୌଣସି ମାନ୍ୟତାପ୍ରାପ୍ତ ସଂସ୍ଥାନରୁ କରିପାରିବେ। ସେହିପରି ଏନେଇ ପ୍ରବେଶିକା ପରୀକ୍ଷା ମଧ୍ୟ ରହିଛି। ଏହି କ୍ଷେତ୍ରରେ ନିଯୁକ୍ତିର ଯଥେଷ୍ଟ ଅବସର ରହିଛି। ଫୁଡ୍ ପ୍ରୋସେସିଂ ୟୁନିଟ୍, ରିଟେଲ କମ୍ପାନିରେ ଫୁଡ୍ ଟେକ୍ନୋଲୋଜିଷ୍ଟ, ନ୍ୟୁଟ୍ରିସନାଲ ଥେରାପିଷ୍ଟ, ପ୍ରୋସେସ୍ ଡେଭ୍‌ଲପ୍‌ମେଣ୍ଟ ସାଇଣ୍ଟିଷ୍ଟ, କ୍ୱାଲିଟି ମ୍ୟାନେଜର୍, ପ୍ରଡକ୍ସନ୍ ମ୍ୟାନେଜର ଆଦି ପଦରେ ନିଯୁକ୍ତି ମିଳିଥାଏ। ରୋଜଗାର: ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୨୦ରୁ ୨୫ ହଜାର ଟଙ୍କା ରୋଜଗାର କରିବା ସମ୍ଭବ।

ବିଦେଶରେ ଡାକ୍ତରୀ ପଢ଼ା

ଭାରତରେ ବହୁ ଉନ୍ନତମାନର ମେଡିକାଲ କଲେଜ ରହିଛି। ତଥାପି ବହୁ ସଂଖ୍ୟକ ଭାରତୀୟ ଛାତ୍ରଛାତ୍ରୀ ବିଦେଶରେ ମେଡିକାଲ ପଢୁଛନ୍ତି। ସବୁଠୁ ଅଧିକ ଛାତ୍ରଛାତ୍ରୀ ୟୁକ୍ରେନ୍, ରୁଷ ଓ ଚୀନ୍‌ରେ ପଢୁଛନ୍ତି। ହଜାର ଭାରତୀୟ ମେଡିକାଲ ଛାତ୍ରଛାତ୍ରୀ ଏଠାରେ ପଢ଼ିବାକୁ ବେଶି ଗୁରୁତ୍ୱ ଦେଇଥାନ୍ତି। ତେବେ ପ୍ରଶ୍ନ ଉଠୁଛି ଭାରତୀୟ କାହିଁକି ବିଦେଶ ଯାଇ ମେଡିକାଲ ପଢୁଛନ୍ତି।

- ମେଡିକାଲ ପଢ଼ା ଲାଗି ବିଦେଶରେ ଅପେକ୍ଷାକୃତ କମ୍ ଫି' ଲାଗିଥାଏ। ଏଥିପାଇଁ ବର୍ଷକୁ ମାତ୍ର ୨ରୁ-୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ।
- ଏହା ବାଦ୍ ଅନ୍ୟ ଏକ କାରଣ ହେଉଛି ସେଠାରେ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଭାରତ ଭଳି କଷ୍ଟକର ପ୍ରତିଯୋଗିତା ନ ଥାଏ।
- ଅଧିକାଂଶ ଯୁବପିଢ଼ିଙ୍କ ସ୍ୱପ୍ନ ବିଦେଶରେ ରହି ଭଲ ରୋଜଗାର କରିବା। ସେଠାରେ ମିଳୁଥିବା ଡିଗ୍ରୀର ମାନ୍ୟତା ଭାରତ ସମେତ ବ୍ରିଟେନ୍ ଓ ୟୁରୋପରେ ଗ୍ରହଣୀୟ। ଏହା ସହ ଭାରତୀୟ ଛାତ୍ର ଛାତ୍ରୀଙ୍କୁ ୟୁରୋପର ନାଗରିକତା ସହଜରେ ମିଳିଥାଏ।
- ଅନ୍ୟପଟେ ସେଠାରେ ଉଚ୍ଚମାନର ପ୍ରାକ୍ଟିକାଲ ସୁବିଧା ରହିଛି। ମେଡିକାଲ କଲେଜରେ ବିଶ୍ୱସ୍ତରୀୟ ଭିତ୍ତିଭୂମି। ତା'ସହ ବିଦେଶରେ ମେଡିକାଲ ସିଟ୍ ସଂଖ୍ୟା ଅଧିକ।

ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

ଫେରିଲେ ବୁମ୍‌ରା ଓ ସାମସନ; ହାର୍ଦ୍ଦିକ ଅନ୍‌ଫିଟ୍

ନୂଆଦିଲ୍ଲୀ,୧।୯ (ଏଜେନ୍ସି)

ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳର ନାମ ଘୋଷଣା କରାଯାଇଛି। ଏହି ଦଳକୁ ଅନ୍‌ଫିଟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶୀର୍ଷ ଖେଳାଳି ଫେରିଛନ୍ତି। ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା, ୱିକେଟକିପର ତଥା ଓପନର ସଞ୍ଜୁ ସାମସନଙ୍କ ସମେତ ଅନ୍ୟ ସମସ୍ତ ବରିଷ୍ଠ ତଥା ଅଭିଜ୍ଞ ଖେଳାଳି ଏହି ଦଳରେ ସାମିଲ କରାଯାଇଛି। ଶ୍ରେୟସ ଆୟର ପୂର୍ବପରି ଦଳର ଅଧିନାୟକ ରହିଛନ୍ତି ଓ ତିଳକ ବର୍ମା ଉପଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ସେହିପରି ଜିମ୍ବାୱେ ଟୁର୍‌ରେ ଦଳରେ ସ୍ଥାନ ପାଇଥିବା ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଏହି ଟିମ୍‌ରେ ସ୍ଥାନ ବଜାୟ ରଖିଛନ୍ତି। ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ନୂଆଦିଲ୍ଲୀର ଫିରୋଜ ଶାହ କୋଟଲାରେ ବା ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୧୩, ୧୫ ଓ ୧୭ରେ ଖେଳାଯିବ। ନୂଆଦିଲ୍ଲୀରେ ଏହା ଖେଳାଯାଉଥିଲେ ମଧ୍ୟ ଆଫଗାନିସ୍ତାନ ଏହି ସିରିଜ୍‌ର ଆୟୋଜକ ରହିଛି। ଘରୋଇ ମାଟିରେ ଭାରତ ଭ୍ରମଣକାରୀ ଦଳ ଭାବେ ଖେଳିବ।

ନିକଟରେ ଭାରତୀୟ ଦଳ ଆୟର୍ଲାଣ୍ଡ, ଇଂଲଣ୍ଡ ଓ ଜିମ୍ବାୱେ ଗସ୍ତରେ ଯାଇଥିଲେ ମଧ୍ୟ ଯଶପ୍ରୀତ୍ ବୁମ୍‌ରା ଏହି ଦଳରେ ସାମିଲ ନ ଥିଲେ। ତେବେ ଆଫଗାନିସ୍ତାନ ବିପକ୍ଷ ସିରିଜ୍ ଲାଗି ତାଙ୍କୁ ଦଳକୁ ଫେରାଇ ଅଣାଯାଇଛି। ସେହିପରି ଜିମ୍ବାୱେ ଗସ୍ତରୁ ବାଦ୍ ପଡ଼ିଥିବା ସଞ୍ଜୁ ସାମସନ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଦଳକୁ ଫେରିଛନ୍ତି। କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇନାହିଁ। ବେଙ୍ଗାଲୁରୁରେ ଫିଟ୍‌ନେସ ପ୍ରଶିକ୍ଷଣ ନେଉଥିବା ହାର୍ଦ୍ଦିକ ଏକପ୍ରକାର ଫିଟ୍ ହୋଇଯାଇଥିଲେ। କିନ୍ତୁ ବୋଲିଂ ପ୍ରାକ୍ଟିସ୍‌ବେଳେ ସେ ପୁଣିଥରେ ତାଙ୍କ ପାଦରେ ଆଘାତ ଲାଗିଥିଲା। ଫଳରେ ବୋଲିଂ କରିବା ନେଇ କଷ୍ଟ ହେବାରୁ ପୁଣିଥରେ ତାଙ୍କୁ ଚିକିତ୍ସା ଲାଗି ରଖାଯାଇଛି। ଶେଷଥର ଲାଗି ସେ ସେ ମେ ୨୪ ତାରିଖରେ ପ୍ରତିଯୋଗିତାମୂଳକ କ୍ରିକେଟ ଆଇପିଏଲ୍‌ରେ ଖେଳିଥିଲେ। ଏହା ପରେ ଫିଟ୍‌ନେସ ଫେରିପାଇବା ଲାଗି ସଂଘର୍ଷ ଜାରି ରଖିଛନ୍ତି। ମାର୍ଚ୍ଚ ୮ ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଫାଇନାଲ ହେଉଛି ଭାରତୀୟ ଜର୍ସିରେ ତାଙ୍କର ଶେଷ ପଦାର୍ପଣ। ସେ ଖୁବ୍ ଶୀଘ୍ର ଫିଟ୍ ହୋଇଯିବେ ବୋଲି ଆଶା କରାଯାଉଛି।

ଏହି ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରେ ସଞ୍ଜୁ ସାମସନ ଓ ଇଶାନ କିଶାନ ଦୁଇଜଣ ୱିକେଟକିପର/ବ୍ୟାଟର ରହିଛନ୍ତି। ଏମାନଙ୍କ ବ୍ୟତୀତ ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର, ତିଳକ ବର୍ମା ଓ ଶିବମ ଦୁବେଙ୍କ ଉପରେ ଦଳର ବ୍ୟାଟିଂ ନିର୍ଭର କରୁଛି। ପେସ୍ ବୋଲିଂ ଅଲରାଉଣ୍ଡର ଭାବେ ଦୁବେଙ୍କ ସହ ନୀତୀଶ ଏବଂ ସ୍ପିନ୍ ବୋଲିଂ ଅଲରାଉଣ୍ଡର ଭାବେ ଅକ୍ଷର, ୱାଶିଂଟନ ରହିଛନ୍ତି। ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇ ଦୁଇଜଣ ସ୍ପେଶିଲିଷ୍ଟ ସ୍ପିନରଙ୍କୁ ଦଳରେ ସ୍ଥାନ ଦିଆଯାଇଛି। ବୁମ୍‌ରା, ଅର୍ଶଦୀପ, ହର୍ଷିତ ପେସ୍ ବୋଲିଂ ଗ୍ରୁପ୍‌ରେ ଅଛନ୍ତି। କିନ୍ତୁ ବୁମ୍‌ରା, ରେଡ୍ଡୀ, ସୁନ୍ଦର ଓ ରାଣାଙ୍କ ଫିଟ୍‌ନେସ ଟେଷ୍ଟ ପରେ ଖେଳିବାକୁ ଅନୁମତି ମିଳିବ। ଏହି ଦଳ ଘୋଷଣା ପରେ ଦଳରେ ଅଧିକ ଅଭିଜ୍ଞ ଖେଳାଳିଙ୍କୁ ସ୍ଥାନ ମିଳିଛି। ଜିମ୍ବାୱେ ସିରିଜ୍‌ରେ ଅନେକ ଯୁବ ଖେଳାଳିଙ୍କୁ ସ୍ଥାନ ମିଳିଥିଲା। ସେମାନଙ୍କ ମଧ୍ୟରୁ ସୂର୍ଯ୍ୟାଂଶ ଶେଡ୍‌ଗେ, ରିଙ୍କୁ ସିଂ, ହର୍ଷ ଦୁବେ, ପ୍ରିନ୍ସ ଯାଦବ, ଯଶ ଠାକୁର, ଅଶୋକ ଶର୍ମା, ମୟଙ୍କ ଯାଦବ ଓ ପ୍ରଭସିମରନ ସିଂହ ବାଦ୍ ପଡ଼ିଛନ୍ତି।

ଭାରତୀୟ ଦଳ

ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା (ଉପଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା।

ଆଫଗାନିସ୍ତାନ ଦଳ

ଇବ୍ରାହିମ୍ ଜଦ୍ରାନ (ଅଧିନାୟକ), ରହମନୁଲ୍ଲା ଗୁରବାଜ ଓ ନୁର ରହମାନ (ଉଭୟ ୱିକେଟରକ୍ଷକ), ସେଦିକୁଲା ଅଟଳ, ଡାରୱିସ୍ ରସୁଲି, ଆଜମତୁଲ୍ଲା ଓମରଜାଇ, ଗୁଲବଦିନ ନାଏବ୍, ମହମ୍ମଦ୍ ନବି, ରଶିଦ୍ ଖାନ୍, ନାଙ୍ଗ୍ୟାଲ ଖାରୋଟି, ନୁର ଅହମ୍ମଦ, ମୁଜୀବ-ଉର-ରହମନ, ଫଜଲ ହକ୍ ଫାରୁକି, ଅବ୍‌ଦୁଲ୍ଲା ଅହମ୍ମଦ୍‌ଜାଇ ଓ ନବୀନ ଉଲ ହକ୍।

ସିରିଜ୍ କାର୍ଯ୍ୟସୂଚୀ

ସେପ୍ଟେମ୍ବର ୧୩	ପ୍ରଥମ ଟି-୨୦	ନୂଆଦିଲ୍ଲୀ
ସେପ୍ଟେମ୍ବର ୧୫	ଦ୍ୱିତୀୟ ଟି-୨୦	ନୂଆଦିଲ୍ଲୀ
ସେପ୍ଟେମ୍ବର ୧୭	ତୃତୀୟ ଟି-୨୦	ନୂଆଦିଲ୍ଲୀ

ଖେଳ ଆରମ୍ଭ : ରାତି ୭ଟା
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ : ଫ୍ୟାନ୍ କୋଡ୍ ଓ ଜିଓ ହଟ୍‌ଷ୍ଟାର

ୟୁଏସ୍ ଓପନ୍

ବିଦାୟୀ ଗ୍ରାଣ୍ଡସ୍ଲାମରେ ୱାରିଙ୍କା ନିରାଶ

ନ୍ୟୁୟର୍କ, ୧।୯ (ଏଜେନ୍ସି): ତିନିଥରର ଗ୍ରାଣ୍ଡସ୍ଲାମ ବିଜେତା ସୁଇଜରଲାଣ୍ଡର ଷ୍ଟାନ ୱାରିଙ୍କା ଏଠାରେ ଚାଲିଥିବା ୟୁଏସ୍ ଓପନ୍ ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ୱାରିଙ୍କା ୬-୭ (୪/୭), ୬-୭ (୩/୭), ୦-୬ ସେଟରେ ଇଟାଲୀର ମାଟ୍ଟେଓ ବେରେଟ୍ଟିନିଙ୍କଠାରୁ ହାରିଯାଇଥିଲେ। ୪୧ ବର୍ଷୀୟ ୱାରିଙ୍କା ଚଳିତ ସିଜନ ପରେ ପ୍ରଫେଶନାଲ ଟେନିସରୁ ଅବସର ନେବେ ବୋଲି ପୂର୍ବରୁ ଘୋଷଣା କରିଛନ୍ତି। ତେଣୁ ୱାରିଙ୍କା'ଙ୍କ କ୍ୟାରିୟରର ଏହା ଅନ୍ତିମ ଗ୍ରାଣ୍ଡସ୍ଲାମ ଥିଲା। ତେବେ ଅନ୍ତିମ ଗ୍ରାଣ୍ଡସ୍ଲାମରେ ୱାରିଙ୍କା ପ୍ରଭାବୀ ପ୍ରଦର୍ଶନ କରି ନ ପାରି ପ୍ରଥମ ରାଉଣ୍ଡରୁ ହାରି ଅଭିଯାନ ଶେଷ କରିଥିଲେ। ଫଳରେ ହାରିଯିବା ପରେ ଗ୍ରାଣ୍ଡଷ୍ଟାଣ୍ଡ କୋର୍ଟରେ ଉପସ୍ଥିତ ୮ ହଜାର ଦର୍ଶକ ଠିଆ ହୋଇ କରତାଳି ମାଧ୍ୟମରେ ୱାରିଙ୍କା'ଙ୍କୁ ବିଦାୟ ଜଣାଇଥିଲେ। ୨୦୧୬ ୟୁଏସ୍ ଓପନ୍‌ରେ ୱାରିଙ୍କା ଏଠାରେ ଚାମ୍ପିଅନ ହୋଇଥିଲେ। ସେହିଭଳି ଏହି ସୁଇସ୍ ତାରକା ତାଙ୍କ କ୍ୟାରିୟରରେ ଥରେ ଲେଖାଏ ଅଷ୍ଟ୍ରେଲିଆନ୍ ଓପନ୍ (୨୦୧୪) ଓ ଫ୍ରେଞ୍ଚ ଓପନ୍ (୨୦୧୫) ଟାଇଟଲ୍ ମଧ୍ୟ ହାସଲ କରିଛନ୍ତି। ଅପରପକ୍ଷରେ ଚଳିତ ୟୁଏସ୍ ଓପନରେ ମଙ୍ଗଳବାର ଅନୁଷ୍ଠିତ ପୁରୁଷ ବିଭାଗ ପ୍ରଥମ ରାଉଣ୍ଡ ମ୍ୟାଚଗୁଡ଼ିକରେ ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲ୍‌କାରାଜ, ତୃତୀୟ ସିଡ୍ କାନାଡାର ଫେଲିକ୍ସ ଆଗୁଏର, ଅଷ୍ଟମ ସିଡ୍ ବେନ୍ ସେଲଟନ୍, ୧୧ତମ ସିଡ୍ ଆମେରିକାର ଫ୍ରାନସିସ୍ ତିଆଫୋଇ ପ୍ରମୁଖ ବିଜୟୀ ହୋଇଛନ୍ତି। ସେହିଭଳି ମହିଳା ସିଙ୍ଗଲ୍ସରେ ୮ମ ସିଡ୍ ଇଗା ସ୍ୱିଆଟେକ, ୧୩ତମ ସିଡ୍ ନାଓମି ଓସାକା, ଷଷ୍ଠ ସିଡ୍ ଲିଣ୍ଡା ନୋସ୍କୋଭା ବିଜୟରୁ ୟୁଏସ୍ ଓପନ୍ ଅଭିଯାନ ଆରମ୍ଭ କରିଛନ୍ତି।

ଏସିଆ କପ୍: ବାଂଲାର ବୃହତ୍ ବିଜୟ

ଦୁବାଇ,୧।୯ (ଏଜେନ୍ସି): ନାହିଦା ଅକତର (୩/୧୫) ଓ ମାରୁଫା ଅକତର (୨/୬)ଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ସୋମବାର ଅନୁଷ୍ଠିତ ମହିଳା ଏସିଆ କପ୍ କ୍ରିକେଟର ଏକ ଲିଗ୍ ମ୍ୟାଚ୍‌ରେ ବାଂଲାଦେଶ ୭୧ ରନ୍‌ରେ ଇଣ୍ଡୋନେସିଆକୁ ହରାଇ ବୃହତ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୮ ୱିକେଟରେ ୧୨୯ ରନ୍ କରିଥିଲା। ଦଳ ପକ୍ଷରୁ ଶୋଭନା ସର୍ବାଧିକ ୪୦ ଓ ଶୋର୍ଣ୍ଣା ଅପରାଜିତ ୩୧ ରନ୍ କରିଥିଲେ। ଜବାବରେ ଇଣ୍ଡୋନେସିଆ ୫୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଆସନ୍ତାକାଲି ପାକିସ୍ତାନ ଓ ଥାଇଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଗତକାଲି ଥାଇଲାଣ୍ଡକୁ ୯୪ ରନ୍‌ରେ ହରାଇଥିବା ଭାରତ ତାହାର ଦ୍ୱିତୀୟ ଲିଗ୍ ମ୍ୟାଚ୍ ହଂକଂ ସହ ସେପ୍ଟେମ୍ବର ୩ରେ ଖେଳିବ। ସେପ୍ଟେମ୍ବର ୫ରେ ଭାରତ-ପାକିସ୍ତାନ ମଧ୍ୟରେ ହାଇଭୋଲ୍ଟେଜ୍ ମ୍ୟାଚ୍ ଖେଳାଯିବ। ସେପ୍ଟେମ୍ବର ୧୦ ଓ ୧୧ରେ ସେମିଫାଇନାଲ ଏବଂ ୧୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ସେମିରେ ଭାରତ ସହ ବାଂଲାଦେଶ କିମ୍ବା ଶ୍ରୀଲଙ୍କାର ମୁକାବିଲା ହେବ।

ସିରିଜ୍ ଅଧାରୁ ମୁଖ୍ୟକୋଚଙ୍କୁ ବିଦାକଲା ପିସିବି

ଲଣ୍ଡନ, ୧।୯ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଯାଇଥିବା ପାକିସ୍ତାନ କ୍ରିକେଟ୍ ଦଳ ଟେଷ୍ଟ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ହାରିଯାଇଛି। ଫଳରେ ଅନ୍ତିମ ତଥା ତୃତୀୟ ଟେଷ୍ଟ ମ୍ୟାଚ ବାକିଥାଇ ପାକିସ୍ତାନ ଆଗୁଆ ସିରିଜ ପରାଜୟବରଣ କରିଛି। ଖେଳାଳି ଓ କୋଚ୍‌ଙ୍କ ଏହି ପ୍ରଦର୍ଶନରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) କ୍ଷୁବ୍ଧ ହୋଇଛି। ସିରିଜ ମଝିରେ ପାକିସ୍ତାନ ଦୁଇ ଜଣ ପ୍ରଶିକ୍ଷକଙ୍କୁ ବହିଷ୍କାର କରିବା ସହ ସାତ ଜଣ ଖେଳାଳିଙ୍କୁ ସ୍ୱଦେଶ ଫେରାଇ ଆଣିଛି। ମୁଖ୍ୟ କୋଚ୍ ସର୍ଫରାଜ ଅହମ୍ମଦ ଓ ବୋଲିଂ କୋଚ୍ ଉମର ଗୁଲ୍ ସେମାନଙ୍କ ପଦ ହରାଇଛନ୍ତି। ତିନି ବରିଷ୍ଠ ଖେଳାଳି ତଥା ଟି-୨୦ ଦଳର ଅଧିନାୟକ ସଲମାନ ଆଘା, ମହମ୍ମଦ ରିଜୱାନ, ଇମାମ-ଉଲ-ହକଙ୍କ ସମେତ ଖୁରମ ଶାହଜାଦ, ଅବେିସ ଜାଫର, ଆମିର ଜମାଲ ଏବଂ ଅଲି ଉସମାନଙ୍କୁ ପିସିବି ଘରକୁ ପଠାଇ ଦେଇଛି। ଫଳରେ ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ତୃତୀୟ ଟେଷ୍ଟ ଲାଗି ସାମିଲ ହୋଇଥିବା ୭ ଜଣ ଖେଳାଳିଙ୍କ ମଧ୍ୟରେ ଅଧିକାଂଶ ଯୁବ ଓ ନୂଆ ମୁହଁ ରହିଛନ୍ତି। ସେହିଭଳି ପାକିସ୍ତାନ ସୀମିତ ଓଭର ଦଳର ମୁଖ୍ୟ ପ୍ରଶିକ୍ଷକ ରହିଥିବା ମାଇକ ହେସନ ତୃତୀୟ ଟେଷ୍ଟ ପାଇଁ କୋଚ୍ ଦାୟିତ୍ୱ ତୁଲାଇବେ। ଅପରପକ୍ଷରେ ପିସିବି ୭ ଜଣ ଖେଳାଳିଙ୍କୁ ହଠାତ୍ ଘରକୁ ପଠାଇବା ନିଷ୍ପତ୍ତିରେ ଅସନ୍ତୋଷ ବ୍ୟକ୍ତ କରି ମିସବା-ଉଲ-ହକ୍ ପାକିସ୍ତାନ ଚୟନକର୍ତ୍ତା ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ପାକିସ୍ତାନ କ୍ରିକେଟରେ ବଡ଼ ବିପର୍ଯ୍ୟୟ ଆରମ୍ଭ ହୋଇଥିବା କୁହାଯାଉଛି।

ସଂଖ୍ୟାରେ ମେସିଙ୍କ ରେକର୍ଡ

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ବିଶ୍ୱ ଫୁଟବଲ୍‌ର ସୁପରଷ୍ଟାର ଲିଓନେଲ ମେସି ୨୧ ବର୍ଷର କ୍ୟାରିୟରର ଅନ୍ତ ଘଟାଇ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଛନ୍ତି। ୩୯ ବର୍ଷୀୟ ମେସି ତାଙ୍କର ଶେଷ ମ୍ୟାଚ୍ ଗତ ଜୁଲାଇ ୧୯ ରେ ଫିଫା ବିଶ୍ୱକପ ଫାଇନାଲରେ ସ୍ପେନ ବିପକ୍ଷରେ ଖେଳିଥିଲେ। ଏହି ମ୍ୟାଚରେ ଆର୍ଜେଣ୍ଟିନା ହାରିଯିବା ଫଳରେ ମେସିଙ୍କ କ୍ରମାଗତ ବିଶ୍ୱ ଟାଇଟଲ୍ ଜିତିବା ସ୍ୱପ୍ନ ଅଧୁରା ରହିଯାଇଥିଲା। ମେସି ତାଙ୍କ କ୍ୟାରିୟରର ଏକମାତ୍ର ବିଶ୍ୱକପ୍ ୨୦୨୨ରେ ଜିତିଥିଲେ। ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଥିଲେ ମଧ୍ୟ ମେସି କ୍ଲବସ୍ତରୀୟ ପ୍ରତିଯୋଗିତାରେ ସକ୍ରିୟ ରହିବେ। ଏବେ ସେ ଇଣ୍ଟର ମିଆମି କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ମେସିଙ୍କ ଅନ୍ତର୍ଜାତୀୟ କ୍ୟାରିୟରର କିଛି ପ୍ରମୁଖ ରେକର୍ଡ ଉପରେ ନଜର ପକାଇବା।

୨୦୭: ମେସି କ୍ୟାରିୟରରେ ୨୦୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ବିଶ୍ୱରେ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ କ୍ରିଷ୍ଟିଆନୋ ରୋନାଲ୍ଡୋ (୨୩୩)ଙ୍କ ପଛକୁ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କିନ୍ତୁ ଆର୍ଜେଣ୍ଟିନା ପାଇଁ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ ମେସିଙ୍କ ନାମରେ ରହିଛି। ୧୪୭ ମ୍ୟାଚ୍ ଖେଳି ଜାଭିଅର ମାସ୍କାରେନୋ ମେସିଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରିହଛନ୍ତି।

୧୨୫: ଆର୍ଜେଣ୍ଟିନା ପାଇଁ ମେସି ମଧ୍ୟ ସର୍ବାଧିକ ୧୨୫ଟି ଗୋଲ୍ ଦେଇଛନ୍ତି। ଏହି ତାଲିକାରେ ୫୪ଟି ଗୋଲ୍ ଦେଇ ଗାବ୍ରିଏଲ ବଟିସ୍ତୁତା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କିନ୍ତୁ ଅନ୍ତର୍ଜାତୀୟ ଫୁଟବଲରେ ସର୍ବାଧିକ ଗୋଲ୍‌ସ୍କୋର କରିବାରେ ରୋନାଲ୍ଡୋ (୧୪୬)ଙ୍କ ପଛକୁ ମେସି ଦ୍ୱିତୀୟରେ ରହିଛନ୍ତି।

୬: ମେସି ମଧ୍ୟ ତାଙ୍କ କ୍ୟାରିୟରରେ ୬ଟି ଫିଫା ବିଶ୍ୱକପ (୨୦୦୬, ୨୦୧୦, ୨୦୧୪, ୨୦୧୮, ୨୦୨୨ ଓ ୨୦୨୬) ଖେଳିଛନ୍ତି। ସର୍ବାଧିକ ବିଶ୍ୱକପ ଖେଳିବାରେ ସେ ରୋନାଲ୍ଡୋଙ୍କ ସହ ଯୁଗ୍ମ ଭାବରେ ଶୀର୍ଷରେ ରହିଛନ୍ତି।

୨୧: ଫିଫା ବିଶ୍ୱକପ୍ ଇତିହାସରେ ସର୍ବାଧିକ ଗୋଲ୍‌ସ୍କୋର କରିବାରେ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଛଅଟି ବିଶ୍ୱକପ୍ ଖେଳିଥିବା ମେସି ମୋଟ୍ ୨୧ ଗୋଲ୍ ଦେଇ କିଲିଆନ୍ ଏମବାପ୍ପେ (୨୨)ଙ୍କ ପଛକୁ ରହିଛନ୍ତି।

୭: ଫିଫା ବିଶ୍ୱକପରେ ପେନାଲ୍ଟିରେ ସର୍ବାଧିକ ୭ଟି ଗୋଲ୍ ଦେଇ ମେସି ଏକ ବିଶ୍ୱରେକର୍ଡ ନିଜ ନାମରେ କରିଛନ୍ତି। ସେହିଭଳି ସର୍ବାଧିକ ୩ଟି ପେନାଲ୍ଟି ମିସ୍ କରି ମଧ୍ୟ ଅଲୋଡ଼ା ରେକର୍ଡର ଅଧିକାରୀ ମଧ୍ୟ ରହିଛନ୍ତି।

ଦୁଲୀପ ଟ୍ରଫି

ଫାଇନାଲରେ ପୂର୍ବାଞ୍ଚଳ

ବେଙ୍ଗାଲୁରୁ,୧।୯ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ କେନ୍ଦ୍ରାଞ୍ଚଳକୁ ୪ ୱିକେଟରେ ହରାଇ ପୂର୍ବାଞ୍ଚଳ ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଚେନ୍ନଇରେ ସେପ୍ଟେମ୍ବର ୬ରୁ ଆରମ୍ଭ ହେବାକୁ ଥିବା ଫାଇନାଲରେ ପୂର୍ବାଞ୍ଚଳ ସହ ଉତ୍ତରାଞ୍ଚଳ କିମ୍ବା ଦକ୍ଷିଣାଞ୍ଚଳର ମୁକାବିଲା ହେବ। ଆଜି ଶେଷ ହୋଇଥିବା ପ୍ରଥମ ସେମିଫାଇନାଲରେ ପୂର୍ବାଞ୍ଚଳର ମିଡିୟମ୍ ଫାଷ୍ଟ ବୋଲର ମୁକେଶ କୁମାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେ ପ୍ରଥମ ଇନିଂସରେ ୩ଟି ଓ ଦ୍ୱିତୀୟ ଇନିଂସରେ ୪ଟି ୱିକେଟ ନେଇ ପ୍ରତିପକ୍ଷ କେନ୍ଦ୍ରାଞ୍ଚଳର ବିପର୍ଯ୍ୟୟ ଘଟାଇଥିଲେ।

ପ୍ରଥମ ସେମିଫାଇନାଲରେ ପୂର୍ବାଞ୍ଚଳ ଓ କେନ୍ଦ୍ରାଞ୍ଚଳର ପ୍ରଥମ ଇନିଂସ ସ୍କୋର ସମାନ ହେବା ଫଳରେ ଦ୍ୱିତୀୟ ଇନିଂସର ଗୁରୁତ୍ୱ ବୃଦ୍ଧି ପାଇଥିଲା। ପୂର୍ବାଞ୍ଚଳର ଦୁଇ ଅଭିଜ୍ଞ ବୋଲର ମୁକେଶ କୁମାର ୪ଟି ଓ ମହମ୍ମଦ୍ ସାମି ୩ଟି ୱିକେଟ ନେବା ଫଳରେ କେନ୍ଦ୍ରାଞ୍ଚଳର ଦ୍ୱିତୀୟ ଇନିଂସ ୧୫୮ ରନ୍‌ରେ ସୀମିତ ରହିଥିଲା। ୧୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପୂର୍ବାଞ୍ଚଳର ଦୁଇ ଓପନର ପ୍ରଥମ ୱିକେଟରୁ ଉଠାଇଥିଲେ ୬୧ରନ୍। ପୁଣିଥରେ ସୂର୍ଯ୍ୟବଂଶୀ ଦମ୍ଭର ସହ ଖେଳି ୪୦ ରନ୍ କରି ଆଉଟ ହେବାର ୪ ରନ୍ ପରେ ଅଭିମନ୍ୟୁ ଈଶ୍ୱରନ ୨୪ ରନ୍‌ରେ ପାଭିଲିଅନ ଫେରିଥିଲେ। ଦଳ ଏକଦା ୩ ୱିକେଟରେ ୧୨୪ ରନ୍ କରି ବିଜୟ ଆଡକୁ ଅଗ୍ରସର ହୋଇଥିଲା। ଏହି ସମୟରେ ହର୍ଷ ଦୁବେ ଲାଗ୍ ଲାଗ୍ ୨ଟି ୱିକେଟ ନେବା ଫଳରେ ପୂର୍ବାଞ୍ଚଳ ଦଳରେ ଆତଙ୍କ ଖେଳିଥିଲା। କିନ୍ତୁ ଅଧିନାୟକ ଈଶାନ କିଶାନ ଦାୟିତ୍ୱପୂର୍ଣ୍ଣ ତଥା ଅପରାଜିତ ୩୯ ରନ୍ କରିଥିଲାବେଳେ ମହମ୍ମଦ୍ ସାମି ଚୌକା ମାରି ଦଳକୁ ଜିତାଇଥିଲେ। ହର୍ଷ ଦୁବେ ପୁଣିଥରେ ୪ଟି ୱିକେଟ ପାଇଥିଲେ।

ଦକ୍ଷିଣାଞ୍ଚଳର ସ୍ଥିତି ସୁଦୃଢ଼

ଏଠାରେ ଚାଲିଥିବା ଦକ୍ଷିଣାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମି ଫାଇନାଲରେ ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସରେ ଉନ୍ନତ ବ୍ୟାଟିଂ କରିଛି। ଦଳର ଯୁବ ଓପନର ସନତ ସଙ୍ଗୱାଲ ୭୬ ଓ ଆୟୁଷ ଦୋସେଜା ୫୨ ରନ୍ କରିବା ଫଳରେ ତୃତୀୟ ଦିନ ଖେଳ ଶେଷ ବେଳକୁ ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସେ ୭ ୱିକେଟ ହରାଇ ୨୫୬ ରନ୍ କରିଥିଲା। ପ୍ରଥମ ଇନିଂସରେ ଦଳ ୧୯୫ ରନ୍ କରିଥିଲାବେଳେ ତିଳକ ବର୍ମାଙ୍କ ଅପରାଜିତ ୧୧୬ ଓ ଶ୍ରେୟସ ଗୋପାଳଙ୍କ ୮ ରନ୍ ସହାୟତାରେ ଦକ୍ଷିଣାଞ୍ଚଳ ୩୧୨ ରନ୍ କରି ପ୍ରଥମ ଇନିଂସ ଅଗ୍ରଣୀ ନେଇଛି।

ତ୍ରିରାଷ୍ଟ୍ରୀୟ ସିରିଜ୍ : ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ବିଜୟ

ୱିଣ୍ଡୋହକ୍,୧।୯ (ଏଜେନ୍ସି): ଓପନର ଲୁହାନ-ଡ୍ରେ ପ୍ରିଟୋରିୟସଙ୍କ ବିସ୍ଫୋରକ ୯୪ ରନ୍, ଡୁଆନ ଜାନସେନ ଓ ଜର୍ଣ୍ଣ ଫର୍ଚୁଇନ୍‌ଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ମଙ୍ଗଳବାର ଖେଳାଯାଇଥିବା ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪୩ ରନ୍‌ରେ ଜିମ୍ବାୱେକୁ ପରାସ୍ତ କରିଛି। ଏହା ଫଳରେ ତୃତୀୟ ମୁକାବିଲାରୁ ଦଳ ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୧୮୫ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରିଟୋରିୟସ ୫୧ବଲ୍ ଖେଳି ୧୨ ଚୌକା ଓ ୩ ଛକା ସହ ସର୍ବାଧିକ ୯୪ ଓ ଜବରଦସ୍ତ ଫର୍ମରେ ଥିବା ଡିୱାଲ୍ଡ ବ୍ରେଭିସ ୪୧ ରନ୍ କରିଥିଲେ। ଜବାବରେ ସିକନ୍ଦର ରାଜାଙ୍କ ୪୫ ଓ ନଂ-୧୦ ନ୍ୟୁମ୍ୟାନ୍ ନ୍ୟାମହୁରୀଙ୍କ ଦ୍ରୁତ ୨୭ ରନ୍ ସହାୟତାରେ ଜିମ୍ବାୱେ ୧୭.୪ ଓଭରରେ ୧୪୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ଫର୍ଚୁଇନ୍ ଓ ଜାନ୍‌ସେନ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଗତକାଲି ଖେଳାଯାଇଥିବା ମୁକାବିଲାରେ ଜିମ୍ବାୱେ ୫ ରନ୍‌ରେ ଆୟୋଜକ ନାମିବ୍ୟାକୁ ପରାସ୍ତ କରିଥିଲା।

ବାରବାଟୀ-ଓଜିପି ଫାଇନାଲ ଲଢ଼େଇ

ଫାଓ ଦ୍ୱିତୀୟ ଡିଭିଜନ ଲିଗ୍

ଭୁବନେଶ୍ୱର, ୧।୯ (ସମିସ): କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ଚାଲିଥିବା ଫାଓ ଦ୍ୱିତୀୟ ଡିଭିଜନ ଲିଗ୍‌ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଟାଇଟଲ୍ ପାଇଁ ଗୁରୁବାର ବାରବାଟୀ ୟୁନାଇଟେଡ କ୍ଲବ ଓ ଓଡ଼ିଶା ଗଭରମେଣ୍ଟ ପ୍ରେସ୍ (ଓଜିପି) କ୍ଲବ ମଧ୍ୟରେ ମୁକାବିଲା ହେବ। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବାରବାଟୀ ୟୁନାଇଟେଡ୍ କ୍ଲବ ୨-୦ ଗୋଲ୍‌ରେ ନୀତା ଫୁଟବଲ ଏକାଡେମୀକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ସୁମନ୍ତ କୁମାର ମାରାଣ୍ଡି ୩୦ତମ ମିନିଟରେ ପ୍ରଥମ ଗୋଲ୍ ଦେଇଥିଲେ। ସେହିଭଳି ପ୍ରଥମାର୍ଦ୍ଧର ଅନ୍ତିମ ମିନିଟରେ ରାଜ ପରଜା (୪୫ତମ) ଦ୍ୱିତୀୟ ଗୋଲ୍‌ସ୍କୋର କରିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଓଜିପି କ୍ଲବ ୩-୦ ଗୋଲରେ ଲାଲବାଗ୍ କ୍ଲବକୁ ହରାଇ ଫାଇନାଲକୁ ଉଠିଛି। ଓଜିପି କ୍ଲବ ପାଇଁ ରଇସ ଅହମ୍ମଦ ଖାନ ଦୁଇଟି ଓ ସନି ସ ଗୋଟିଏ ଗୋଲ୍ ଦେଇଥିଲେ।

୩ରୁ ରାଜ୍ୟସ୍ତରୀୟ ଯୁବ ବାସ୍କେଟବଲ୍

୫୦ ଦଳରୁ ଭାଗନେବେ ୭୦୦ ଖେଳାଳି

ଭୁବନେଶ୍ୱର, ୧।୯ (ସମିସ): ୪୧ତମ ଓଡ଼ିଶା ରାଜ୍ୟସ୍ତରୀୟ ଯୁବ ବାସ୍କେଟବଲ୍ ପ୍ରତିଯୋଗିତା ସେପ୍ଟେମ୍ବର ୩ରୁ ଭୁବନେଶ୍ୱର ଗୋଠପାଟଣାସ୍ଥିତ "ଚାମ୍ପ୍ସ କ୍ଲବ୍' ଗୁରୁକୁଳ ପରିସରରେ ଆରମ୍ଭ ହେବ। ଓଡ଼ିଶା ବାସ୍କେଟବଲ୍ ସଂଘ ଏବଂ "ଚାମ୍ପ୍ସ କ୍ଲବ୍' ଗୁରୁକୁଳର ମିଳିତ ସହଯୋଗରେ ଆୟୋଜିତ ଏହି ପାଞ୍ଚଦିନିଆ ପ୍ରତିଯୋଗିତାରେ ପ୍ରାୟ ୭୦୦ ଯୁବ ବାସ୍କେଟବଲ୍ ଖେଳାଳି ଅଂଶଗ୍ରହଣ କରିବେ। ଯେଉଁଥିରେ ୩୭ଟି ବାଳକ ଦଳରୁ ପ୍ରାୟ ୪୮୦ଜଣ ଓ ୧୩ଟି ବାଳିକା ଦଳରୁ ୨୨୦ ଜଣ ଖେଳାଳି ରହିଛନ୍ତି। ପ୍ରତିଯୋଗିତାକୁ ସୁଚାରୁ ଭାବେ ପରିଚାଳନା ପାଇଁ ପ୍ରାୟ ୪୦ ଜଣ ମ୍ୟାଚ୍ ଅଧିକାରୀ ନିୟୋଜିତ ରହିବେ। ଏଥିରେ ବାଳକ ଓ ବାଳିକା ବିଭାଗର ଚାମ୍ପିଅନ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୬ ହଜାର ଟଙ୍କା ପୁରସ୍କାର ଦିଆଯିବ।

ଏହି ପ୍ରତିଯୋଗିତାରୁ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ୧୨ ଜଣ ଲେଖାଏ ବାଳକ ଓ ବାଳିକାଙ୍କୁ ମିଶାଇ ମୋଟ ୨୪ ଜଣ ଖେଳାଳି ଚୟନ କରାଯିବ। ଏହି ଖେଳାଳିମାନେ ଅକ୍ଟୋବରରେ ପୁଣେଠାରେ ହେବାକୁ ଥିବା ୪୧ତମ ଜାତୀୟ ଯୁବ ବାସ୍କେଟବଲ୍ ପ୍ରତିଯୋଗିତାରେ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରିବେ ବୋଲି ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବାସ୍କେଟବଲ୍ ସଂଘର ସଭାପତି ଜ୍ଞାନରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି। ରାଜ୍ୟ ସଂଘ ସମ୍ପାଦକ ଅଶୋକ କୁମାର ସାହୁ, "ଚାମ୍ପ୍ସ କ୍ଲବ୍'ର ପ୍ରତିଷ୍ଠାତା ଡ. ଶାରଦା ପ୍ରସାଦ ମିଶ୍ର, ଅଧକ୍ଷା ରଞ୍ଜିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶାର ଏଲିନା ଭାରତର ସର୍ବକନିଷ୍ଠ ମହିଳା ବ୍ଲିଜ୍ ରେଟେଡ୍ ଖେଳାଳି

ଭୁବନେଶ୍ୱର,୧।୯ (ସମିସ): ଓଡ଼ିଶା ତଥା ଭୁବନେଶ୍ୱର ସାଇ ଆଙ୍ଗନ ସ୍କୁଲର କେଜି-୧ରେ ପଢ଼ୁଥିବା ଛାତ୍ରୀ ଏଲିନା ମିଶ୍ର ଭାରତର ସର୍ବକନିଷ୍ଠ ମହିଳା ବ୍ଲିଜ୍ ରେଟେଡ ଖେଳାଳି ହୋଇଛନ୍ତି। ନିକଟରେ ଓଡ଼ିଶା ରାଜ୍ୟ ରାପିଡ ଓ ବ୍ଲିଜ୍ ଚେସ୍ ଟୁର୍ଣ୍ଣାମେଣ୍ଟ ପରେ ଏହି ରେଟିଂ ପାଇଛନ୍ତି। ଫଳରେ ୪ବର୍ଷ, ୬ ମାସ ୧୬ ଦିନରେ ସେ ଭାରତର ସର୍ବକନିଷ୍ଠ ମହିଳା ବ୍ଲିଜ୍ ରେଟେଡ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏହା ପୂର୍ବରୁ ଦିଲ୍ଲୀର ଆରିନି ଲାହୋଟି ୫ବର୍ଷ ୧୦ ମାସ ବୟସରେ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ଏଲିନା ହେଉଛନ୍ତି ଓଡ଼ିଶାର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଚନ୍ଦ୍ରିମା ଘୋଷଙ୍କ ସୁକନ୍ୟା। ଏଲିନାଙ୍କ ଏହି ସଫଳତା ଲାଗି କିଙ୍ଗ ଚେସ ସେଣ୍ଟର ପକ୍ଷରୁ ବିଶ୍ୱଜିତ ରାୟ, ଅଲ୍‌ଓଡ଼ିଶା ଚେସ ସଂଘ ପକ୍ଷରୁ ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ପକ୍ଷରୁ ଶୁଭାଶିଷ ପଟ୍ଟନାୟକ ଓ କେନ୍ଦ୍ରପଡ଼ା ଜିଲ୍ଲା ଚେସ ସଂଘ ପକ୍ଷରୁ ଭବେଶ ମହାନ୍ତି କୁନି ଚେସ ତାରକା ଏଲିନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ପାରା ସିଟିଂ ଭଲିବଲ୍‌ରେ ଭାଗନେଲେ ୧୭ ଟିମ୍

ଭୁବନେଶ୍ୱର, ୧।୯ (ସମିସ)

ଉତ୍କଳ କରାଟେ ସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ପାରା ସିଟିଂ ଭଲିବଲ୍ ୧୭ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଦିବ୍ୟାଙ୍ଗ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ଜିଲ୍ଲାର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ

ସଫଳତାର ସହ ଅନୁଷ୍ଠିତ ହୋଇଛି। ପାରା ଭଲିବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ଯୋଗଦେଇଥିଲେ। ସେହିଭଳି ଉତ୍କଳ କରାଟେ ସ୍କୁଲର ସମ୍ପାଦକ କମ୍ ମୁଖ୍ୟ କୋଚ୍ ହରିପ୍ରସାଦ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ଓ ଗୌରବମୟ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କ୍ରୀଡ଼ାବିତମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS